




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୦ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 20 November 2024

Vol.No. 35 ■ No.307 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମିସାଇଲ ମାଡ଼ ପରେ ଘାରିଲା ପରମାଣୁ ଯୁଦ୍ଧ ଭୟ

## ଖାଦ୍ୟ ଓ ପାଣି ଗଚ୍ଛିତ ରଖିବାକୁ ୟୁରୋପୀୟ ଦେଶର ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୯/୧୧ : ପୂରା ୟୁରୋପ ଓ ବିଶ୍ୱକୁ ଘାରିଛି ପରମାଣୁ ଯୁଦ୍ଧର ଭୟ। ରୁଷ-ୟୁକ୍ରେନ ଯୁଦ୍ଧ ଯେକୌଣସି ମୁହୂର୍ତ୍ତରେ ସବୁଠାରୁ ଭୟଙ୍କ ରୂପ ନେଇପାରେ। ରୁଷର ପରମାଣୁ ହମଲା ଧମକ ସତ୍ତ୍ୱେ ୟୁକ୍ରେନ ପକ୍ଷରୁ ଆମେରିକା ନିର୍ମିତ ୬ଟି ଲଙ୍ଗ ରେଞ୍ଜ ମିସାଇଲ ମସ୍କୋ ଉପରେ ମାଡ଼ କରାଯାଇଛି। ଅବଶ୍ୟ ରୁଷ ଏହା ମଧ୍ୟରୁ ୫ଟି ଆକାଶ ପଥରେ ଖସାଇ ଦେଇଥିବା ବେଳେ ଗୋଟିଏକୁ ଧ୍ୱଂସ କରିଦେଇଛି। ଏହି ମିସାଇଲ ଧ୍ୱଂସ ହୋଇ ତଳେ ପଡ଼ିବାରୁ କିଛି ସ୍ଥାନରେ ଛୋଟ ଧରଣର ଅଗ୍ନିକାଣ୍ଡ ଘଟିଛି। ହେଲେ ରୁଷର ସେମିତି କୌଣସି କ୍ଷୟକ୍ଷତି ହୋଇନାହିଁ। କିନ୍ତୁ ୧୦୦୦ ଦିନର ଯୁଦ୍ଧ ମଧ୍ୟରେ ୟୁକ୍ରେନ ପ୍ରଥମଥର ଆମେରିକା ନିର୍ମିତ ମିସାଇଲ ବ୍ୟବହାର କରିଥିବାରୁ ଚିହିଁକି ଉଠିଛି ରୁଷ। ତେଣୁ ରୁଷ ଯେକୌଣସି ମୁହୂର୍ତ୍ତରେ ୟୁକ୍ରେନ ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ଆକ୍ରମଣ କରିବାର ଆଶଙ୍କା ପ୍ରକାଶ ପାଇଛି। ଏହି ଆଶଙ୍କା ଦ୍ୱାରା ୟୁରୋପୀୟ ଦେଶଗୁଡ଼ିକ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। ଆସନ୍ନ ଯୁଦ୍ଧକୁ ଦୃଷ୍ଟିରେ ରଖି ନାଟୋ ରାଷ୍ଟ୍ରଗୁଡ଼ିକ ଲୋକଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି। ଲୋକଙ୍କୁ ଅତିକମରେ ୭ ଦିନ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ସହ ଖାଦ୍ୟ ଓ ପାନୀୟ ଜଳ ଗଚ୍ଛିତ କରିବାକୁ ଏକାଧିକ ୟୁରୋପୀ ରାଷ୍ଟ୍ରଗୁଡ଼ିକ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱଡେନ ପକ୍ଷରୁ ଲୋକଙ୍କୁ ଦିଆଯାଇଥିବା ପାମଫ୍ଲେଟରେ ଲୋକଙ୍କୁ ସମ୍ଭାବ୍ୟ ପରମାଣୁ ଯୁଦ୍ଧ ପାଇଁ ସତର୍କ କରାଯାଇଛି। ସମସ୍ତଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ କୁହାଯାଇଛି। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ୫ମଥର ପାଇଁ ସ୍ୱଡେନ ଏପରି ସତର୍କ ଜାରି କରିବା ସହ ପ୍ରତ୍ୟେକ ନାଗରିକଙ୍କ ଘରେ ପାମଫ୍ଲେଟ ଦିଆଯାଇଛି। ନରୱେ ମଧ୍ୟ ଲୋକଙ୍କୁ ଗୋଟିଏ ସପ୍ତାହ ଧରି ଲାଗୁ ହେବାକୁ ଥିବା ଜରୁରୀ ପରିସ୍ଥିତି ପାଇଁ ଆଗୁଆ ପ୍ରସ୍ତୁତ ହେବାକୁ କୁହାଯାଇଛି। ଏହା ମଧ୍ୟରେ ଅଲଆଉଟ ଯୁଦ୍ଧ କଥା ମଧ୍ୟ କୁହାଯାଇଛି। ଡେନମାର୍କ ଲୋକଙ୍କୁ ଇ-ମେଲ କରି ସତର୍କ କରାଇଛି। ଲୋକଙ୍କୁ ଅତି କମରେ ୩ ଦିନ ପାଇଁ ଶୁଖିଲା ରାସନ, ପାଣି ଓ ମେଡିସିନ ଗଚ୍ଛିତ ରଖିବାକୁ କୁହାଯାଇଛି। ଡେନମାର୍କ ସରକାର ମଧ୍ୟ ଆଣବିକ ଯୁଦ୍ଧର ଆଶଙ୍କା କରିଛନ୍ତି। ଫିନଲ୍ୟାଣ୍ଡ ବି ଅନଲାଇନ ▶▶ପୃଷ୍ଠା ୭

# ଓଡ଼ିଶାରେ ପଞ୍ଝା ମେଲାଉଛି ଆଦାନୀ: ଏକର ଏକର ଜାଗା କିଣି ପ୍ରଭାବ ବିସ୍ତାର ପାଇଁ ସଜବାଜ



ଭୁବନେଶ୍ୱର, ୧୯/୧୧ (ନି.ପ୍ର): ବଲାଙ୍ଗୀର ହରିଶଙ୍କର ପାଦଦେଶରେ ଥିବା ଭରୁଆମୁଣ୍ଡା ମୌଜାରେ ଆଦାନୀ ୧୮ ଏକର ଜମି କିଣିବା ପଟ୍ଟା ଭାଇରାଲ ହେବା ପରେ ବଢୁଛି ବିରୋଧ । ଗ୍ରାଉଣ୍ଡ ଜିରୋରେ ପହଞ୍ଚି ସତ ପରଖିଛି କନକ ନ୍ୟୁଜ ଟମ । ଜମି ବିକିଥିବା ଲୋକେ ଆଦାନୀ ବିଷୟରେ ଜାଣିନାହାନ୍ତି ବୋଲି କହିଛନ୍ତି । ଦଲାମ ସେମାନଙ୍କ ଜମି ନେଇଯାଇଥିବା କହିଛନ୍ତି । ଏହାରି ଭିତରେ ଦୁଇମନ୍ତ୍ରୀ କହିଛନ୍ତି, ପ୍ରସଙ୍ଗ ନଇ ନ ଦେଖୁଣୁ ଲଙ୍ଗଳା ଭଳି । ବଲାଙ୍ଗୀରର ଭରୁଆମୁଣ୍ଡା ଗାଁରେ କନକ ନ୍ୟୁଜ ପହଞ୍ଚି ବା ପରେ ଇଏ ହେଉଛି ଜମି ବିକ୍ରେତାଙ୍କ ପ୍ରତିକ୍ରିୟା । ଜମି ବିକ୍ରେତା ଜାଣିନାହାନ୍ତି ଆଦାନୀ କିଣିଛି ଜମି । ସେମାନଙ୍କ କହିବା କଥା ହେଲା, ଦଲାଲ ଆସି ସରକାର ଗଛ ଲଗାଇବେ କହି ଜମି କିଣିନେଇଛନ୍ତି । ବିକ୍ରି ହୋଇଥିବା ଜମିକୁ କମ୍ପାନୀ ସିମେଣ୍ଟ ଖୁଣ୍ଟ ଦେଇ ଅକ୍ତିଆର କରିବାରେ ଲାଗିଛି । ଆଦାନୀ କମ୍ପାନୀ ଜମି କିଣିବା କଥା ନ କହି ଦଲାଲ ଜମି ଠକି ନେଇଯାଇଥିବା କଥା କହିଛନ୍ତି ଜମି ବିକ୍ରେତା । ଗନ୍ଧମାର୍ଦ୍ଦନ ପାହାଡ ତଳେ ଆଦାନୀ କମ୍ପାନୀ ଜମି କିଣିବା ଘଟଣାରେ ରାଜ୍ୟରେ ତର୍ଜିତୋଫାନ ଜାରି ରହିଥିବାବେଳେ ରାଜସ୍ୱମନ୍ତ୍ରୀ ଓ ଖଣିମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ଖଣିମନ୍ତ୍ରୀ କହିଛନ୍ତି, କେତେ ବେଳ ଅଛି, କେତେ କାମ ଅଛି ତେଣୁ ଧୈର୍ଯ୍ୟହରା ହୁଅନ୍ତୁ ନାହିଁ । ରାଜସ୍ୱମନ୍ତ୍ରୀ ବି କହିଛନ୍ତି, ଆଦାନୀ ଜମି କିଣିବା ପ୍ରସଙ୍ଗରେ ସେ ଜାଣନ୍ତି ନାହିଁ, ଏନେଇ ଆଦାନୀକୁ ପଚରାଯାଉ । ଗନ୍ଧମାର୍ଦ୍ଦନରେ ଆଦାନୀ ଜମି କଣିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିରୋଧ ବଢୁଛି । କିନ୍ତୁ ମୁଖ୍ୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ପ୍ରସଙ୍ଗରେ ଏ ଯାଏଁ ମୁହଁ ନ ଖୋଲିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

# ୨୫ରେ ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ବିଧାନସଭାର ଶୀତ ଅଧିବେଶନକୁ ଦୃଷ୍ଟିରେ ରଖି ବାଚସ୍ପତି ସୁରମା ପାଢ଼ୀ ଆସନ୍ତା ୨୫ତାରିଖରେ ସର୍ବଦଳୀୟ ବୈଠକ ଡାକିଛନ୍ତି । ଆସନ୍ତା ୨୬ତାରିଖରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେଉଛି ଓ ପ୍ରଥମଦିନରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପିତ ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବିଧାନସଭା ଅଧିବେଶନ ପାଇଁ ବାଚସ୍ପତି ୨୫ତାରିଖ ସୋମବାର ସର୍ବଦଳୀୟ ବୈଠକ ଡାକିଛନ୍ତି । ଏହି ଅଧିବେଶନରେ ବିଭିନ୍ନ ବିଲ୍ ଉପସ୍ଥାପନ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରାଜ୍ୟର ଲୋକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ସମସ୍ତ ବିଲ୍ ସୁରୁଖୁରୁରେ ପାରିତ ହେଉ ବୋଲି ଚାହିଁଛନ୍ତି । ▶▶ପୃଷ୍ଠା ୭

# ଜଗନ୍ନାଥଙ୍କ ଜମି ଜାଲିଆତି: ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ



ପୁରୀ, ୧୯/୧୧ (ନି.ପ୍ର): ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାଟିତୋଟା ମୌଜାରେ ଜମି କେଳେଙ୍କାରୀ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଯେଉଁମାନେ ଶ୍ରୀମନ୍ଦିର ଜମି ଅକ୍ତିଆର ବା ଏହି ଜମିରେ କୋଠା ନିର୍ମାଣ କରିଛନ୍ତି, ତାଙ୍କୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସେଳି ସାହି ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ମାଟିତୋଟା ମୌଜାର ୟୁନିଟ ୧ ଖାତା ▶▶ପୃଷ୍ଠା ୭

# ୭୦ ଲକ୍ଷ କରିନାହାଁନ୍ତି ଅପଡେଟ: ଖାଉଟି କାର୍ଡ ତାଲିକାରୁ ବାଦ ପଡିବା ନେଇ ଆଶଙ୍କା ବଢ଼ିଲା





ଭୁବନେଶ୍ୱର, ୧୯/୧୧ (ନି.ପ୍ର): ରାସନକାର୍ଡ ହିତାଧିକାରୀଙ୍କ ତଣ୍ଟିରେ କଣ୍ଟା ସାଜିଲାଣି ଇ-କେୱାଇସି । ଲକ୍ଷେ କି ଦୁଇ ଲକ୍ଷ ନୁହେଁ ପାଖାପାଖି ୭୦ ଲକ୍ଷ ହିତାଧିକାରୀ ଏପର୍ଯ୍ୟନ୍ତ କରିନାହାଁନ୍ତି ଅପଡେଟ । ଖାଉଟି କାର୍ଡ ତାଲିକାରୁ ବାଦ ପଡିବା ନେଇ ଆଶଙ୍କା ବଢ଼ିଲା । ଏପଟେ ରାସନ କାର୍ଡ ଇ-କେୱାଇସି ଅପଡେଟ୍ କରିବାର ସମୟ ସୀମା ଶେଷ ହୋଇଆସୁଛି । ▶▶ପୃଷ୍ଠା ୭

# ଦିନଟିଏ ବଢ଼ିଲା କଟକ ବାଲିଯାତ୍ରା

କଟକ, ୧୯/୧୧ (ନି.ପ୍ର): ସାଧାରଣ ଲୋକଙ୍କ ଆଗ୍ରହ ଓ ଉତ୍ସାହକୁ ଦୃଷ୍ଟିରେ ରଖି ଐତିହାସିକ କଟକ ବାଲିଯାତ୍ରାର ଅବଧିକୁ ଆଉ ଦିନଟିଏ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ବାଲିଯାତ୍ରା ୨୨ତାରିଖ ପରିବର୍ତ୍ତେ ୨୩ତାରିଖ ପର୍ଯ୍ୟନ୍ତ ଚାଲିବ । ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଐତିହାସିକ କଟକ ବାଲିଯାତ୍ରାକୁ ଗୋଟିଏ ଦିନ ବୃଦ୍ଧି କରିଛନ୍ତି। ଚଳିତ ନଭେମ୍ବର ୧୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାଠାରୁ ୮ଦିନ ପର୍ଯ୍ୟନ୍ତ ଆୟୋଜିତ ଏହି ନବମ ଦିବସରେ ଉଦଯାପନ ହେବ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ବାଲିଯାତ୍ରାକୁ ଉଦଘାଟନ କରିଥିଲେ । ଚଳିତବର୍ଷ କଟକ ବାଲିଯାତ୍ରାରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତମାନଙ୍କୁ ଦେଖିବାକୁ ମିଳିଥିଲା। ରାଜ୍ୟ ସରକାର ଏହି ଐତିହାସିକ ବାଲିଯାତ୍ରାକୁ 'ୟୁନେସ୍କୋ' ମାନ୍ୟତା ଦେବା ପାଇଁ ପ୍ରୟାସ କରୁଥିବା ଜଣାପଡ଼ିଛି ।

# ବାରବାଟୀ ଦିନିକିଆ ପାଇଁ କମିଲା ଟିକେଟ ଦର



ଭୁବନେଶ୍ୱର, ୧୯/୧୧ (ନି.ପ୍ର): ରାଜ୍ୟବ୍ୟାପୀ କ୍ରିକେଟ୍ ଦର୍ଶକ ଏବଂ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପରେ ଶେଷରେ ହ୍ରାସ ପାଇଲା ବାରବାଟୀ ଟିକେଟ ଦର। ଫେବ୍ରୁଆରୀ ୯ରେ ବାରବାଟୀରେ ଖେଳାଯିବାକୁ ଥିବା ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍ ପାଇଁ ଟିକେଟ ଦର ହ୍ରାସ ପାଇଛି। ସର୍ବନିମ୍ନ ୧୦୦ ଟଙ୍କା ଟିକେଟ ଦର ହ୍ରାସ କରିଛି ଓଡ଼ିଶା କ୍ରିକେଟ ସଂଘ। ଗ୍ୟାଲେରୀ ୧ ଓ ୩ ପାଇଁ ଟିକେଟ ୧୨୦୦ରୁ ୧୧୦୦ ଟଙ୍କାକୁ ହ୍ରାସ କରିଛି ଓସିଏ। ଗ୍ୟାଲେରୀ ୫ ପାଇଁ ଟିକେଟ ମୂଲ୍ୟ ୧୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହାକୁ ୧୨୦୦ ଟଙ୍କା କରାଯାଇଛି। ଗ୍ୟାଲେରୀ ▶▶ପୃଷ୍ଠା ୭

# ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ବଙ୍ଗୋପସାଗରରେ ଆସୁଛି ଆଉ ଏକ ଲଘୁଚାପ। ୨୧ ତାରିଖ ସୁଦ୍ଧା ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। କ୍ରମେ ଘନୀଭୂତ ହୋଇ ୨୩ ତାରିଖରେ ଲଘୁଚାପ ରୂପ ନେବ। ପରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି ଅବପାତ ରୂପ ନେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ଲଘୁଚାପର ପ୍ରଭାବ କିଭଳି ରହିବ, ଏଯାଏଁ ସ୍ପଷ୍ଟ ହୋଇନି। ସେପଟେ କୁହୁଡି ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ▶▶ପୃଷ୍ଠା ୭

# ରାଜ୍ୟରେ ଆଜିଠୁ ଆରମ୍ଭ ଧାନକିଣା: ପ୍ରଶାସନ ପ୍ରସ୍ତୁତ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଆସନ୍ତାକାଲିଠୁ ରାଜ୍ୟରେ ଆରମ୍ଭ ହେବ ଧାନକିଣା । ଧାନ ସଂଗ୍ରହ ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଛି ପ୍ରଶାସନ । କାଲି ପ୍ରଥମେ ବରଗଡ଼ ଓ ୨୧ ତାରିଖରେ ସମ୍ବଲପୁରରୁ ଧାନ କିଣିବେ ସରକାର । ଏହି ଦୁଇ ଜିଲ୍ଲାରେ ଧାନକିଣା ପାଇଁ ସବୁ ମଣ୍ଡିରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି । ଧାନ କିଣାଠୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ପୂରା ପ୍ରକ୍ରିୟା ଉପରେ ନଜର ରଖିବେ ଜଣେ ଅଧିକୃତ ଅଧିକାରୀ । କଟନୀ ଛଟନୀ ଓ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନ ନେଇ ସେ ସନ୍ଧ୍ୟାରେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବେ । ଏହାପରେ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ । ▶▶ପୃଷ୍ଠା ୭

# ରାଜଧାନୀରେ ୧୧୬ ବସ୍ତି ବାସିନ୍ଦାଙ୍କୁ ମିଳିଲା ଘର

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ୧୧୬ ବସ୍ତି ବାସିନ୍ଦାଙ୍କୁ ମିଳିଲା ଫ୍ଲାଟ୍। ଇଡିକଲ୍ ଅଡିଟୋରିୟମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ହିତାଧିକାରୀଙ୍କୁ ଆବଣ୍ଟନ ପତ୍ର ବଣ୍ଟନ କରିଛନ୍ତି। ଆଜି ମୋଟ୍ ୧୧୬ ହିତାଧିକାରୀ ଆବଣ୍ଟନ ପତ୍ର ବଣ୍ଟନ କରାଯାଇଛି। ଚନ୍ଦ୍ରଶେଖରପୁର ଏଏଚପି ପାଇଁ ୪୭, ନୀଳମାଧବ ଆବାସ ଏଏଚପି ପାଇଁ ୩୬ ଓ ସୁବୁଦ୍ଧିପୁର ବରୁଣେଇ ଏନକ୍ଲେଭ ଏଏଚପି ପାଇଁ ୨୮ ଜଣ ହିତାଧିକାରୀଙ୍କୁ ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି। ସମାବେଶକୁ ସମ୍ବୋଧିତ କରି ଡ. ମହାପାତ୍ର ବସ୍ତିବାସିନ୍ଦାଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ▶▶ପୃଷ୍ଠା ୭

# ଆଜି ମହାରାଷ୍ଟ୍ରରେ ୨୮୮ ଆସନରେ ମତଦାନ ଓ ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍



ମୁମ୍ବାଇ, ୧୯/୧୧: ନଭେମ୍ବର ୨୦ ଅର୍ଥାତ୍ ଆସନ୍ତାକାଲି ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଏବଂ ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ । ଏନେଇ ସୋମବାର ସଂଧ୍ୟାରୁ ପ୍ରଚାର ଶେଷ ହୋଇଛି । ମହାରାଷ୍ଟ୍ରର ସମସ୍ତ ୨୮୮ ଆସନରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ହେବାକୁ ଥିବାବେଳେ ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟରେ ବଳକା ୩୮ ଆସନରେ ମତଦାନ ହେବ । ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡର ୪୩ ଆସନରେ ଭୋଟ୍ ଗ୍ରହଣ ଶେଷ ହୋଇଛି । ଆସନ୍ତା ୨୩ ତାରିଖରେ ଏହି ଦୁଇ ରାଜ୍ୟ ସମେତ କିଛି ରାଜ୍ୟରେ ହୋଇଥିବା ଉପନିର୍ବାଚନର ଫଳ ପ୍ରକାଶ ପାଇବ । ମହାରାଷ୍ଟ୍ରରେ ମୋଟ୍ ୨୮୮ ବିଧାନସଭା ଆସନରେ ମତଦାନ ହେବ । ଏଥିମଧ୍ୟରୁ ୨୩୪ ଅସନ ଅଣସଂରକ୍ଷିତ ସିଟ୍ ରହିଥିବା ବେଳେ ୨୯ ଆସନ ଜନଜାତି ଏବଂ ୨୫ଟି ବିଧାନସଭା ସିଟ୍ ଅନୁସୂଚୀତ ଜନଜାତି ପାଇଁ ସଂରକ୍ଷିତ ରହିଛି । ସେହିପରି ଚଳିତ ନିର୍ବାଚନରେ ୭,୦୭୮ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ଏମାନଙ୍କ ମଧ୍ୟରୁ ୨,୯୩୮ଜଣ ଶେଷ ସମୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି । ମୋଟ୍ ୪, ୧୩୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୯.୭ କୋଟି ଭୋଟର । ଏନେଇ ୧,୦୦,୧୮୬ଟି ମତଦାନ କେନ୍ଦ୍ର ତିଆରି ହୋଇଛି । ମୁଖ୍ୟ ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁଯାୟୀ, ମୋଟ୍ ୯,୭୦,୨୫,୧୧୯ ପଞ୍ଜୀକୃତ ଭୋଟରଙ୍କ ମଧ୍ୟରେ ୫,୦୦,୨୨,୭୩ଜଣ ପୁରୁଷ ଏବଂ ,୬୯,୯୬,୨୭୯ଜଣ ମହିଳା ଏବଂ ୬,୧୦୧ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି । ୨୨, ୨୨,୭୦୪ଜଣ ୧୮ରୁ ୧୯ ବର୍ଷୀୟ ଭୋଟର ରହିଛନ୍ତି । ସେହିପରି ଶହେ ବର୍ଷରୁ ଅଧିକ ବୟସ୍କ ଭୋଟରଙ୍କ ସଂଖ୍ୟା ୪୭, ୩୯୧ ରହିଛି । ସେପଟେ ଝଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟରେ ବଳକା ୩୮ଟି ବିଧାସଭାନ ଆସନରେ ମତଦାନ ହେବ । ୫୨୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧.୨୩ କୋଟି ପଞ୍ଜୀକୃତ ଭୋଟର । ବୁଧବାର ମତଦାନ ପାଇଁ ୧୪, ୨୧୮ଟି ମତଦାନ କେନ୍ଦ୍ର ହୋଇଛି । ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡର ୪୩ ଆସନରେ ଭୋଟ୍ ଗ୍ରହଣ ଶେଷ ହୋଇଛି ।

# ନୂଆପଡ଼ାରେ ଚାଞ୍ଚଲ୍ୟ: ମଣିଷ ଖାଇଲା ବାଘ ମାଂସ



ନୂଆପଡ଼ା, ୧୯/୧୧ (ନି.ପ୍ର): ସମସ୍ତେ ଜାଣନ୍ତି ବାଘ ଖାଏ ମଣିଷ ମାଂସ। ହେଲେ ଏବେ ଯେଉଁ ଖବର ଦେଖିବା ତାହା ଆପଣଙ୍କୁ ଆଶ୍ଚର୍ଯ୍ୟ କରିଦେବ। କିନ୍ତୁ ଏ କଥା ସଂପୂର୍ଣ୍ଣ ସତ । ମଣିଷ ଖାଇଛନ୍ତି ବାଘ ମାଂସ । ଏଭଳି ଖବର ଆସିଛି ପଶ୍ଚିମ ଓଡ଼ିଶାର ନୂଆପଡ଼ାରୁ । କୋମନା ବନାଞ୍ଚଳ ଅଧିନସ୍ତ ଦେଓଧରା ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । କୋମନା ବନାଞ୍ଚଳରେ ବାରହା ଶିକାର ପାଇଁ ବିଦ୍ୟୁତ ଫାଶ ବିଛାଇଥିଲେ କିଛି ବ୍ୟକ୍ତି । କିନ୍ତୁ ବାରହା ବଦଳରେ ବିଦ୍ୟୁତ ସଂସ୍ପର୍ଶରେ ଆସି କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା । ବାଘକୁ ମାରି ମାଂସ ଖାଇଯାଇଥିଲେ ଦୁଇ ଶିକାରୀ । ବଳିଥିବା କିଛି ମାଂସକୁ ଲୁଚାଇବାକୁ ଚେଷ୍ଟା କରୁଥିବା ବେଳେ ଖବର ପାଇ ଚଢାଉ କରିଥିଲା କୋମନା ବନବିଭାଗ । ଚଢାଉ କରି ଦୁଇ ଶିକାରୀଙ୍କୁ ଗିରଫ କରିଛି ବନବିଭାଗ । ସେପଟେ ଅବଶିଷ୍ଟ ବାଘମାଂସ ସହ ଛାଲ, ନଖ ଓ ଲାଞ୍ଜ ମଧ୍ୟ ଜବତ କରାଯାଇଛି ।

# ସମୁଦ୍ରକୂଳରେ କୋଠାଘର ନିର୍ମାଣକୁ ସଚେତନ ନାଗରିକ ମଂଚର ବିରୋଧ: ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ, ୧୯/୧୧ (ନି.ପ୍ର): ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ଓ ତୀର୍ଥକ୍ଷେତ୍ର ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିର ବଳିଆପଣ୍ଡା କାମେଲିଆ ହୋଟେଲ ଠାରୁ ସୁଭ ପ୍ୟାଲେସ ସମ୍ମୁଖ ସମୁଦ୍ରକୂଳରେ ନିର୍ମାଣ ହେଉଥିବା ୬୦ରୁ ଉର୍ଦ୍ଧ୍ୱ କୋଠାଘର ସମୁଦ୍ର କୂଳରେ କୁପ୍ରଭାବ ସହିତ ବେଳାଭୂମିର ସୌନ୍ଦର୍ଯ୍ୟ ନଷ୍ଟ କରିବ । ତରବରିଆ ଭାବେ ବିଚ ରେ ପାଇଲିଙ୍ଗ କରି ଲୁହା ଛଡ ଗୋଡି ସିମେଂଟ କଂକ୍ରିଟ ନିର୍ମାଣ କରି ରାତାରାତି ନିର୍ମାଣ ହେଉଥିବା ଶହ ଶହ ପିଲାର ଓ ଘର ଦ୍ୱାରା ପରିବେଶ ଆଇନ ର ଉଲଂଘନ ହେଉଛି । ଧର୍ମକୁ ଆଖିଠାର ପରି ସମିତି ଜରିଆରେ ଏହି ସାପ କୋଠୀ ମତ୍ସ୍ୟ ଅବତରଣ କେନ୍ଦ୍ର ସମ୍ପୂର୍ଣ୍ଣ ବେଆଇନ । ତିନୋଟି ମତ୍ସ୍ୟଜୀବୀ ସମିତି ଏହି କାର୍ଯ୍ୟକୁ ସହଯୋଗ କରୁଥିବା ଶୁଣିବାକୁ ମିଳୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପୁରୀ ସମୁଦ୍ରକୂଳରେ ଉଚ୍ଚତମ ଢେଉ ପିଟି ହେଉଛି । ବାତ୍ୟା, ସୁନାମି ଅଂଚଳ ଭାବେ ପୁରୀ ସମୁଦ୍ର ରହିଛି । କୋଠା ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଲୁହାରଡ ବ୍ୟବହାର ହେଉଥିବାରୁ ଏହା ଖୁବ କମ ବର୍ଷ ଭିତରେ ସମୁଦ୍ର ଲୁଣି ପବନ ଯୋଗୁ ଛଡ କଳଙ୍କି ଲାଗିବା ସହ ପିଲରକୁ ଫଟାଇବା ସମ୍ଭାବନା ରହିଛି । କମ ଉଚ୍ଚତାରେ ଘରର ପ୍ଲେସମେଣ୍ଟ ନିର୍ମାଣ କରାଯାଇ ଘର ଭିତର ଓ ବାହାର ବାଲିରେ ପୋତି ଦିଆଯାଉଛି । ସମୁଦ୍ରକୂଳେ ଲୁହାରଡ ଗୋଡି ସିମେଂଟ ବ୍ୟବହାର ହୋଇ ସ୍ଥାୟୀ ନିର୍ମାଣ କରାଯାଉଥିବାରୁ ଏହାକୁ ତୁରନ୍ତ ବନ୍ଦ କରାଯିବା ଉଚିତ । ଅନ୍ୟପକ୍ଷରେ ସମୁଦ୍ରକୂଳେ ଉଠାଦୋକାନୀ ମାନଙ୍କୁ ଉଠି ଯିବା ପାଇଁ ପୌରସଂସ୍ଥା ନୋଟିସ ଦେଇଥିବା ବେଳେ ସେହି ସମୁଦ୍ର କୂଳରେ କିପରି ସ୍ଥାୟୀ ନିର୍ମାଣ କରାଯାଉଛି । ଏହି କୋଠାଘର ନିର୍ମାଣ ଯୋଗୁ ରାସ୍ତାରେ ଯାଉଥିବା ପଥଚାରି ଓ ବାଇକରେ ଯାଉଥିବା ପର୍ଯ୍ୟଟକ ସମୁଦ୍ର ଦର୍ଶନରୁ ବଂଚିତ ହେବେ । ଜାଲ ଡଙ୍ଗା ଓ ମାଛ ଗଦା ହେବା ଫଳରେ ସେହି ଗନ୍ଧରେ ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରିବେ । ବହୁ ବର୍ଷ ତଳେ ପୁରୀ ହୋଟେଲ ସମ୍ମୁଖରେ ଥିବା କଫି ସେଂଟର ନିର୍ମାଣ ଗୃହ, ବେଳାଭୂମି ମହୋତ୍ସବ ମଣ୍ଡପ ଓ ଅନ୍ୟ ଏକ ମଣ୍ଡପକୁ ସିଆରଯେଡ୍ ନିୟମ ପାଇଁ ଉଚ୍ଛେଦ ହୋଇଥିବା ବେଳେ ଏହି ଗୃହ କିପରି ନିର୍ମାଣ ହେଉଛି ? ସମୁଦ୍ରକୂଳରେ କ୍ରେଳ ଡ଼ଙ୍ଗା ଜାଲ ରଖିବା ବାହାନା ରେ ଏହି କୋଠା ଘର ନିର୍ମାଣ ହେଉଥିଲେ ମଧ୍ୟ ଆଗକୁ ଏଠାରେ ଦୋକାନ ଗୃହ ହେବା ପାଇଁ ଯୋଜନାକୁ ଏଡେଇ ଦିଆଯାଇନପାରେ । ଅନ୍ୟପକ୍ଷରେ ସମୁଦ୍ରକୂଳେ ନିର୍ମିତ ସି ଫେସିଙ୍ଗ ହୋଟେଲ ଗୁଡିକ ପର୍ଯ୍ୟଟକଙ୍କ ପାଇଁ ଦୃଶ୍ୟମାନ ବ୍ୟବସ୍ଥାରେ ବ୍ୟାଘାତ ସୃଷ୍ଟି କରିବ । ତୁରନ୍ତ ଏହି ନିର୍ମାଣକୁ ବନ୍ଦ କରିବା ପାଇଁ ସଚେତନ ନାଗରିକ ମଂଚ ର ସଭାପତି ପ୍ରସନ୍ନ କୁମାର ଦାଶ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଠାରେ ଦାବୀ କରିଛନ୍ତି । ଏହି ବେଆଇନ ନିର୍ମାଣ ପ୍ରତି ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ପୌରସଂସ୍ଥା, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦୃଷ୍ଟି ଦେବା ପାଇଁ ମଂଚ ଅନୁରୋଧ କରିଛି ।

# ଚମ୍ପୁଆ ଶିଶୁ ବିଦ୍ୟାମନ୍ଦିରର ୪୦ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ

ଚମ୍ପୁଆ, ୧୯/୧୧ (ନି.ପ୍ର): ଚମ୍ପୁଆ ନେହେରୁ ଷ୍ଟାଡିୟମ ଠାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବନ୍ୟାଚଂଳ ଅଧିକାରୀ ଅକ୍ଷୟ ଛତ୍ରିଆ ଯୋଗ ଦେଇ କ୍ରୀଡ଼ା ସହିତ ସବୁ କ୍ଷେତ୍ରରେ କଠିନ ପରିଶ୍ରମ ଓ ଅଭ୍ୟାସ କଲେ ଜୀବନରେ ସଫଳତା ଲାଭ କରିପାରିବେ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ, କୋଷାଧକ୍ଷ ସଦାନନ୍ଦ ଦେହୁରୀ, ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ ଓ ମୋନାଲିସା ରାଉତ ପ୍ରମୁଖ ମଂଚାସୀନ ଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ମଂଚ ପରିଚାଳନା କରିଥିଲେ । ଏହି ଉଦଘାଟନୀ ଦିବସରେ ୧୦୦ମି, ୨୦୦ ମି., ୪୦୦ମି., ୬୦୦ମି. ୮୦୦ମି. ୧୫୦୦ମି., ୩୦୦୦ମି. ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଗୋଳାଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଚ୍ଛା ଫିଙ୍ଗା, ସେହିପରି ଶିଶୁ ବାଟିକାର ୨୫ମି. , ୫୦ମି. ଦୌଡ, ବେଲୁନ ଫଟା, ଅକ୍ଷର କାର୍ଡ, ଶବ୍ଦ ଖେଳ, ଖୋଲି ଚାମଚ, ବଲ୍ ଫିଙ୍ଗା, କାଠି ଦୌଡ, ଚପଲ ଦୌଡ ଆଦି ପ୍ରତିଯୋଗୀତା କରାଯାଇଥିଲା । ଏଥିରେ ମୋଟ୍ ୮୮୬ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । କ୍ରୀଡ଼ା ଶିକ୍ଷକ ଉମେଶ ଚନ୍ଦ୍ର ମହାନ୍ତ, ବସନ୍ତ କୁମାର ମହାନ୍ତଙ୍କ ସମେତ ନିର୍ମଳ ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ପ୍ରଧାନ, ସତ୍ୟଜିତ ପ୍ରଧାନ, ପବନ କୁମାର ସାହୁ , ରବୀନ୍ଦ୍ର କୁମାର ପଣ୍ଡା, ସୁଶାନ୍ତ ଗିରି, ଅରୁଣ ଜେନା, ସରୋଜ କୁମାର ପାତ୍ର, ପ୍ରତାପ ମହାନ୍ତ, ତ୍ରିବେଣୀ ପାତ୍ର ଆଦି କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ ।

# କଳିଙ୍ଗ ବାଲିଯାତ୍ରା ୨୦୨୪ର ଷଷ୍ଠ ସନ୍ଧ୍ୟା




ପାରାଦୀପ , ୧୯/୧୧ (ନି.ପ୍ର): ଆଜି କଳିଙ୍ଗ ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟା ସ୍ଥାନୀୟ ବାଲିଯାତ୍ରା ପଡ଼ିଆରେ ମହାସମାରୋହରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା, ପାରାଦୀପ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଶ୍ରୀ ନୀଳାଭ୍ର ଦାସଗୁପ୍ତା, ଉପାଧ୍ୟକ୍ଷ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ଶ୍ରୀ ସୁଧିର ରଞ୍ଜନ ମିଶ୍ର, ମୁଖ୍ୟ କରପୋରେଟ ଆଫାୟାର୍ସ, ପି.ପି.ଏଲ , ଶ୍ରୀ ରାଜେଶ ନାୟକ, ଟର୍ମିନାଲ ମୁଖ୍ୟ,ପି.ଆଇ.ସି.ଟି ଏବଂ ଶ୍ରୀ ବସନ୍ତ ବିଶ୍ୱାଳ, ଅଧ୍ୟକ୍ଷ, ପାରାଦୀପ ପୌର ପରିଷଦ ।ଆଜିର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାପ୍ରଭୁ ଭଜନ ସନ୍ଧ୍ୟା ଦ୍ୱାରା ଭଜନ ସନ୍ଧ୍ୟା, ନବଜ୍ୟୋତି କଳା ନିକେତନ ଦ୍ୱାରା ଓଡ଼ିଶୀ ନୃତ୍ୟ, କିଡଜ ଏଫୋର୍ଟ ଡାନ୍ସ ଷ୍ଟୁଡିଓ ଓ ଦିବ୍ୟଜ୍ୟୋତି ଡାନ୍ସ ଗ୍ରୁପ ଦ୍ୱାରା ମର୍ଡଣ ଡାନ୍ସ, ଉତ୍କଳ ଭାରତୀ କଳାବିକାଶ କେନ୍ଦ୍ର ଓ ପଞ୍ଚ ପୁଷ୍ପକ କଳା ସଂସ୍ଥାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଉତ୍କଳ କଳା ମନ୍ଦିର ଓ ପାରାଦୀପ ସଂକ୍ଷ ସମିତି ଦ୍ୱାରା ସେମିକ୍ଲାସିକାଲ୍ ଡାନ୍ସ, ବଧାଇ ଡାନ୍ସ ଗ୍ରୁପ, ମଧ୍ୟପ୍ରଦେଶ ଦ୍ୱାରା ବଧାଇ ଡାନ୍ସ, ବଣ୍ଡା ପ୍ରିମିଟିଭ ଡାନ୍ସ ଗ୍ରୁପ ଦ୍ୱାରା ଢେମସା ନୃତ୍ୟ, ଏବଂ ମଣିପୁରୀ ଗ୍ରୁପ ଦ୍ୱାରା ମଣିପୁରୀ ଡାନ୍ସ ପରିବେଷଣ କରାଯାଇଥିଲା । ଶେଷରେ ସ୍ୱନାମଧନ୍ୟ ଗାୟିକା ଅସୀମା ପଣ୍ଡା ତାଙ୍କର ସଂଗୀତ ମାଧ୍ୟମରେ ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ ।

# କଳମପୁର ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ

ଭବାନୀପାଟଣା, ୧୯/୧୧ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ଅଧୀନସ୍ଥ କଳମପୁର ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ୯୬ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୭୮ ଗୋଟି ଓ ସାମୂହିତ ୧୮ ଗୋଟି ରହିଥିବା ବେଳେ ୫ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ସମ୍ପର୍କିତ ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଯୁଗଳ ମାଝୀ ଗ୍ରାମ ଭାଟିଗାଁ ଙ୍କୁ ଟ୍ରାଇସାଇକେଲ, ଶକ୍ତି ବାରିକ ଗ୍ରାମ ଭାଟିଗାଁ ଙ୍କୁ ବ୍ଲାଇଣ୍ଡ ଷ୍ଟିକ ଏବଂ ସୂର୍ଯ୍ୟ ନାଏକ ଗ୍ରାମ ଭେଲାଗାଁ, ଘାସିରମ ନାଏକ ଗ୍ରାମ ଭେଲାଗାଁ, ହିତେଶ ଦୁର୍ଗା ଗ୍ରାମ ମିନଗୁର, ମିନାକ୍ଷୀ ନାଏକ ଗ୍ରାମ ଭଇଁରିଙ୍କୁ ଭତା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।
ଏଥିରେ ଜିଲ୍ଲାପାଳଙ୍କ ସହିତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢି, ଉପଜିଲ୍ଲାପାଳ ଧର୍ମଗଡ ଧୀମାନ ଚାକମ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ସୁଚେତା ପାଣି, ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ଜିଲ୍ଲାପାଳ ଚନ୍ଦ୍ରଦାଶ ମହାନନ୍ଦିଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ତହସିଲଦାର କଳମପୁର, ବି.ଡି.ଓ. କଳମପୁର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ରାଜ୍ୟସ୍ତରୀୟ କରାଟେରେ ଅସୀମ କରାଟେ ଏକାଡେମୀର ସଫଳତା

ବଲାଙ୍ଗିର, ୧୯/୧୧ (ନି.ପ୍ର): ଗତ ନଭେମ୍ବର ୧୬ ଓ ୧୭ ତାରିଖ ଦୁଇ ଦିନ ଧରି ୩୬ ତମ ସବ୍ ଜୁନିୟର ରାଜ୍ୟ ସ୍ତରୀୟ କରାଟେ ପ୍ରତିଯୋଗିତା ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ସାଧାରଣ ସମ୍ପାଦକ ତଥା ରାଜ୍ୟ ସରକାର ଠାରୁ ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ କରାଟେ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ବାଳିକା ବିଭାଗରେ ଅଭିପସା ଦଳାଇ ଆଠ ବର୍ଷ ବିଲୋ ୩୦ କେଜି କୁମିତେ ବିଭାଗରେ ରୌପ୍ୟ ପଦକ ଓ ଦିପିକା ଭୋଇ ନଅ ବର୍ଷ ବିଲୋ ୩୦ କେଜି କୁମିତେ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ରାଜ୍ୟ ସ୍ତରୀୟ କରାଟେ ପ୍ରତିଯୋଗିତାରେ କରାଟେ ଇଣ୍ଡିଆ ଅର୍ଗାନାଇଜେସନ ର ମାନ୍ୟତା ପ୍ରାପ୍ତ ଜାତୀୟ ସ୍ତରୀୟ ରେଫରୀ ଅସୀମ କୁମାର ଭୋଇ ରେଫରୀ ତଥା ଜଜ୍ ଦାୟିତ୍ୱ ତୁଲାଇ ଥିବା ଅସୀମ କରାଟେ ଏକାଡେମୀ ତରଫରୁ ସୂଚନା ଦିଆଯାଇଛି । ଶେଷରେ ସମସ୍ତ କୃତି ପ୍ରତିଯୋଗୀ ଓ ରେଫରୀମାନଙ୍କୁ ଓଡିଶା ରାଜ୍ୟ କରାଟେ ସଂଘ ସାଧାରଣ ସଂପାଦକ ଗୌରୀ ମହାନ୍ତି ଓ ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ ଉତ୍ସାହିତ କରିଥିଲେ ।

# ଓଡ଼ିଶା ସରକାରଙ୍କ ମତ୍ସ୍ୟ ସମ୍ପଦ ବିଭାଗୀୟ ନୂତନ ଗୃହ ସମ୍ବଲପୁରରେ ଉଦ୍‌ଘାଟିତ

ସମ୍ବଲପୁର, ୧୯/୧୧ (ନି.ପ୍ର): ମତ୍ସ୍ୟ ପାଳନକୁ ଅଗ୍ରାଧିକାର ଦେବା ସହ ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପିଏମ ମତ୍ସ୍ୟ ସମ୍ପଦ ଯୋଜନା' ଆରମ୍ଭ କରିଛନ୍ତି । ଆଗାମୀ ବର୍ଷମାନଙ୍କରେ ମତ୍ସ୍ୟ ଉତ୍ପାଦନ ସହ ମାଛ ରପ୍ତାନୀକୁ ଦୁଇଗୁଣା କରିବା ଏବଂ ମତ୍ସ୍ୟ ବିଭାଗ କ୍ଷେତ୍ରରେ ରୋଜଗାରର ଲକ୍ଷ-ଲକ୍ଷ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ବିହିତ ପଦକ୍ଷେପ ନେଇଛନ୍ତି ବୋଲି ସୋମବାର ସମ୍ବଲପୁର ଜିଲ୍ଲାର ବହିଦାର ନୂଆପାଲି ଠାରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ସମ୍ପଦ ବିଭାଗର ଏକ ନୂତନ ଗୃହ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମାଛ ଚାଷ ଉତ୍ପାଦନ ବୃଦ୍ଧି କରିବା ଦିଗରେ ପରୀକ୍ଷା ନୀରିକ୍ଷା କରିବା ପାଇଁ ଏହି ନୂତନ ଭବନରେ ମତ୍ସ୍ୟ ବିଭାଗର ଜିଲ୍ଲା ଓ ଜୋନାଲ କାର୍ଯ୍ୟାଳୟ ସହିତ ଆକ୍ୱା ଲ୍ୟାବ୍ ଭବନ ମଧ ରହିଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ମାଛର ସ୍ଥାନ ସ୍ୱତନ୍ତ୍ର । ଅପାର ସମ୍ଭାବନାର ଅଂଚଳ ହୀରାକୁଦ ଓ ଆଖପାଖ ଅଂଚଳରେ ଉତ୍ପାଦନ ହେଉଥିବା କୁଡୋ ମାଛର ଚାହିଦା ରାଜ୍ୟ ବାହାରେ ଅଧିକ ରହିଛି । ସେହି ମାଛ ଚାଷକୁ ପ୍ରୋତ୍ସାହନ ଦେବା ଦିଗରେ ମଧ ଆଜିର ନୂତନ ଭବନ ସହାୟକ ହେବ । ଓଡ଼ିଶାରେ ପୂର୍ବ ସରକାର ନାମକୁ ମାତ୍ର ଏହି ସବୁ ବିଭାଗ କାର୍ଯ୍ୟ ପରିଚାଳନା କରୁଥିଲେ । ଏହି କାରଣରୁ ମତ୍ସ୍ୟଚାଷୀମାନେ ଚାଷର ପ୍ରତ୍ୟକ୍ଷ ଲାଭରୁ ବଂଚିତ ହେଉଥିଲେ । ମାତ୍ର ଓଡ଼ିଶାରେ ବିଜେପିର ନୂଆ ସରକାର ଗଠନ ହେବା ପରେ ରାଜ୍ୟ ଅର୍ଥନୀତିରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ମତ୍ସ୍ୟ ଚାଷ ପାଇଁ ବ୍ୟାପକ ସରକାରୀ ପଦକ୍ଷେପ ଗ୍ରହଣ କରାଯାଉଛି । ସମ୍ବଲପୁର, ଦେବଗଡ଼, ବରଗଡ ଜିଲ୍ଲାରେ ମାଛ ଚାଷକୁ ଦୁଇ ଗୁଣିତ କରିବା ପାଇଁ ଆଜି ଏପରି ପଦକ୍ଷେପ ନିଆଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଗାମୀ ଦିନରେ ଭାରତ ସରକାରଙ୍କ ସହଯୋଗରେ ଏହି ଅଞ୍ଚଳରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏକ 'ମତ୍ସ୍ୟ ପାର୍କ' କରାଯିବାର ଯୋଜନା କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ପାଖାପାଖି ୮୦୦ କୋଟି ଟଙ୍କା ବ୍ୟୟରେ ହୀରାକୁଦ କେନାଲକୁ ବିକଶିତ କରିବା ପାଇଁ ଯୋଜନା ହୋଇଛି । ଧାନଚାଷ, ମତ୍ସ୍ୟଚାଷ, ଗୋପାଳନ, ଛେଳି ଚାଷ ବିଶେଷକରି ଗ୍ରାମୀଣ ଜନସାଧାରଣଙ୍କ ପାଇଁ ଖାଦ୍ୟ, ପୋଷଣ ଏବଂ ରୋଜଗାରର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇରହିଛି । ଏ ଦିଗରେ ବିଜେପିର ଡବଲ ଇଞ୍ଜିନ ସରକାର ସବୁ ବର୍ଗର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି । ସୁଭଦ୍ରା ଯୋଜନାରେ ସରକାରଙ୍କ ଠାରୁ ସହାୟତା ପାଉଥିବା ମହିଳାମାନେ ସ୍ଥାନୀୟ ଅର୍ଥନୀତିକୁ ମଜଭୂତ୍ କରିବା ଭଳି ଏହି ସବୁ ଚାଷକୁ ପ୍ରୋତ୍ସାହନ କରିବା ପାଇଁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଚାଷୀଙ୍କ ଆୟ ବଢିଲେ ପରିବାର ଓ ସମାଜ ଏବଂ ସ୍ଥାନୀୟ ଅର୍ଥନୀତି ମଜଭୂତ୍ ହେବ । ୨୦୩୬ ମସିହା ସୁଦ୍ଧା ମାଛ ଉତ୍ପାଦନରେ ଆମ ରାଜ୍ୟ ୧ ନମ୍ବର ରାଜ୍ୟରେ ପରିଣତ ହେବା ଲକ୍ଷ୍ୟରେ କାମ କରିବାକି ଆହ୍ୱାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ଗ୍ରାମୀଣ ବିକାଶ, ପଂଚାୟତରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ଓ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଗଣ୍ଠିବାତ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୯/୧୧ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଗଣ୍ଠିବାତ ନିରାକରଣ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ଶୀତ ଦିନେ ଶିରା ପ୍ରଶିରା ସଙ୍କୁଚିତ ରହୁଥିବାରୁ ରକ୍ତ ସଂଚାଳନରେ ବାଧା ଉପୁଜି ଓ ଅଜୀର୍ଣ୍ଣ କାରକ ଆହାର ଦ୍ୱାରା ଆମ ସଂଚୟ ହୋଇ ଯୁବକଙ୍କ ଠାରୁ ବୃଦ୍ଧ ଯାଏଁ ଗଣ୍ଠିବାତ ରୋଗ ଦେଖାଯାଏ । ନିରାମିଷ ଆହାର, ପନିର, ଖଟା, ମଦ୍ୟପାନ, ଅଜୀର୍ଣ୍ଣ କାରକ ଖାଦ୍ୟ, ଅଧିକ ବେଗରେ ଗାଡି ଚଳାଇବା, ଶାରିରୀକ ପରିଶ୍ରମ ନକରିବା ବା ଅଧିକ ପରିଶ୍ରମ କରିବା, ଅଧିକ ରାତ୍ର ଯାଏଁ ଅନିଦ୍ରା ରହିବାଆଦି ଦ୍ୱାରା ଆମବାତ, ଗଣ୍ଠିବାତ, ବୃହତ୍ ସନ୍ଧିବାତ ହୁଏ । ଉପରୋକ୍ତ କାରଣ ସବୁ ଛାଡ଼ି ହଜମ ହେଉଥିବା ଖାଦ୍ୟ ଖାଇବେ, ଶାରିରୀକ ପରିଶ୍ରମ, ଯୋଗ, ଆସନ କରିବେ, ସଜନା ଶାଗ, ଅଦା ବା ଶୁଣ୍ଠି ଚୂର୍ଣ୍ଣ, ରସୁଣ, ଚଣା ଜାତୀୟ ଖାଦ୍ୟ ଖାଇବେ ଓ ତୈଳ ଅଭ୍ୟଙ୍ଗ କରି ଦୁଦୁରା ପତ୍ର ବା ବେଗୁନିଆ ପତ୍ର ସିଝା ସେକ ଦେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ ।

# ଗ୍ୟାସ୍ ଲିକ୍ ହୋଇ ଜଳିଗଲା ହୋଟେଲ: ଅଳ୍ପକେ ବର୍ତ୍ତିଲେ ମା ପୁଅ

ମାଲକାନଗିରି, ୧୯/୧୧ (ନି.ପ୍ର): ଗ୍ୟାସ ଲିକ୍ ହୋଇ ଜଳିଗଲା ହୋଟେଲ । ଅଳ୍ପକେ ବର୍ତିଲେ ମା ପୁଅ । କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି ୭୯ ଶିବମନ୍ଦିର ସମ୍ମୁଖରେ ଥିବା ମହେଶ ହୋଟେଲରେ ଆଜି ସକାଳୁ ହୋଟେଲ ପାଇଁ ଖାଦ୍ୟ ରୋଷେଇ କରିବା ସମୟରେ କୌଣସି କାରଣରୁ ଗ୍ୟାସ୍ ସିଲିଣ୍ଡର୍ ର ପାଇପ୍ ଲିକ୍ ହୋଇ ହଠାତ ଜଳିଯାଇଥିଲା । ସଙ୍ଗେ ସଙ୍ଗେ ବଜାର ଲୋକ ମାନେ ଏବଂ ଥାନା ଅଧିକାରୀ ସହ ପୋଲିସ ଷ୍ଟାଫ୍ ଆସି ନିଆଁକୁ ଆୟତ କରିଥିଲେ । ପରେ କାଲିମେଳାରୁ ଫାୟର ଗାଡ଼ି ଆସି ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଥିଲେ । ଫଳରେ ହୋଟେଲରେ ଥିବା ମା ପାଚି ସର୍ଦ୍ଦାର ଓ ପୁଅ ମହେଶ ସର୍ଦ୍ଦାର ଅଳ୍ପକେ ବର୍ତି ଯାଇଥିଲେ । କିନ୍ତୁ, ହୋଟେଲରେ ଥିବା ଆସବାବପତ୍ର ଚାଉଳ ସହ ଇଲେକ୍ଟ୍ରୋନିକ୍ସ ସାମନ୍ ସବୁ ଜଳି ଯାଇଥିବାରୁ ସରକାରଙ୍କ ପାଖରେ ମା ଏବଂ ପୁଅ ସାହାଯ୍ୟ ପାଇଁ ଅନୁରୋଧ କରୁଛନ୍ତି । ପ୍ରାୟ ୬୦ ହଜାରରୁ ଅଧିକ ଟଙ୍କାର ଏହି ଅଗ୍ନିକାଣ୍ଡରେ ନଷ୍ଟ ହୋଇଯାଇଛି ।

# ସରାପାଲିରେ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର, ୧୯/୧୧ (ନି.ପ୍ର): ମା ବାଉତୀ ଜୀବନ ସାଥି ଯୁବକ ସଂଘ, ଅରାସାହି, ସରାପାଲି ଆନୁକୁଲ୍ୟରେ ଚାଲିଥିବା ପୂର୍ଣ୍ଣିମା ମହୋତ୍ସବ ଆଜି ମହା ସମାରୋହରେ ଉଦଯାପିତ ହୋଇଯାଇଛି । ପ୍ରଥମ ଦିନ ମହିଳା ସଂକୀର୍ତନ, ଦ୍ୱିତୀୟ ଦିନ ଭଜନ ସନ୍ଧ୍ୟା ବିଜ୍ଞାଶୀ ବାରିକ (ବଲାଙ୍ଗୀର), ତୃତୀୟ ସନ୍ଧ୍ୟାରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ସୁହାନି ପ୍ରଧାନ, ଦ୍ୱିତୀୟ ସ୍ଥାନ ପ୍ରିତୀମୟୀ ସାହୁ, ତୃତୀୟ ସ୍ଥାନ କେପସୁଲ କିଡଜୀ ଅଧିକାର କରିଛନ୍ତି । ବିସର୍ଜନ ଶୋଭା ଯାତ୍ରାରେ ମୁଖ୍ୟ ଆକର୍ଷଣ ମାଁ କଇଁତା ଦେବୀ ଦୁଲଦୁଲି ବ୍ୟାଣ୍ଡ ପାର୍ଟିର ସ୍ୱରଚିତ ବାଦ୍ୟ ବେଶ୍ ମନୋଜ୍ଞ ହୋଇଥିଲା । ଶେଷରେ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସମିତି ସଭ୍ୟ ଧିରେନ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ , ମୁଖ୍ୟବକ୍ତା ସରସ୍ୱତୀ ଶିଶୁ ମନ୍ଦିର ନାକଟିଦେଉଳର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ଜିତେନ୍ଦ୍ରିୟ ସାହୁ, ନାରାୟଣ ସାହୁ, ହଳଧର ସାହୁ, ବିଶ୍ୱକସେନ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ । ସଦସ୍ୟ ରିଙ୍କୁ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭଉଣୀ ବର୍ଷାରାଣୀ ପ୍ରଧାନ ସ୍ୱାଗତ ସଂଗୀତ ଗାନ କରିଥିଲେ । ବିବରଣୀ ପଠନ ସମ୍ପାଦକ ସୁଶାନ୍ତ କୁମାର ବିଶ୍ୱାଳ କରିଥିଲେ । ଶେଷରେ ସଦସ୍ୟ ପରୀକ୍ଷିତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ସଭାପତି ଶୁଭେନ୍ଦୁ କୁମାର ବୀର, ସମ୍ପାଦକ ସୁଶାନ୍ତ କୁମାର ବିଶ୍ୱାଳ ଯୁବକ ସଂଘର ସଦସ୍ୟ ରିଙ୍କୁ, ନିଲୁ, ଅମିତ, ତପନ, ନିହାର, ଲୁଲୁ, ଅନିଲ, ପ୍ରଶାନ୍ତ, ବିଜୟ, ଅଜୟ, ପପୁନ, ଟୁଲୁ, ଖଗେଶ୍ୱର, ଟିକୁ ଓ ସମସ୍ତ ସଭ୍ୟ ଓ ଗ୍ରାମବାସୀ କାର୍ତିକ ପୂର୍ଣ୍ଣିମା ମହୋତ୍ସବ ସଂଯୋଜନା କରିଥିଲେ ।

# ୮୬ ସିସି ଟିଭି କ୍ୟାମେରା ନଜରରେ ରହିବ ହୀରାକୁଦ-ରେମେଡ ରାସ୍ତା

ସମ୍ବଲପୁର, ୧୯/୧୧ (ନି.ପ୍ର): ଜାତୀୟ ରାଜପଥର ରେମେଡ ଠାରୁ ଶିଳ୍ପ ଓ ପର୍ଯ୍ୟଟନ ସହର ହୀରାକୁଦକୁ ଯୋଡୁଥିବା ରାସ୍ତାରେ ୮୬ଟି ସିସି ଟିଭି କ୍ୟାମେରା ସଂଯୋଗ କରାଯିବ । ହିଣ୍ଡାଲକୋର ସାମାଜିକ ଦାୟିତ୍ୱବୋଧ ସିଏସଆର୍-ରାହି ଯୋଜନା ଅନୁଯାୟୀ ରେମେଡ ଛକ ଠାରୁ ହୀରାକୁଦର ଜଗନ୍ନାଥ ମନ୍ଦିର ଛକ ପର୍ଯ୍ୟନ୍ତ ଏହି ସିସିଟିଭି କ୍ୟାମେରା ଲାଗିବ । ଟ୍ରାଫିକ୍ ନିୟନ୍ତ୍ରଣ, ସଡ଼କ ସୁରକ୍ଷା ଓ ସଡ଼କ ପରିବହନକୁ ସୁବ୍ୟବସ୍ଥିତ କରିବା ପାଇଁ ଏହି ଆଧୁନିକ ସିସି ଟିଭି କ୍ୟାମେରା ସ୍ଥାପନ କରାଯିବ । ସେହିଭଳି ଏହି ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବେରିକେଡ୍ ଲଗାଯିବାର ଯୋଜନା ରହିଛି । ଏଥିପାଇଁ ପୋଲିସ ଏବଂ ହିଣ୍ଡାଲକୋ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ ଏସଡିପିଓ ଅମ୍ବିତ କୁମାର ମହାନ୍ତି, ହିଣ୍ଡାଲକୋ-ହୀରାକୁଦ କମ୍ପ୍ଲେକ୍ସ ମୁଖ୍ୟ ଦେବାଶୀଷ ମଲ୍ଲିକ, ଖଣି ସମୂହ ଓ କ୍ଲଷ୍ଟର ମୁଖ୍ୟ କ୍ରିଷ୍ଣା ପାଢ଼ୀ, ଏଫଆରପି ମୁଖ୍ୟ ସୌମିତ୍ର ନାୟକ, ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର, ହୀରାକୁଦ କମ୍ପ୍ଲେକ୍ସ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ଉପସ୍ଥିତ ଥିଲେ । ସିସିଟିଭି ଜରିଆରେ ଟ୍ରାଫିକ୍ ନିୟନ୍ତ୍ରଣରେ ସହାୟକ ହେବ ବୋଲି ଅତିରିକ୍ତ ଏସ୍‌ପି ହରେଶଚନ୍ଦ୍ର ପାଣ୍ଡେ କହିଛନ୍ତି । ପୂର୍ବରୁ ବୁର୍ଲା ଭିମସାର ଓ ହୀରାକୁଦର କେତୋଟି ସ୍ଥାନରେ ହିଣ୍ଡାଲକୋ ପକ୍ଷରୁ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରାଯାଇଛି । ସୂଚନାଯୋଗ୍ୟ ଯେ, ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମୁଖ୍ୟ ସହର ୧୨୯ଟି ସ୍ଥାନରେ ୧୧୨ଟି ସିସିଟିଭି କ୍ୟାମେରା ଲଗାଯିବା ପାଇଁ ଇତି ମଧ୍ୟରେ ଟେଣ୍ଡର ଆହ୍ୱାନ କରାଯାଇଛି । ଏଥିରୁ ୯୨ଟି କ୍ୟାମେରାରେ ଏଆଇ (କୃତ୍ରିମ ବୁଦ୍ଧିମତା) ସୁବିଧା ରହିବ ।

## ଦେଓଗାଁ ଅଂଚଳରେ ୩ଟି ପୃଥକ୍ ଦୁର୍ଘଟଣାରେ ଜଣେ ମୃତ : ୬ ଗୁରୁତର

ବଲାଙ୍ଗିର, ୧୯/୧୧ (ନି.ପ୍ର): ଦେଓଗାଁ ଥାନାର ଦେଓଗାଁ-ଭୁଡିଆରବାହାଲ ରାସ୍ତାର ସିକୁଆଁ ଛକଠାରେ ମା' କ୍ରସରର ଏକ ହାଇୱା ଗାଡ଼ି ବାଇକ୍ କୁ ଧକ୍କା ଦେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା । ବାଇକ୍ ରେ ଥିବା ଅନ୍ୟ ଜଣେ ଗୁରୁତର ହୋଇଥିଲେ । ମୃତକ ଜଣକ ବଲାଙ୍ଗିର ସଦର ଥାନା ବାନିପାଲି ଗାଁର ହରିହର ବରିହା ବୋଲି ଜଣାପଡ଼ିଛି । ଗୁରୁତର ନଟ ବରିହାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା । ପୁଲିସ ହାଇୱା ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି । ସେହିପରି ୨୬ ନଂ ଜାତୀୟ ରାଜପଥ ଦେଓଗାଁ କଲେଜ ଛକଠାରେ ଭାରସାମ୍ୟ ହରାଇ ଏକ କାର୍ ବିଦ୍ୟୁତ୍ ଖୁଂଟରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । କାର ଭିତରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତି ଯାଇଥିଲେ । ସେହିପରି ଅପରାହ୍ନରେ ଦେଓଗାଁ-ଉଡ଼ାର ରାସ୍ତାର ଉଡ଼ାର ଗାଁ ମୁଣ୍ଡରେ ୨ ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି ।

## ଅଗ୍ନିପଥ ଯୋଜନା ମାଧ୍ୟମରେ ଆର୍ମି ନିଯୁକ୍ତି ରାଲି

ବଲାଙ୍ଗିର, ୧୯/୧୧ (ନି.ପ୍ର): ଅନୁଗୁଳ , ବରଗଡ, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର , ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଅଗ୍ନିପଥ ଯୋଜନା ମାଧ୍ୟମରେ ଆର୍ମି ନିଯୁକ୍ତି ରାଲି ଅନୁଷ୍ଠିତ ହେବ । ଏହି ଆର୍ମି ନିଯୁକ୍ତି ରାଲି ରାଉରକେଲା ର ସେକ୍ଟର ୬ ସ୍ଥିତ ଇସ୍ପାତ ଷ୍ଟାଡିଅମ ଠାରେ ଡିସେମ୍ବର ମାସ ୬ ତାରିଖ ଠାରୁ ୦୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସାଧାରଣ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ସଫଳ ପ୍ରାର୍ଥୀ ମାନେ ଏହି ଶାରୀରିକ ଫିଟନେସ୍ ପରୀକ୍ଷା ନିଯୁକ୍ତି ରାଲି ପାଇଁ ସେମାନଙ୍କ ଆଡମିଟ୍ କାର୍ଡ ୱେବ ସାଇଟ ରୁ ଡାଉନଲୋଡ୍ କରିପାରିବେ । ଏହା ସହ ସେମାନଙ୍କ ଇ ମେଲ କୁ ମଧ ଆଡମିଟ୍ କାର୍ଡ ପଠା ଯାଇଛି । କୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ସମ୍ବଲପୁରସ୍ଥିତ ଆର୍ମି ରିକ୍ରୁଟିଂ ଅଫିସରେ ମଧ ଯୋଗାଯୋଗ କରିପାରିବେ ।

## ବିବାହର ପ୍ରଲୋଭନ ଦେଖାଇ ସମ୍ପର୍କ ପରେ ପ୍ରତାରଣା

ଜୟପୁର, ୧୯/୧୧ (ନି.ପ୍ର): ଜଣେ ନାବାଳିକାକୁ ବିବହାର ପ୍ରଲୋଭନ ଦେଖାଇ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ପୋଲିସ ସୂଚନା ଅନୁଯାଇ ଜଣେ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଶାରିରିକ ସମ୍ପର୍କ ରଖିବାପରେ ପ୍ରତାରଣା କରିଛି । ପାଡୁଆ ଅଂଚଳର ଅଭିଯୁକ୍ତ ନାବାଳକ କରିଥିବା ନେଇ ନାବାଳିକା ଜଣକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ନାବାଳକକୁ କାବୁ କରି ଜୁଭେଲାଇନଜଷ୍ଟିସ ବୋର୍ଡ ଙ୍କ ନିକଟରେ ହାଜର କରାଯାଇଛି । ଜାମିନ ନା ମଞ୍ଜୁର ହେବାରୁ ମାଲକାନଗିରି ସୁଧାରଗୃହ କୁ ପଠାଯାଇଥିବା ବିଷୟ ଆଜ ସଂନ୍ଧ୍ୟା ୬ଟାରେ ଜୟପୁର ମହିଳା ଥାନା ଅଧିକାରି ଅନିତା କୁଜୁର ସୁଚନା ଦେଇଛନ୍ତି ।

# କେବଳ ଓଜନ ନିୟନ୍ତ୍ରଣ ନୁହେଁ, ଏହି ସବୁ ରୋଗ ଦୂର କରିପାରେ ଚିଆ ସିଡ୍ସ

**ଡାଏଟ୍ କଥା ଆସିଲେ ପ୍ରଥମେ ପ୍ରାଥମିକତା ଚିଆ ସିଡ୍ସକୁ ଦିଆଯାଏ। ଏହା ଓଜନ ନିୟନ୍ତ୍ରଣରେ ବେଶ୍ ସହାୟକ ହୁଏ। ଏଥିରେ ପ୍ରଚୁର ପରିମାଣରେ ଫାଇବର, ପ୍ରୋଟିନ୍, କ୍ୟାଲସିୟମ୍, ମାଙ୍ଗାନିଜ୍, ଓମେଗା-୩ ଫ୍ୟାଟି ଏସିଡ୍, ଫସଫରସ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ। ସକାଳେ ଖାଲି ପେଟରେ ଚିଆ ମଞ୍ଜି ଖାଇବା ଦ୍ୱାରା କେବଳ ଯେ ଓଜନ ନିୟନ୍ତ୍ରଣ ହୁଏ ତାହା ନୁହେଁ, ଅନେକ ରୋଗରୁ ମଧ୍ୟ ଉପଶମ ମିଳିପାରେ। ଏହି ପାୱାରହାଉସ୍ ସିଡ୍ସରେ କି କି ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି, ଜାଣନ୍ତୁ...**



*ଚିଆ ସିଡ୍ସର ଉପକାରିତା*

ରକ୍ତ ଶର୍କରାକୁ ନିୟନ୍ତ୍ରଣ କରେ:- ଯଦି ମଧୁମେହରେ ପୀଡିତ ଅଛନ୍ତି, ତେବେ ନିଶ୍ଚିତ ଭାବରେ ଚିଆ ସିଡ୍ସ ଖାଆନ୍ତୁ। ଚିଆ ସିଡ୍ସ ରକ୍ତରେ ଶର୍କରା ସ୍ତରକୁ ହ୍ରାସ କରିଥାଏ। ଏଥିରେ ଥିବା ଫାଇବର ରକ୍ତରେ ଥିବା ଶର୍କରାକୁ ହ୍ରାସ କରିଥାଏ।

ଓଜନ ହ୍ରାସ:- ଦ୍ରୁତଗତିରେ ଓଜନ ବୃଦ୍ଧି ପାଉଥିଲେ, ଡାଏଟରେ ନିଶ୍ଚିତ ରୂପେ ଚିଆ ସିଡ୍ସ ଯୋଗ କରନ୍ତୁ। ନିୟମିତ ଚିଆ ସିଡ୍ସ ପିଇବା ଦ୍ୱାରା ଓଜନ ହ୍ରାସ ପାଇଥାଏ।



ଶକ୍ତିଶାଳୀ ହୁଏ ଅସ୍ଥି:- ଅସ୍ଥି ସ୍ୱାସ୍ଥ୍ୟକୁ ସୁସ୍ଥ ରଖେ ଚିଆ ସିଡ୍ସ। ଏହା ବ୍ୟତୀତ ଅସ୍ଥି ସହ ଜଡିତ ଅନେକ ରୋଗ ମଧ୍ୟ ଆରୋଗ୍ୟ ହୋଇପାରେ।

ତ୍ୱଚାରେ ଆଣେ ଚମକ:- ଚିଆ ସିଡ୍ସରେ ପ୍ରଚୁର ପରିମାଣର ଉପାଦାନ ଥାଏ ଯାହାକି ଚର୍ମକୁ ଜୀବାଣୁରୁ ରକ୍ଷା କରିଥାଏ। ଏହା ବ୍ୟତୀତ ଏହା ଏକ ଭଲ ମଶ୍ଚରାଇଜର ମଧ୍ୟ। ଚିଆ ସିଡ୍ସ ଖାଇବା ଦ୍ୱାରା ଚର୍ମ ଜ୍ୱଳନ ସମସ୍ୟା ମଧ୍ୟ ଦୂର ହୋଇପାରେ।

ଚିଆ ସିଡ୍ସ କିପରି ଖାଇବେ :

ଆଇରନ୍, ଫାଇବର, ପୋଟାସିୟମ୍, ଭିଟାମିନ୍-ସି ଭଳି ଅନେକ ଗୁଣ ଚିଆରେ ମିଳିଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଚିଆ ସିଡ୍ସକୁ ପାଣିରେ ଭିଜାଇ ଖାଇବା ସହ କ୍ଷୀରରେ ମଧ୍ୟ ଖାଇପାରିବେ।

# ପତଳା ଶରୀରକୁ ନେଇ ଚିନ୍ତିତ କି ? ଖାଲି ପେଟରେ ଖାଆନ୍ତୁ ଏହି ସବୁ ଖାଦ୍ୟ

ଝଡ଼ି ଗଲଣି କାହିଁକି, ଏତେ ପତଳା କାହିଁକି ଦେଖାଯାଉଛ, ଓଜନ କମ୍ ଥିବା ବ୍ୟକ୍ତିମାନେ ଅଧିକାଂଶ ଲୋକଙ୍କଠାରୁ ଏପରି ପ୍ରଶ୍ନର ସାମ୍ନା କରିଥିବେ ନିଶ୍ଚୟ। ଯଦି ଆପଣ ବି ଏପରି ପ୍ରଶ୍ନର ସାମ୍ନା କରିଛନ୍ତି, ତେବେ ଚିନ୍ତିତ ହୁଅନ୍ତୁ ନାହିଁ। ସକାଳ ଡାଏଟରେ ଏପରି କିଛି ଖାଦ୍ୟ ଆଡ୍ କରନ୍ତୁ, ଯାହା ଅଳ୍ପ ଦିନରେ ଓଜନ ବୃଦ୍ଧି କରିବାରେ ସାହାଯ୍ୟ କରପାରିବ।

ଏପରି କିଛି ଖାଦ୍ୟ ରହିଛି, ଯାହାକୁ ସକାଳେ ଖାଲି ପେଟରେ ଖାଇବା ଦ୍ୱାରା କେବଳ ଯେ ଓଜନ ବୃଦ୍ଧ ପାଇବ ତାହା ନୁହେଁ, ଏହା ମଧ୍ୟ ଶରୀରକୁ ଆବଶ୍ୟକୀୟ ଶକ୍ତି ଯୋଗାଇପାରିବ। ତେବେ କଣ ସେହି ସବୁ ଖାଦ୍ୟ, ଜାଣନ୍ତୁ...

କଦଳୀ ଏବଂ କ୍ଷୀର: କଦଳୀ ହେଉଛି ଏକ ପୁଷ୍ଟିକର ଫଳ, ଯେଉଁଥିରେ ଯଥେଷ୍ଟ ପରିମାଣର କାର୍ବୋହାଇଡ୍ରେଟ୍ ଏବଂ କ୍ୟାଲୋରୀ ଥାଏ। ସେହିପରି କ୍ଷୀର ମଧ୍ୟ ପ୍ରୋଟିନ୍ ଏବଂ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ। ଯେତେବେଳେ ଏହି ଦୁଇଟି ମିଶ୍ରିତ ହୁଏ, ଏହା ଏକ ଶକ୍ତିଶାଳୀ ମିଶ୍ରଣ ହୋଇଯାଏ ଯାହା ଓଜନ ବୃଦ୍ଧିରେ ସାହାଯ୍ୟ କରିପାରେ।

କିପରି ଖାଇବେ: ସକାଳେ ଖାଲି ପେଟରେ ଗୋଟିଏ କିମ୍ବା ଦୁଇଟି ପାଚିଲା କଦଳୀ ଖାଆନ୍ତୁ ଏବଂ ତା'ପରେ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଅନ୍ତୁ। କ୍ଷୀରରେ ଅଳ୍ପ ମହୁ ମଧ ମିଶାଇ ପିଇ ପାରିବେ।

ଶୁଖିଲା ଫଳ ଏବଂ ବାଦାମ: ଡ୍ରାଏ ଫ୍ରୁଟ୍ସ ଏବଂ ନଟ୍ସ ଭଳି ବାଦାମ, ଅଖରୁଟ କିସମିସ୍ ଏବଂ



ଖଜୁରରେ ଅଧିକ କ୍ୟାଲୋରୀ ସାଙ୍ଗକୁ ସୁସ୍ଥ ଚର୍ବି ଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଗୁଡ଼ିକ ଶରୀରକୁ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ଯୋଗାଇଥାଏ ଏବଂ ଓଜନ ବଢାଇବାରେ ସାହାଯ୍ୟ କରିଥାଏ।

କିପରି ଖାଇବେ: ସକାଳେ ମୁଠାଏ ଡ୍ରାଏ ଫ୍ରୁଟ୍ସ ଏବଂ ବାଦାମ ଖାଆନ୍ତୁ। ଏଗୁଡ଼ିକୁ ଭିଜାଇ ଖାଇପାରିବେ, ଫଳରେ ହଜମ ଶୀଘ୍ର ହୋଇପାରିବ।

ଘିଅ ଓ ଗୁଡ଼: ଘିଅ ଏବଂ ଗୁଡର ମିଶ୍ରଣ କେବଳ ଏକ ସୁନ୍ଦର ସ୍ୱାଦ ଦେବ ନାହିଁ, ବରଂ ଓଜନ ବୃଦ୍ଧି ପ୍ରୟାସରେ ମଧ୍ୟ ସହାୟକ ହୋଇପାରେ। ଘିଅରେ ସୁସ୍ଥ ଚର୍ବି ରହିଥାଏ, ଯାହା ଶକ୍ତି ଯୋଗାଇଥାଏ ଏବଂ ଲୌହ ସହ ଅନ୍ୟାନ୍ୟ ଜରୁରୀ ଖଣିଜ ପଦାର୍ଥର ଏକ ଉତ୍ତମ ଉତ୍ସ।

କିପରି ଖାଇବେ: ସକାଳେ ଖାଲି ପେଟରେ ଏକ ଚାମଚ ଘିଅ ସହିତ ଏକ ଛୋଟ ଖଣ୍ଡ ଗୁଡ଼ ଖାଆନ୍ତୁ। ଏହି ମିଶ୍ରଣ କେବଳ ହଜମ ପ୍ରକ୍ରିୟାକୁ ମଜବୁତ କରିବ ନାହିଁ, ବରଂ ଶରୀରକୁ ଆବଶ୍ୟକୀୟ ଶକ୍ତି ମଧ୍ୟ ଯୋଗାଇବ।

**ଏପରି କିଛି ଖାଦ୍ୟ ରହିଛି, ଯାହାକୁ ସକାଳେ ଖାଲି ପେଟରେ ଖାଇବା ଦ୍ୱାରା କେବଳ ଯେ ଓଜନ ବୃଦ୍ଧ ପାଇବ ତାହା ନୁହେଁ, ଏହା ମଧ୍ୟ ଶରୀରକୁ ଆବଶ୍ୟକୀୟ ଶକ୍ତି ଯୋଗାଇପାରିବ। ତେବେ କଣ ସେହି ସବୁ ଖାଦ୍ୟ, ଜାଣନ୍ତୁ...**









# ଭଲ ହଜମ ହେଉନଥିଲେ ଆପଣାନ୍ତୁ ଏହି ସବୁ ଖାଦ୍ୟ

**ଯଦି ହଜମ ପ୍ରକ୍ରିୟାରେ କୌଣସି ସମସ୍ୟା ନାହିଁ, ତେବେ ସ୍ୱାସ୍ଥ୍ୟରେ ମଧ୍ୟ କୌଣସି ସମସ୍ୟା ଦେଖାଯିବାର ନାହିଁ। ମୋଟା ମୋଟି ଭାବେ ଉ ମ ସ୍ୱାସ୍ଥ୍ୟର ରହସ୍ୟ ଏକ ଭଲ ହଜମ ପ୍ରକ୍ରିୟା ବୋଲି ବିବେଚନା କରାଯାଏ। କିନ୍ତୁ ବ ର୍ମାନ ସମୟରେ ଏହା ଆଉ ଏକ ମୁଖ୍ୟ ସମସ୍ୟା ପାଲଟିଛି।**

**ଜୀବନଶୈଳୀରେ ପରିବ ର୍ନ କାରଣରୁ ଅନେକ ଲୋକ ହଜମଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଦି ଆପଣଙ୍କର ମଧ୍ୟ ଏହି ସମସ୍ୟା ରହିଛି, ତେବେ ଏଠାରେ କିଛି ଖାଦ୍ୟ ତାଲିକା ରହିଛି, ଯାହାକୁ ଖାଇବା ଦ୍ୱାରା ହଜମ ଭଲ ହେବା ସହ ଉ ମ ସ୍ୱାସ୍ଥ୍ୟ ବଜାୟ ରହିପାରିବ, କଣ ସେହି ସବୁ ଖାଦ୍ୟ ଜାଣନ୍ତୁ...**




*ଅଦା-* ପେଟକୁ ସୁସ୍ଥ ରଖିବା ପାଇଁ ଅଦା ବେଶ୍ ଲାଭଦାୟକ। ଅଦାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଭରପୂର ଥିବାରୁ ଏହା ପ୍ରଦାହ ଏବଂ ସଂକ୍ରମଣକୁ ଦୂରେଇ ରଖେ। ଅଦା ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ଓ ଅମ୍ଳତା ଭଳି ସମସ୍ୟା ମଧ୍ୟ ଦୂର ହୋଇଯାଏ ଏବଂ ହଜମ ଭଲ ରହିଥାଏ।

*କିୱି-* ଭିଟାମିନ୍-ସି ଭରପୂର ପରିମାଣରେ ଥାଏ କିୱିରେ। ଏଥିରେ ପ୍ରଚୁର ପରିମାଣର ଫାଇବର ମଧ୍ୟ ରହିଥାଏ, ଯାହା କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ। କିୱି ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ମଧ୍ୟ ସୁସ୍ଥ ରହିଥାଏ।

*ଦହି-* ଭଲ ହଜମ ପାଇଁ ନିଶ୍ଚିତ ରୂପେ ଖାଦ୍ୟରେ ଦହି ଅନ୍ତର୍ଭୁକ୍ତ କରନ୍ତୁ। ଦହିରେ ପ୍ରୋବାୟୋଟିକ୍ ଗୁଣ ଅନ୍ତଃ ସ୍ୱାସ୍ଥ୍ୟକୁ ଭଲ ରଖେ। ଏହା ବ୍ୟତୀତ, ଦହି ଉତ୍ତମ ହଜମ ବଜାୟ ରଖିବାରେ ସାହାଯ୍ୟ କରେ।

*ହଳଦୀ-* ହଳଦୀ ଅନ୍ତଃ ଓ ବାହ୍ୟ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ଭାବେ ବିବେଚନା କରାଯାଏ। ଏଥିରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ପେଟକୁ ସୁସ୍ଥ ରଖେ। ହଳଦୀ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଏକ ଉତ୍ତମ ଉପାଦାନ। ଏହାକୁ ନିୟମିତ ଖାଇବା ଦ୍ୱାରା ପେଟରେ ବ୍ୟାକ୍ଟେରିଆ ଓ ଜୀବାଣୁ ନଷ୍ଟ ହୋଇଯାଏ, ଫଳରେ ଭଲ ହଜମ ହୋଇଥାଏ।

ସେଓ- ଏଥିରେ ଉତ୍ତମ ପରିମାଣର ଦ୍ରବଣୀୟ ଫାଇବର ପେକ୍ଟିନ୍ ମିଳିଥାଏ। ଏହା ହଜମ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ, ବିଶେଷକରି କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ।

# ଘରେ କରନ୍ତୁ ଚଟପଟି ଆଳୁ-୬୫: ଖାଇବାକୁ ଭାରି ଟେଷ୍ଟି

**ଆଳୁର ଏହି ନୂଆ ଆଇଟମ୍‌କୁ ଥରେ ଘରେ ପ୍ରସ୍ତୁତ କରି ଖାଆନ୍ତୁ। ଖୁବ୍ କମ୍ ସମୟରେ ପ୍ରସ୍ତୁତ ହେଉଥିବା ଏହି ଡିସ୍ ଖାଇବାକୁ ଭାରି ଚଟପଟି।**



**ଆବଶ୍ୟକ ସାମଗ୍ରୀ:**

ଆଳୁ, କର୍ଣ୍ଣଫ୍ଲୋର,ମଇଦା, ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଅଦାରସୁଣ ପେଷ୍ଟ, ଭୃସଙ୍ଗ ପତ୍ର ଓ ଧନିଆପତ୍ର, ରିଫାଇନ୍, ଦହି, ଚାଟ୍ ମସଲା, ଜୀରା ଗୁଣ୍ଡ, ଶୁଖିଲା ଲଙ୍କା,ରସୁଣ, କଞ୍ଚାଲଙ୍କା ।

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ କିଛି ଆଳୁର ଚୋପା ଛଡ଼ାଇ ତାହାକୁ କୋରି ଦିଅନ୍ତୁ। ଏହାପରେ ସେଥିରେ ଅବଶ୍ୟକ ମୁତାବକ କର୍ଣ୍ଣଫ୍ଲୋର, ମଇଦା, ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଅଦାରସୁଣ ପେଷ୍ଟ, ଭୃସଙ୍ଗ ପତ୍ର ଓ ଧନିଆପତ୍ର ପକାନ୍ତୁ । ଏହାକୁ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେଏହାକୁ ଛୋଟ ଛୋଟ ବଲ୍ ଆକାରରେ ପ୍ରସ୍ତୁତ କରନ୍ତୁ।

ଏକ ପାତ୍ରରେ ତେଲ ଗରମ କରି ଆଳୁ ବଲ୍‌କୁ ଛାଣି ଦିଅନ୍ତୁ। ଏହାକୁ ଏକ ପାତ୍ରକୁ ବାହାର କରି ଦିଅନ୍ତୁ। ଏହାପରେ ଏକ ଛୋଟ ପାତ୍ରରେ କିଛି ଦହିରେ ଅଳ୍ପ କର୍ଣ୍ଣଫ୍ଲୋର ମିଶାନ୍ତୁ। ଏହାକୁ ଭଲ ଭାବେ ଫେଣ୍ଟିବା ପରେ ସେଥିରେ ଲୁଣ, ଲଙ୍କା, ଚାଟ୍ ମସଲା, ଜୀରା ଗୁଣ୍ଡ ମିଶାଇ ଦିଅନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ଶୁଖିଲା ଲଙ୍କା, ଭୃସଙ୍ଗ ପତ୍ର ପକାନ୍ତୁ। ଏହା ଫୁଟିବା ପରେ ଟିକିଟିକି କାଟିଥିବା ରସୁଣ, କଞ୍ଚାଲଙ୍କା ପକାନ୍ତୁ। ଏହାପରେ ସେଥିରେ ଦହି ମିଶ୍ରଣ ପକାନ୍ତୁ। ଏହା ଫୁଟିଲେ ସେଥିରେ ଛଣା ହୋଇଥିବା ଆଳୁ ବଲବ୍‌କୁ ପକାଇ ଦିଅନ୍ତୁ। ଏବେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ।

ଏବେ ପ୍ରସ୍ତୁତ ହୋଇଗଲା ଚଟପଟା ଆଳୁ-୬୫ । ଗରମାଗରମ ରୁଟି କିମ୍ବା ନାନ୍ ସହ ଏହାର ମଜା ନିଅନ୍ତୁ।

# ଚଟାପଟ ବନାନ୍ତୁ ମସଲା ସାଣ୍ଡୱଇଚ୍

**ଆବଶ୍ୟକ ସାମଗ୍ରୀ :**

ବ୍ରେଡ, ଆଳୁ, କଟା ପିଆଜ, ଧନିଆ ପତ୍ର, କଟା କଞ୍ଚାଲଙ୍କା, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମମସଲା ଗୁଣ୍ଡ, ମାୟୋନିଜ, ବଟର, ଟମାଟୋ ସସ୍

**ପ୍ରସ୍ତୁତି ପ୍ରଣାଳୀ :**

ବଜାରରୁ ବ୍ରେଡ୍ ଆଣି ତାକୁ ଦୁଇ ସାଇଟ୍‌ରେ ବଟର ଲଗାଇ ଦିଅନ୍ତୁ। ଏହାକୁ ଅଳ୍ପ ଆଞ୍ଚରେ ଭାଜନ୍ତୁ। ଏହା ଅଳ୍ପ ଭାଜି ହେଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ।

ପରେ ମସଲା କରିବା ପାଇଁ ପ୍ରଥମେ ଆଳୁକୁ ସିଝାଇ ଏକ ପାତ୍ରରେ ରଖନ୍ତୁ। ପରେ ତାକୁ ଭଲ ଭାବରେ ଚକଟି ଦିଅନ୍ତୁ। ଏହା ପରେ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ କଟା ପିଆଜ ଓ କଟା କଞ୍ଚା ଲଙ୍କାକୁ ସେଥିରେ ପକାଇ ଭାଜି ଦିଅନ୍ତୁ। ପରେ ସେଥିରେ ଚକଟି ରଖିଥିବା ଆଳୁକୁ ପକାଇ ଦେଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ତା' ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ହଳଦୀ ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଜିରା ପାଉଡର,



ଗରମ ମସଲା ଓ ଲଙ୍କା ପାଉଡର ପକାଇ କିଛି ସମୟ କଷନ୍ତୁ। ତା'ପରେ ଏକପାତ୍ରକୁ ଥଣ୍ଡା ହେବା ପାଇଁ କାଢ଼ି ଦିଅନ୍ତୁ।

ପୂର୍ବରୁ ଭାଜି ରଖିଥିବା ବ୍ରେଡ ଉପରେ ଟମାଟୋ ସସ୍ ଲଗାଇ ଦିଅନ୍ତୁ। ଏହାପରେ ତା' ଉପରେ ଆଳୁ ମସଲାକୁ ଦେଇ ଦିଅନ୍ତୁ। ତା' ପରେ ସେଥିରେ ଆପଣଙ୍କ ପସନ୍ଦ ଅନୁସାରେ ମାୟୋନିଜ ଲଗାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମସଲା ସାଣ୍ଡୱଇଚ୍। ଘରେ ତିଆରି କରନ୍ତୁ ମସଲା ସାଣ୍ଡୱଇଚ୍।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆମ ଚିକିତ୍ସା ବ୍ୟବସ୍ଥା ...

କେନ୍ଦ୍ର ସରକାର କେତେକ ଜୀବନ ରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧି କରିଛନ୍ତି। ସେସବୁ ମଧ୍ୟରେ ରହିଛି ଶ୍ୱାସ(ଆଜ୍‌ମା), ଯକ୍ଷ୍ମା, ଥାଲାସେମିଆ, ଗ୍ଲୁକୋମା, ମାନସିକ ଅବସାଦ ଆଦି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ୮ଟି ଔଷଧ। କଞ୍ଚାମାଲ୍ ଦାମ ବୃଦ୍ଧି ଯୋଗୁଁ ଏହିସବୁ ଔଷଧର ମୂଲ୍ୟ ବୃଦ୍ଧି କରିବାକୁ ପଡ଼ିଲା ବୋଲି ସରକାରୀ ଭାବେ କୁହାଯାଇଛି। ଆହୁରି ମଧ କୁହାଯାଇଛି ଯେ ଯେଉଁସବୁ ଔଷଧର ମୂଲ୍ୟ ବୃଦ୍ଧି ପାଇଛି ତାହାର ବଜାର ଦର ଅତି କମ୍ ରହୁଥିବାରୁ ଦର ବୃଦ୍ଧି ପାଇଲେ ମଧ ଲୋକଙ୍କ ପକେଟ୍‌କୁ ବିଶେଷ ବାଧିବ ନାହିଁ। ଅପରପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ବିଶ୍ୱର ମୋଟ ଯକ୍ଷ୍ମା ସଂକ୍ରମିତଙ୍କ ମଧ୍ୟରୁ ୨୬% ଭାରତରେ ଅଛନ୍ତି ଏବଂ ଯକ୍ଷ୍ମାଜନିତ ସଂକ୍ରମଣ ଓ ମୃତ୍ୟୁର ଭୟାଭହତା କୋଭିଡ୍-୧୯ଠାରୁ ମଧ ଅଧିକ। ଏଭଳି ପରିସ୍ଥିତିରେ କଞ୍ଚାମାଲ ଦର ବୃଦ୍ଧି ଆଳରେ ଜୀବନରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧି କରିବା କେତେ ଯୁକ୍ତିଯୁକ୍ତ ତାହା ବିଚାରସାପେକ୍ଷ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧୀନରେ ଔଷଧ କିଣା ଖର୍ଚ୍ଚ ଆସୁ ନଥିବାରୁ ଗରିବ ଲୋକେ ହନ୍ତସନ୍ତ ହେଉଛନ୍ତି ଏବଂ ଦର ବୃଦ୍ଧି ପଛରେ ବ୍ୟବସାୟୀ ପ୍ରଭାବ କାମ କରୁଛି ବୋଲି କେତେକ ମହଲରୁ ଅଭିଯୋଗ ଆସିଛି। ଆହୁରି ବିଡ଼ମ୍ବନା ହେଉଛି ବଜାରରେ ଜରୁରୀ ଔଷଧର ଦରଦାମ ନିୟନ୍ତ୍ରଣ ପାଇଁ ଗଠିତ ଜାତୀୟ ଔଷଧ ଦର କର୍ତ୍ତୃପକ୍ଷ(ଏନ୍‌ପିପିଏ) ହିଁ ଏହିସବୁ ଔଷଧର ୫୦% ପର୍ଯ୍ୟନ୍ତ ଦର ବୃଦ୍ଧିକୁ ସୁପାରିସ କରିଛି। ଏହି ଘଟଣା ପ୍ରଥମ ନୁହେଁ। ଏନ୍‌ପିପିଏ ଦ୍ୱାରା ୨୦୧୯ରେ ୧୨ଟି ଏବଂ ୨୦୨୧ରେ ଆଉ ତିନୋଟି ଜୀବନରକ୍ଷକାରୀ ଔଷଧର ୫୦% ଯାଏ ମୂଲ୍ୟ ବୃଦ୍ଧି ଅନୁମୋଦିତ ହୋଇଥିଲା। ନାଗରିକମାନଙ୍କୁ ନିରୋଗ ଓ ସୁସ୍ଥ ସବଳ ରଖିବା ଏକ ଜନମଙ୍ଗଳ ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ ଏବଂ ସାମ୍ବିଧାନିକ ଦାୟିତ୍ୱ। ଏଥିପାଇଁ କେନ୍ଦ୍ର ସରକାରଙ୍କ ସହିତ ବିଭିନ୍ନ ରାଜ୍ୟ ସରକାର ମଧ ବିବିଧ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। ସମସ୍ତଙ୍କୁ ମୌଳିକ ତଥା ସୁଲଭ ମୂଲ୍ୟର ଚିକିତ୍ସା ସେବା ଯୋଗାଇ ସୁସ୍ଥ ଭାରତର ସହସ୍ରାବ୍ଦୀ ଲକ୍ଷ୍ୟ ପୂରଣ ଦିଗରେ ଭାରତ ଅଗ୍ରସର ହେଉଥିବା କେନ୍ଦ୍ର ସରକାର କହୁଥିବା ପୃଷ୍ଠଭୂମିରେ ଜୀବନରକ୍ଷାକାରୀ ଔଷଧକୁ ସମ୍ପୂର୍ଣ୍ଣ ସୁଲଭ କରିବା ପରିବର୍ତ୍ତେ ଦର ବୃଦ୍ଧି କରିବା ଅସମୀଚୀନ ନୁହେଁ କି ? ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଭାରତରେ ଉଭୟ ସଂକ୍ରାମକ ଓ ଅଣ-ସଂକ୍ରାମକ ରୋଗ ବଢ଼ୁଛି। ଯେଉଁମାନେ ଏସବୁ ରୋଗର ଚିକିତ୍ସା ପାଇଁ ସରକାରୀ ସୁବିଧା ସୁଯୋଗ ପାଉ ନାହାନ୍ତି, ସେମାନଙ୍କ ସଂଖ୍ୟା ବହୁ ଅଧିକ। କର୍କଟ, ଯକ୍ଷ୍ମା, ଶ୍ୱାସ, ହୃଦରୋଗ, ମଧୁମେହ, ଉଚ୍ଚରକ୍ତଚାପ ଆଦି ସେଥିମଧ୍ୟରୁ ଅନ୍ୟତମ। ଏଥିପାଇଁ ରୋଗୀ ଓ ସେମାନଙ୍କ ପରିବାରକୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ। ପରୀକ୍ଷା ନିରୀକ୍ଷା ବାବଦ ଖର୍ଚ୍ଚ ମଧ ରୋଗୀର ପକେଟ୍ ସୀମାର ବହୁ ଊର୍ଦ୍ଧ୍ୱରେ। ସରକାରୀ ବୀମା ସୁବିଧା ପାଉନଥିବା ଜନସଂଖ୍ୟାର ଏକ ବିଶାଳ ବର୍ଗ ପାଇଁ ସ୍ୱାସ୍ଥ୍ୟ ସେବା ବା ଚିକିତ୍ସା ଏକ ବିରାଟ ବୋଝ। ଯେଉଁମାନେ ନିଜସ୍ୱ ସମ୍ବଳ ଓ ଖର୍ଚ୍ଚରେ ସ୍ୱାସ୍ଥ୍ୟ ଓ ଜୀବନ ବୀମା କରୁଛନ୍ତି ସେମାନଙ୍କ ଉପରେ ହାସ୍ୟାସ୍ପଦ ଭାବେ ଜିଏସ୍‌ଟି କଷି ଦିଆଯାଉଛି। ବସ୍ତୁତଃ ଭାରତରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବା ସରକାରଙ୍କ ମୌଳିକ କର୍ତ୍ତବ୍ୟରୁ ବହୁ ଊର୍ଦ୍ଧ୍ୱକୁ ଉଠି ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇସାରିଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଟିଳ ଓ ଦୁରାରୋଗ୍ୟ ବ୍ୟାଧିର ଉପଚାର ପାଇଁ ବ୍ୟବହୃତ ଔଷଧର ଏକ ଜାତୀୟ ତାଲିକା ପ୍ରସ୍ତୁତ କରାଯାଏ। ସେଥିରେ ଅତ୍ୟାବଶ୍ୟକ ଓ ଜୀବନ ରକ୍ଷାକାରୀ ଔଷଧଗୁଡ଼ିକୁ ତାଲିକାଭୁକ୍ତ କରି ତାହାର ମୂଲ୍ୟ କମ୍ ରଖିବା ପାଇଁ ଏକାଧିକ ନିୟାମକ ସଂସ୍ଥା ଗଠିତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। ଉତ୍ପାଦକ, ଉଦ୍ଭାବକ, ସ୍ୱତ୍ତ୍ୱଧାରୀ, ଆନ୍ତର୍ଜାତିକ ଔଷଧ ପ୍ରଶାସନ ସମେତ ଅନ୍ୟାନ୍ୟ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ସହିତ ଆଲୋଚନା ପରେ ଔଷଧର ପ୍ରଚଳନ ଓ ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। କିନ୍ତୁ ସରକାରୀ ବାବୁମାନେ ଯେଉଁସ୍ତରରେ ବସି ଆଲୋଚନା କରନ୍ତି ତାହାଠାରୁ ଢେର ଦୂରରେ ଥାଏ ବାସ୍ତବତା। ଏହାକୁ ହୃଦୟଙ୍ଗମ ନ କରିବା ପର୍ଯ୍ୟନ୍ତ ବା ବାବୁମାନେ ତୃଣମୂଳସ୍ତର ସହିତ ଜଡ଼ିତ ନ ହେବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଓ ଔଷଧ ଚିକିତ୍ସା ଖର୍ଚ୍ଚ ସମାବେଶୀ ହୋଇପାରିବ ନାହିଁ। ଆମ ଚିକିତ୍ସା ବ୍ୟବସ୍ଥା ଏପରି ଯେ ଗୋଟିଏ ବର୍ଗ ସବୁଠାରୁ ଉତ୍ତମ ଚିକିତ୍ସା ପାଉଥିବା ବେଳେ ଆଉ ଏକ ବୃହତ୍ ବର୍ଗ ଏଥିରୁ ବଞ୍ଚିତ ହେଉଛନ୍ତି। ପୁଣି ଯେଉଁ ଔଷଧ ସର୍ବାଧିକ ବ୍ୟବହୃତ ତାହା ହିଁ ନକଲି ଓ ଭେଜାଲ୍ ମାନସିକତାର ଶିକାର ହୁଏ। ଗରିବ ଲୋକମାନେ ସର୍ବାଧିକ ଆକ୍ରାନ୍ତ ହେଉଥିବା ଏଭଳି ଅନେକ ଔଷଧ ଓ ଇଞ୍ଜେକ୍‌ସନ୍ ବିଦେଶରୁ ଆମଦାନୀ କରିବାକୁ ପଡୁଛି, ଯାହାର ବଜାର ମୂଲ୍ୟ ଖୁବ୍ ଉଚ୍ଚା। ଜନଔଷଧ ଦୋକାନ ଏ କ୍ଷେତ୍ରରେ ଅସହାୟ ହୋଇପଡୁଥିବାରୁ ଗରିବ ଲୋକମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଚିକିତ୍ସକମାନେ ମଧ ସଦ୍ୟତମ ଓ ଅଧିକ ପ୍ରଭାବଶାଳୀ ଚିକିତ୍ସା ଆଳରେ ଔଷଧ ନିର୍ମାତାଙ୍କୁ ସୁହାଇବା ପରି ଔଷଧ ବ୍ୟବହାର କରିବାକୁ ରୋଗୀଙ୍କୁ ପରାମର୍ଶ ଦିଅନ୍ତି, ଯାହା ଜନଔଷଧ ଦୋକାନରେ ତତ୍କାଳ ଉପଲବ୍ଧ ହୁଏ ନାହିଁ କି ନିରାମୟ ବ୍ୟବସ୍ଥାରେ ମଧ ମିଳେ ନାହିଁ।



# ମାଆ ବଗଳାମୁଖୀ ଦେବୀ ମହାବିଦ୍ୟା

### ଶିବ ପ୍ରସାଦ ବାହିନୀପତି

ଦଶ ମହାବିଦ୍ୟାଙ୍କ ମଧ୍ୟେ ଅଷ୍ଟମ ସ୍ଥାନରେ ଅଧିଷ୍ଠିତା ସାଜିଛନ୍ତି ମହାମାୟା ବଗଳାମୁଖୀ ଯିଏକି ବୈଶାଖ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଏବଂ ରବି ପୁଷ୍ୟା ଗ୍ରହ ଯୋଗରେ ଅବତାର ଧାରଣ କରିଥିଲେ। ଏହି ଯୋଗରେ ତାଙ୍କ ଅର୍ଚ୍ଚନା ବିଶେଷ ଫଳଦାୟକ। ତାଙ୍କର ବୀଜ ମନ୍ତ୍ରଟି ହେଉଛି - 'ଓଁ ହ୍ଲୀଂ ବଗଳାମୁଖୀ ସର୍ବଦୁଷ୍ଟାନାଂ ବାଚଂ ମୁଖଂପଦଂ ସ୍ତମ୍ଭୟ ଜୀହ୍ୱାଂ କୀଳୟ ବୁଦ୍ଧି ବିନାଶାୟ ହ୍ଲୀଂ ଓଁ ସ୍ୱାହା। ସେ ସ୍ୱର୍ଣ୍ଣ ସିଂହାସନାସୀତା, ପୀତ ପୁଷ୍ପ ଶୋଭିତା ଓ ପୀତ ବସନାବୃତା, ପୀତ ଗନ୍ଧାନୁଲେପିତା ଓ ପୀତ ଚନ୍ଦନାର୍ଚ୍ଚିତା, ପୀତ ମୁଦ୍ଗର ଧାରିଣୀ, ପୀତ ଅଳଙ୍କାର ଶୋଭିତା ସହିତ ସ୍ୱହସ୍ତେ ଶତ୍ରୁର ଜିହ୍ୱା ଧାରଣ କରିଛନ୍ତି। ସେ ପୀତାମ୍ବର ବିଷ୍ଣୁ ଓ କୃଷ୍ଣଙ୍କ ପରମାରାଧ୍ୟା ଦେବୀ ଏବଂ ହରିଦ୍ରା ସରୋବରରୁ ପ୍ରକଟିତା; ସେ ସ୍ତମ୍ଭନ ବିଦ୍ୟାଧିଶ୍ୱରୀ। ସେଲାଗି ତନ୍ତ୍ରବିଦ୍ୟା ତାଙ୍କୁ 'ବ୍ରହ୍ମାଣ୍ଡ ସ୍ତମ୍ଭିନୀ ବଗଳାମୁଖୀ' କହେ।

'ପ୍ରାଣତୋଷିଣୀ ତନ୍ତ୍ର' ଅନୁସାରେ ଯେଉଁ ଦେବୀଙ୍କୁ ଅଷ୍ଟାକ୍ଷରୀ ମହାବିଷ୍ଣୁ ତ୍ରିକାଳେ ଭକ୍ତିତଃ ଅର୍ଚ୍ଚନା କରି ପଦସେବା କରନ୍ତି, ସେ ଦେବୀ ତ୍ରିଲୋକେ ଅଷ୍ଟମ ମହାବିଦ୍ୟା ରୂପେ ଖ୍ୟାତ ହୋଇ ଅର୍ଚ୍ଚିତା ହେଉଛନ୍ତି। ତେଣୁ କୁହାଯାଇଛି:-

'ଅଷ୍ଟାକ୍ଷରୀ ମହାବିଷ୍ଣୁଂସ୍ୟ ଆରାଧ୍ୟା ତ୍ରିତୟକାଳେ।

ବିଖ୍ୟାତ୍ରିଲୋକେ ତସ୍ୟାସାରାଧିତେ ଅଷ୍ଟମବିଦ୍ୟାମ୍ ।।

ଯେଉଁ ଦେବୀ ବକ ପକ୍ଷୀ ପରି ଧ୍ୟାନରତ, ବକ ଯେଭଳି ସମସ୍ତ ଜଳଜଙ୍କୁ ନିଜ ଆଡ଼କୁ ମୋହିତ କରିନିଏ; ସେଭଳି ସମସ୍ତ ଶତ୍ରୁଙ୍କୁ ଯେଉଁ ଦେବୀ ନିଜ ଆଡ଼କୁ ମୋହିତ କରିନିଅନ୍ତି ଓ ବକ ରୂପେ ଦେବୀ ଆଉ ମତ୍ସ ରୂପେ ଶତ୍ରୁ ରହିଥା'ନ୍ତି, ବଗ ଯେଭଳି ଜଳଜଙ୍କୁ ଯନ୍ତ୍ରଣା ଦେଇ ଦେଇ ମାରି ଖାଏ, ସେପରି ନିଜ ଶତ୍ରୁଙ୍କୁ କଷ୍ଟ ଦେଇ ଦେଇ ଯେଉଁ ଦେବୀ ବିନାଶ କରନ୍ତି ସେହି ଦେବୀ ପରମଯୋଗିନୀ ଭୂମଣ୍ଡଳେ ବଗଳାମୁଖୀ ନାମେ ବିଖ୍ୟାତ ଅଟନ୍ତି। ଏହାର ପ୍ରମାଣ 'ଶାକ୍ତପ୍ରମୋଦ'ର 'ବଗଳାମୁଖୀ ତନ୍ତ୍ରମ୍' ଦିଏ ଯେ -

'ବକଧ୍ୟାନେସ୍ଥିତଂ ଦେବୀ ବକାନୁକରେଣଂ ତ୍ୱଂ ମୋହୟାମ୍।

ମତ୍ସ୍ୟାତ୍ ସା ଦୈତ୍ୟାୟାଜଶତ୍ରୁ ସ ବକାନୁରୂପହାଃ ଦେବୀ ।।

ତାଡ଼୍ୟନ୍ତି ଶତ୍ରୁ ନାଶ୍ୟନ୍ତି ଶାନୁରୂପେ ବକାସଜଳଜାୟୀନମ୍।

ତସ୍ମାନାମ୍ନା ବଗଳାମୁଖୀ ଭୂମଣ୍ଡଳେ ନିତ୍ୟାଂ ପରା ଯୋଗିନୀ ।।

ଦେବୀଙ୍କୁ ନିଗମଶାସ୍ତ୍ରରେ ବଲ୍ଗାମୁଖୀ କୁହାଯାଇଥିବା ବେଳେ ଆଗମଶାସ୍ତ୍ରରେ ବଗଳାମୁଖୀ କୁହାଯାଇଛି।

ପୌରାଣିକ ବ୍ୟାଖ୍ୟାନୁସାରେଣ ଏକଦା ଏକ ପ୍ରଳୟଙ୍କାରୀ ଝଡ଼ ସମଗ୍ର ସଂସାରକୁ ଧ୍ୱଂସ କରିବାକୁ ଆଗେଇ ଚାଲିଥିଲା ; ଏ ଝଡ଼ରେ ପ୍ରାଣୀ ଜଗତ ନଷ୍ଟ ହୋଇଯିବାର ଆଶଙ୍କା ଉପୁଜି ଥିଲା। ଚିନ୍ତାଗ୍ରସ୍ତେ ସ୍ୱୟଂ ନାରାୟଣ ଭଗବାନ ଶିବଙ୍କୁ ପ୍ରାର୍ଥନାରଧନା କଲେ ; ଶିବଙ୍କ ଉତ୍ତର ଥିଲା କେବଳ ଦେବୀ ଶକ୍ତି ହିଁ ଏଭଳି ପ୍ରଳୟରୁ ସଂସାରକୁ ରକ୍ଷା କରିପାରିବେ। ଭଗବାନ ବିଷ୍ଣୁ ତପାଚରଣ ପୂର୍ବକ ମହାତ୍ରିପୁରାସୁନ୍ଦରୀଙ୍କୁ ପ୍ରସନ୍ନ କଲେ। ଏହାପରେ ସୌରାଷ୍ଟ୍ର କ୍ଷେତ୍ରର ହରିଦ୍ରା ଜଳାଶୟ ସମୀପେ ମାତା ବଗଳାମୁଖୀ ଅବତାର ଧାରଣ କଲେଏବଂ ସ୍ୱ ଶକ୍ତି ବଳରେ ଭୟାନକ ଝଡ଼କୁ ପ୍ରତିରୋଧ କରିଦେଲେ। ମହାତ୍ରିପୁରା ସୁନ୍ଦରୀଙ୍କ ହୃଦରୁ ଯେଉଁ ସମୟରେ ବଗଳାମୁଖୀ ପ୍ରକଟ ହେଲେ ସେ ସମୟେ ଦେବୀ ବଗଳାମୁଖୀ ଓ ଶ୍ରୀବିଦ୍ୟାଙ୍କ ଅପୂର୍ବ ତେଜରେ ଚତୁର୍ଦ୍ଦିଗ ହରିଦ୍ରାମୟ ହୋଇ ଉଠିଲା ଏବଂ ତାରକାମାନେ ସ୍ୱଚ୍ଛାକାଶେ ନୃତ୍ୟ କରିବାକୁ ଲାଗିଲେ ; ସେଦିନ ଥିଲା ଭୌମୀ ନକ୍ଷତ୍ର ଯୁକ୍ତ ଅଷ୍ଟମୀ ମଙ୍ଗଳବାର ଯାହା 'ବୀରରାତ୍ରୀ' ନାମରେ ପ୍ରସିଦ୍ଧିଲାଭ କଲା ଏବଂ ସେଦିନଠୁଁ ସକଳ କୌଳତାନ୍ତ୍ରିକ ଓ ସାଧକମାନେ ଅଷ୍ଟମୀ ମଙ୍ଗଳବାରରେ ପଞ୍ଚ 'ମ'କାରରେ ଦେବୀଙ୍କୁ ପୂଜା କରି ପ୍ରସାଦ ସେବନ କରନ୍ତି। ପରେ ଶ୍ରୀବିଦ୍ୟାଙ୍କ ଠାରୁ ଉତ୍ପନ୍ନ ହୋଇଥିବା ତ୍ରୈଲୋକ୍ୟସ୍ତମ୍ଭିନୀ ବ୍ରହ୍ମାସ୍ତ୍ରବିଦ୍ୟା ବଗଳାମୁଖୀଙ୍କ ତେଜରେ ବିଷ୍ଣୁଙ୍କ ତେଜ ବିଲୀନ ହେଲା ଓ ସେ ତେଜଗଣ ବିଦ୍ୟା ଆଉ ଅନୁବିଦ୍ୟାରେ ଲୀନ ହୋଇଗଲେ।

'ସାଂଖ୍ୟାୟନ ତନ୍ତ୍ର' ଅନୁସାରେ ବ୍ୟଷ୍ଟି ରୂପେ ଶତ୍ରୁ ସଂହାରୋତ୍ସୁକ ତଥା ସମଷ୍ଟି ସ୍ୱରୂପେ ପରମେଶ୍ୱର ପରମବ୍ରହ୍ମ ନିର୍ଗୁଣ ପରମଶିବଙ୍କ ସଂହାର ଶକ୍ତି ଏହି ବଗଳାମୁଖୀ ; ବ୍ୟକ୍ତ ଓ ଅବ୍ୟକ୍ତ ଉଭୟ ଜଗତରେ ପୀତାମ୍ବରୀ ବଗଳାମୁଖୀ ସକ୍ରିୟ ସଦା। ସେ ମନ୍ତ୍ରରାଜ ତଥା ମହାମନ୍ତ୍ର ମଧ୍ୟେ ପ୍ରାଣୀ ମାନଙ୍କର ପ୍ରାଣନାଡ଼ୀ ରୂପେ ତଥା ଜୀବନ ବିଦ୍ୟା ରୂପେ ତା'ନ୍ତି ଏବଂ ତ୍ରିନାଥ ଟାକୁର ଏକକାଳୀନ ଏ ମହାବିଦ୍ୟାଙ୍କ ମନ୍ତ୍ର ଜପ ପୂର୍ବକ ସାଦନା କରନ୍ତି। ଅନେକ ଦୁର୍ଲଭ ମହାବିଦ୍ୟାଙ୍କ ମଧ୍ୟେ ଶୀର୍ଷରେ ବଗଳାମୁଖୀ। ଦଶଶକାଳୀ, ତାରା ତଥା ମହାତ୍ରିପୁରାସୁନ୍ଦରୀଙ୍କ ସମ୍ମିଶ୍ରଣ ଶକ୍ତି ରୂପା ମହାବିଦ୍ୟା ହେତୁ ତ୍ରିଭୁବନରେ ସେ ଅପରାଜିତା , ଦକ୍ଷିଣକାଳୀ ତତ୍ତ୍ୱରେ ସେ ପରିପୂର୍ଣ୍ଣା ହେତୁ ଦେବୀ ପ୍ରବଳ ଶତ୍ରୁ ମାରିଣୀ , ତାରା ତତ୍ତ୍ୱରେ ପରିପୂର୍ଣ୍ଣା ହେତୁ ବାକ୍-ସିଦ୍ଧି ପ୍ରଦାୟିନୀ ଏବଂ ମହାତ୍ରିପୁରାସୁନ୍ଦରୀଙ୍କ ତତ୍ତ୍ୱରେ ପରିପୂର୍ଣ୍ଣା ହେତୁ ମା' ଅନ୍ତକାଳେ ସାଦକର ପରମ ମୋକ୍ଷ ପ୍ରଦାୟିନୀ ଅଟନ୍ତି। ସେ ପରମଶିବଙ୍କୁ କ୍ଷଣମାତ୍ରେ ସ୍ତମ୍ଭିତ କରି ଅକର୍ମଣ୍ୟ କରିଦିଅନ୍ତି। ତ୍ରିନାଡ ସହ ସମଗ୍ର ବ୍ରହ୍ମାଣ୍ଡର ସମସ୍ତ ମହାଯୋଦ୍ଧାମାନେ ଏକତ୍ର ବଗଳାମୁଖୀଙ୍କ ସହ ସମର କଲେ ତାଙ୍କୁ ପରାଜିତ କରିବା ଅସମ୍ଭବ। ତନ୍ତ୍ରଶାସ୍ତ୍ର ପ୍ରସିଦ୍ଧ ଷଟ୍‌କର୍ମର ସ୍ତମ୍ଭନ ବିଦ୍ୟାଧିଶ୍ୱରୀ ସେ ; ରବିଙ୍କର ତିମିରଭେଦୀ ରଶ୍ମିରେ ଦେବୀ ସମ୍ମୋହିନୀ ରୂପେ ବାସ କରୁଥିବାରୁ ସେ ଅତ୍ର ତତ୍ର ସର୍ବତ୍ର ବିଦ୍ୟମାନ। ଦଶ ପରମସାଧକ ମଧ୍ୟରୁ ସୂର୍ଯ୍ୟଦେବ ଜଣେ ପରମ ସାଧକ ଅଟନ୍ତି। ବିଶାଳରୁ ମହାବିଶାଳ ଶତ୍ରୁଙ୍କୁ କ୍ଷଣମାତ୍ରେ ବିଦାରଣ କରୁଥିବାରୁ ସେ ଅନ୍ୟ ନାମରେ 'ଶତ୍ରୁସଂଘବିଦାରିଣୀମ୍' ଭାବେ ପରିଚିତ ପ୍ରାପ୍ତ। ମହାତ୍ରିପୁରାସୁନ୍ଦରୀଙ୍କ କୃପାକଟାକ୍ଷ ବିନା ଦେବୀ ବଗଳାମୁଖୀ ଅସିଦ୍ଧ , କାରଣ ତାଙ୍କ ହୃଦୟବାସିନୀ ମା' ବଗଳାମୁଖୀ। ବର୍ଣ୍ଣମାଳାର 'ବ'ରୁ 'ଳ' ଯାଏଁ ସ୍ଥିତ ୧୯ ସଂଖ୍ୟାକୁ କୁହାଯାଏ 'ବଗଳା ବର୍ଣ୍ଣମାଳା'।

ନିଗମ ଶାସ୍ତ୍ର କହେ - 'ଯେନଧ୍ୟୌରୂପା ପୃଥିବୀ ଚ ଦୃଢ଼ା ଯେନ ସ୍ୱଃ ସ୍ତମ୍ଭିତଂ ଯେନ ନାକ୍।' ଅର୍ଥାତ - ପରମଶକ୍ତିମୟୀ ଅପରାଜିତା ବଗଳାମୁଖୀଙ୍କର ପରମ ତତ୍ତ୍ୱ ସ୍ତମ୍ଭନ ଯୋଗୁଁ ଦ୍ୟୁଲୋକ ବୃଷ୍ଟି ପ୍ରଦାନ କରେ ଏବଂ ଆଦିତ୍ୟାଦି ନବଗ୍ରହା ତଥା ସାରା ବ୍ରହ୍ମାଣ୍ଡ ବି ଏ ସ୍ତମ୍ଭିନୀଙ୍କ ଦ୍ୱାରା ସ୍ଥିତ ରହିଛନ୍ତି; ସ୍ୱର୍ଗଲୋକ ବି ଏହାଙ୍କ ପ୍ରଭାବରେ ତିଷ୍ଠି ରହିଛନ୍ତି। 'ସପ୍ତସତୀ ଚଣ୍ଡୀ'ରେ ମହାସରସ୍ୱତୀଙ୍କ ତ୍ରୈଲୋକ୍ୟସ୍ତମ୍ଭିନୀ ବ୍ରହ୍ମାସ୍ତ୍ରବିଦ୍ୟାର ପ୍ରକାଶରେ ପ୍ରକାଶିତ :-

'ଆଦାରଭୂତା ଜଗତସ୍ତ୍ୱମେକା ମହୀ ସ୍ୱରୂପେଣ ୟତଃ ସ୍ଥିତାସି

ଅପାଂ ସ୍ୱରୂପସ୍ଥିତୟା ତ୍ୱୟୈତ ଦାପ୍ୟାୟତେ କୃତ୍ସ୍ନମଲଙ୍ଘ୍ୟବୀର୍ଯ୍ୟେ।

ଅର୍ଥାତ - ଆପଣ ହିଁ ଏ ଜଗତର ଏକମାତ୍ର ଆଦାର, ଏ ଜଗତ ଆପଣଙ୍କ ଶକ୍ତିରେ ହିଁ ତିଷ୍ଠିତ ; କାରଣ ପୃଥ୍ୱୀ ରୂପେ ଆପଣଙ୍କର ହିଁ ଶକ୍ତି ରହିଛି। ଆପଣଙ୍କ ପରାକ୍ରମ ଅଲଙ୍ଘନୀୟ, ଆପଣ ହିଁ ନିଜ ଇଚ୍ଛାତଃ ନୀର ରୂପେ ସ୍ଥିତ ହୋଇ ସମ୍ପୂର୍ଣ୍ଣ ଜଗତର ସ୍ଥିତକାରିଣୀ

ବଗଳାମୁଖୀଙ୍କ ଗଳାରେ ୧୯ ମୁଣ୍ଡର ମାଳା ଯାହା ୧୯ ଚଣ୍ଡବୈଷ୍ଣବୀ ଶକ୍ତି ଅଟନ୍ତି ଏବଂ ହଳଦିଆ ମଣ୍ଡା ଫୁଲମାଳ ଶୋଭିତ ଅଷ୍ଟମୀ ଚନ୍ଦ୍ର ଯାହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ ଏବଂ ବାମ ହସ୍ତରେ ଶତ୍ରୁର ଜିହ୍ୱା ଧାରଣର ଅର୍ଥ କୁବୁଦ୍ଧି, କୁବିଚାର, କୁଭାବନା, ଷଡ଼ରିପୁ ତଥା ମସ୍ତିଷ୍କ ଉପରେ ନିୟନ୍ତ୍ରଣର ପ୍ରତୀକ ଅଟେ। ଦକ୍ଷିଣ ହସ୍ତରେ ଥିବା ମୁଦ୍ଗର ଦୃଷ୍ଟିଶକ୍ତି ଉପରେ ଆଧିପତ୍ୟତାର ପ୍ରତୀକ ଅଟେ। ମଣିଦ୍ୱୀପ ମହାଧାମରେ ବଗଳାମୁଖୀଙ୍କ ମଣ୍ଡପଟି ହେଲା 'ରତ୍ନମଣ୍ଡପ'। ଦେବୀ ବିରାଜିତ ସ୍ୱର୍ଣ୍ଣ ସିଂହାସନରେ ମାଆ ନିଜର ୨୧ଟି ପ୍ରିୟ ବେତାଳଙ୍କୁ ସ୍ଥିତ ରଖିଛନ୍ତି ଏବଂ ବକ ହେଲା ବଗଳାମୁଖୀଙ୍କ ବାହନ ଯାହା ପ୍ରେତର ପ୍ରୀକ ; ଏହାଙ୍କ ସିଦ୍ଧ୍ୟର୍ଥେ ନକ୍ଷତ୍ର ବିଚାର ତଥା କାଳଶୋଧନ ବି ଅନାବଶ୍ୟକ।

ବଗଳାମୁଖୀ ଊର୍ଦ୍ଧ୍ୱମ୍ନାୟର ଦେବୀ ; ଏ ଊର୍ଦ୍ଧ୍ୱମ୍ନାୟର ଶକ୍ତି କେବଳ ପୂଜ୍ୟା, ଭୋଗ୍ୟା ନୁହଁନ୍ତି। ତାଙ୍କର ବିଷ୍ଣୁ, ଶଙ୍କର, ବ୍ରହ୍ମା, ଆଦିତ୍ୟ, ସନକାଦି ସପ୍ତମୁନୀ, ନାରଦ, ପର୍ଶୁରାମ, ସାଂଖ୍ୟାୟନ ଋଷି, ହନୁମାନ ଓ ଷଡ଼ମୁଖ କାର୍ତ୍ତିକେୟ ହେଲେ ଦଶ ପରମ ସାଧକ। ବଗଳାମୁଖୀ ହେଲେ ପରମବ୍ରହ୍ମଚର୍ଯ୍ୟପ୍ରିୟା ; ହସ୍ତମୈଥୁନ କରୁଥିବା ବ୍ୟକ୍ତି ଏହାଙ୍କ ପୂଜକ ହେବା ଅନୁଚିତ। ବଗଳାମୁଖୀ ପରମନ୍ୟାୟପ୍ରିୟା ଅଟନ୍ତି। ଦେବସଭାର ବିଚାରପତି ସ୍ୱୟଂ ବଗଳାମୁଖୀ ; ସେ କ୍ଷୁଦ୍ରାତିକ୍ଷୁଦ୍ର ଅନ୍ୟାୟକୁ ବି ଅସହ୍ୟ ହୋଇଯା'ନ୍ତି। ତେଣୁ ଅନ୍ୟାୟୀକୁ ତୁରନ୍ତ ଦଣ୍ଡ ଦିଅନ୍ତି। ଅନ୍ୟାୟରେ ଲିପ୍ତ ସାଧକ ବି ତାଙ୍କ କ୍ରୋଧରୁ ବାଦ ପଡ଼ିନି। ବଗଳାମୁଖୀଙ୍କ ସ୍ୱାମୀ ପୀତାମ୍ବର ମହାରୁଦ୍ର ଏବଂ ଭୈରବ ହେଲେ ମୃତ୍ୟୁଞ୍ଜୟ ଭୈରବ ; ବଗଳାମୁଖୀଙ୍କ ଗଣପତି ହେଲେ ହରିଦ୍ରାଗଣେଶ। 'ପୀତାମ୍ବରାସପର୍ଯ୍ୟା କଳ୍ପମ୍' ପ୍ରମାଣ ଦିଏ ଯେ, ଦେବୀ ବଗଳାମୁଖୀ ହେଉଛନ୍ତି ନଦାସୁର ନାମ୍ନୀ ଅସୁରର ବଧ କାରିଣୀ।

ବଗଳାମୁଖୀଙ୍କର ଗୁଡ଼ାଏ ମନ୍ଦିର ଅଛି; ତା' ମଧ୍ୟେ ଚାରିଗୋଟି ସର୍ବପ୍ରମୁଖ ପୀଠ ହେଲା ହିମାଚଳ ପ୍ରଦେଶର କାଙ୍ଗଡ଼ା ଠାରେ ଥିବା ମା' ବଗଳାମୁଖୀ ମନ୍ଦିର ଏକ ଶକ୍ତିପୀଠ, କାମଗିରି କାମାକ୍ଷା ପୀଠରେ ଥିବା ବଗଳାମୁଖୀ ମନ୍ଦିରଟି ଦିବ୍ୟପୀଠ, ମଧ୍ୟପ୍ରଦେଶର ଦତିଆ ପୀଠରେ ଥିବା ବଗଳାମୁଖୀ ମନ୍ଦିରଟି ମହାସିଦ୍ଧ ପୀଠ ଏବଂ ମଧ୍ୟପ୍ରଦେଶର ନଳଖେଡ଼ା ଜିଲ୍ଲାର ଶାଜାପୁରର ତ୍ରିମୁଖୀ ଉଲ୍କା ବଗଳାମୁଖୀ ମନ୍ଦିରଟି ପରମପୀଠ ଯାହା ଦ୍ୱାପରରେ ଯୁଧିଷ୍ଠିର ପ୍ରତିଷ୍ଠା କରିଥିଲେ। 'ମହାସିଦ୍ଧ ପୀଠ' କାର୍ଗିଲ୍ ଯୁଦ୍ଧ ବେଳେ ପରମପୂଜ୍ୟ ଶ୍ରୀସ୍ୱାମୀଜୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ। ଓଡ଼ିଶାରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ବଗଳାମୁଖୀ ମନ୍ଦିର ଅଛି। ବଗଳାମୁଖୀଙ୍କ ପୂଜାରଧନା ନୀତିଜ୍ଞ ବିଦ୍ୱାନଙ୍କ ଦ୍ୱାରା କରାଯିବାକୁ ସର୍ବଦା ପରାମର୍ଶ ଦିଆ ଯାଇଥାଏ। ବଗଳାମୁଖୀଙ୍କ ମନ୍ତ୍ରଜପ କେବଳ ରାତିରେ ହିଁ କରିବା ଉଚିତ ଅଟେ। ବଗଳାମୁଖୀଙ୍କୁ ବୀର ରତି ବୋଲି ବି କୁହାଯାଇଥାଏ। ମା'ଙ୍କ ମନ୍ତ୍ର ଜପ ହରିଦ୍ରା ମାଳାରେ କରିବା ବିଧି ରହିଛି।

ସମ୍ପାଦକ(ପ୍ରତିଷ୍ଠାତା) - ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ
ଓ ସୁଦେଷ୍ଣା ଖବରକାଗଜ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
ମୋ: ୮୨୪୯୭୭୨୩୬୧

# ବିକଶିତ ଓଡ଼ିଶା ଓ ଉଚ୍ଚଶିକ୍ଷାରେ ଜାତୀୟ ଶିକ୍ଷାନୀତି



### ବାଦଲ ଭୂୟାଁ

ଚଳିତ ଶିକ୍ଷାବର୍ଷ ଜାତୀୟ ସ୍ତରରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଆହୁରି ଆଗେଇ ନେବାକୁ ଯାଉଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ଓଡ଼ିଶା ବିଜେପିର ସବୁଠାରୁ ବଡ଼ ଚେହେରା କୁହାଯାଉଥିବା ଧର୍ମେନ୍ଦ୍ର ପ୍ରଧାନ ଏ ନେଇ ଯେଉଁ ଦିଗନ୍ତ ବିସ୍ତାରୀ ଯୋଜନାଟି କରିଛନ୍ତି ତାହାର ସୁଫଳ ଲକ୍ଷାଧିକ ଶିକ୍ଷାର୍ଥୀଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବ। 'ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୨୪-୨୫ ଶିକ୍ଷା ବର୍ଷରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ଜାତୀୟ ଶିକ୍ଷା ନୀତି - ୨୦୨୦ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିବାରୁ ମୋହନ ଚରଣ ମାଝୀଙ୍କୁ ମଧ କୃତଜ୍ଞତା ଜଣାଇଛନ୍ତି।' ବାସ୍ତବିକ ଏହି ପଦକ୍ଷେପଟି ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବାରେ ସକ୍ଷମ ହେବ। ଜାତୀୟ ଶିକ୍ଷାନୀତି ହେଉଛି ଏକ ବିଂଶ ଶତାବ୍ଦୀର ଜ୍ଞାନର ଦସ୍ତାବିଜ୍। ଏହା ରାଜ୍ୟରେ ଶିକ୍ଷାକୁ ସର୍ବବ୍ୟାପ୍ତି ଓ ସର୍ବସ୍ପର୍ଶୀ କରିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବଢ଼ାଇବ। ଏହା ସହ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବ ଓ ସେମାନଙ୍କ ଗବେଷଣା ଆଧାରିତ ତଥା ରୋଜଗାରଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରିବ। ଏଥିସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଜାତୀୟ ଶିକ୍ଷା ନୀତି ସହାୟକ ମଧ ହେବା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ବାବୁ ଆଶା ପୋଷଣ କରିଛନ୍ତି। ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରୁ ରାଜ୍ୟରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି ୨୦୨୦। ଉଚ୍ଚଶିକ୍ଷାରେ ଆସିବ ବଡ଼ ସଂସ୍କାର। ତିନି ବର୍ଷ ନୁହଁ, ସ୍ନାତକ ପାଠ୍ୟକ୍ରମ ଏଣିକି ହେବା ଚାରି ବର୍ଷିଆ। ଜାତୀୟ ଶିକ୍ଷାନୀତିର ଢ଼ାଞ୍ଚାରେ ହେବ ପାଠପଢ଼ା। ଉଚ୍ଚଶିକ୍ଷାରେ ଏମିତି ବଡ଼ ନିଷ୍ପତ୍ତି ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଓଡ଼ିଶାରେ ଚାରି ବର୍ଷିଆ ସ୍ନାତକ ପାଠ୍ୟକ୍ରମ ଆରମ୍ଭ ହେବ। ଏଥିରେ ପ୍ରତ୍ୟେକ ବର୍ଷ ପରେ ଯୋଗ୍ୟ ଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ସାର୍ଟିଫିକେଟ, ଡିପ୍ଲୋମା, ଡିଗ୍ରୀ ଓ ଡିଗ୍ରୀ ଅନର୍ସ ପ୍ରଦାନ କରାଯିବ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୟୁଜିସି ଦ୍ୱାରା ଦିଆଯାଇଥିବା କ୍ରେଡିଟ ଫ୍ରେମଓ୍ୱାର୍କ ଆଧାରରେ ରାଜ୍ୟସ୍ତରୀୟ କ୍ରେଡ଼ିଟ ଫ୍ରେମଓ୍ୱାର୍କ ପ୍ରସ୍ତୁତ କରାଯାଇଛି। ଏଥିରେ ଦକ୍ଷତା ବିକାଶ ଓ ଇଣ୍ଟର୍ଣ୍ଣସିପକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଉପଯୁକ୍ତ କ୍ରେଡିଟ ପ୍ରଦାନର ବ୍ୟବସ୍ଥା ରହିଛି। କମ୍ୟୁନିଟି ସର୍ଭିସ୍ ଓ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି, ଏନସିସ, ଏନଏସଏସ ଆଦି ପାଇଁ ମଧ କ୍ରେଡିଟ ପ୍ରଦାନ କରାଯିବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ନିଜସ୍ୱ ଇଚ୍ଛାରେ ତାଙ୍କର ବିଷୟ ଗୁଡ଼ିକ ଚୟନ କରିପାରିବେ। ଏକାଧିକ ଥର ଉଚ୍ଚଶିକ୍ଷା ଅନୁଷ୍ଠାନରେ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ। ଏହି ଚାରିବର୍ଷିଆ ଡିଗ୍ରୀ ପାଠ୍ୟକ୍ରମକୁ ସାତ ବର୍ଷ ମଧ୍ୟରେ ଶେଷ କରିପାରିବେ। ଏଥିପାଇଁ ବର୍ତ୍ତମାନ ୪୦ଟି ସ୍ନାତକ ମୂଳ ବିଷୟ ପାଇଁ ବିସ୍ତୃତ ମଡ଼େଲ ସିଲାବସ ସହ ଦୁଇଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ, ମଲ୍ଟି ଡିସସିପ୍ଲିନାରୀ ପାଠ୍ୟକ୍ରମ, ୧୪ଟି ଧନ୍ଦାମୂଳକ ପାଠ୍ୟକ୍ରମ, ୫୬ଟି ମୂଲ୍ୟଯୁକ୍ତ ପାଠ୍ୟକ୍ରମ ଓ ୮୪ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ ଅନୁମୋଦନ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ନୂତନ ସିଲାବସ ଓ କ୍ରେଡିଟ ଫ୍ରେମଓ୍ୱାର୍କ ଅନୁଯାୟୀ ଜାତୀୟ ଶିକ୍ଷାନୀତି ଲାଗୁ କରିପାରିବେ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ବିଜ୍ଞପ୍ତିର ତଥ୍ୟ ଅନୁଯାୟୀ ରାଜ୍ୟ ସରକାର ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ମହାବିଦ୍ୟାଳୟରେ ଏହି ନୂତନ ଶିକ୍ଷା ନୀତି ପ୍ରବର୍ତ୍ତନ ପାଇଁ ଅନୁମୋଦନ ଦେଇଛନ୍ତି। ଏହି ପଦକ୍ଷେପ ରାଜ୍ୟର ଶିକ୍ଷା ପ୍ରଣାଳୀରେ ଅନେକ ପରିବର୍ତ୍ତନ ଆଣିବାକୁ ଉଦ୍ଦିଷ୍ଟ। ଏନଇପି ୨୦୨୦ ଅନୁଯାୟୀ, ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ, ସ୍ୱାୟତ୍ତ ଓ ସମାବେଶୀ କରିବାକୁ ପଦକ୍ଷେପ ନିଆଯାଉଛି। ପ୍ରାକ୍ଟିକାଲ ଆଧାରିତ ଶିକ୍ଷାକୁ ଶିଳ୍ପ ସହ ସହଭାଗିତା କରାଯିବ। ଏଥିରେ ଇଣ୍ଟର୍ଣ୍ଣସିପ ଆଦି ଦ୍ୱାରା ନିପୁଣତା ବଢ଼ାଇବାର ଲକ୍ଷ୍ୟ ରହିବ। ପାଠ୍ୟକ୍ରମକୁ ଅଧିକ ରୋଜଗାର ଭିତ୍ତିକ ଓ ଶିଳ୍ପ ଆବଶ୍ୟକତା ଅନୁଯାୟୀ କରାଯିବ।

ସୂଚନାଯୋଗ୍ୟ ରାଜ୍ୟ ସରକାର ବିଦ୍ୟାଳୟ ଓ ଗଣଶିକ୍ଷାରେ ମଧ ଜାତୀୟ ଶିକ୍ଷାନୀତି ଲାଗୁ କରିବାକୁ ଟାସ୍କଫୋର୍ସ ଗଠନ କରି କାମ ଆରମ୍ଭ କରିଛନ୍ତି। ଆସନ୍ତା ଶିକ୍ଷାବର୍ଷରୁ ସରକାର ଗଣଶିକ୍ଷାରେ ମଧ ଜାତୀୟ ଶିକ୍ଷାନୀତି ଲାଗୁ କରିବାକୁ ସ୍ଥିର କରି ଆନୁସଙ୍ଗିକ କାମକୁ ଜୋରଦାର କରିଛନ୍ତି। ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟ ଚିଠା ଶିକ୍ଷା ନୀତି ପ୍ରସ୍ତୁତ ହେବ। ବାସ୍ତବିକ ଶିକ୍ଷାକ୍ଷେତ୍ରରେ ଓଡ଼ିଶା ଆଜି ଅନେକ ବାଟ ଆଗେଇ ଥିବାବେଳେ ଉଚ୍ଚଶିକ୍ଷାରେ ବଡ଼ ସଂସ୍କାର ଆଣିବାକୁ ଯାଇ ଏହି ଜାତୀୟ ଶିକ୍ଷା ନୀତି ବିଦ୍ୟାର୍ଥୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ।

+ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ
ଆପାର୍ଟମେଣ୍ଟ, ୭ ଏକ୍ସଟେନସନ
ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର




## ମୋର ଭୁଲ

### କେଶବ ମେହେର

ମନେ ପଡୁଛି ଆଜି
ସେଇ ବିତି ଯାଇଥିବା ପୁରୁଣା ରାତି
ସେ ଦିନର ଅଜାଣତର ଭୁଲ୍ ପୁଣି
କାଳ ସାଜିଛି ଆଜି ମୋ ପାଇଁ।
ମନରେ ନଥିଲା କିଛି ଦ୍ୱନ୍ଦ
ନ ହେବ ବୋଲି ଆନନ୍ଦ
ମା ଭଳି ମମତା ଦେଉଥିଲା ତାର
ଅନ୍ତର
ସେଇ ଟିକିଏ ଅବୁଝା ଭୁଲ୍
କରିଲା ମୋତେ ତା ଠାରୁ ଦୂରାନ୍ତର।
ଏତେ ଘନିଷ୍ଠ ସଂପର୍କ
ଚୁର୍ ଚୁର୍ ହୋଇଗଲା ମୋର ସେଇ
ଅହଙ୍କାର
ମନରେ ଥିଲା ଭାବନା
କେହି ପାରିବେନି ଆମକୁ କରି ଅଲଗା
ମାତ୍ର ଟିକିଏ ଭୁଲ୍ ଏବଂ
ତାର କିଛିଟା ମିଠାଳିଆ କଥା
ଭାଙ୍ଗିଦେଲା ସବୁ ମୋର ସୁନାର
ସ୍ୱପ୍ନକୁ
କହନ୍ତି ସତ ହୁଏ ପାହାନ୍ତିଆର ସ୍ୱପ୍ନ
କେବେହେବ ତାହା ସତ ?
ମୁଁ ତାକୁ ପୁରା ହରାଇ ବସିଲେ ?
ନା ସେ ତାର ପୁରାପୁରି ହେଇ ସରିଲା
ପରେ ?
ସ୍ୱପ୍ନ କେବଳ ସ୍ୱପ୍ନ ହିଁ ରହେ
ସେ କେବେହେଲେ ସତ ହୁଏନା
ତାହା ପାହାନ୍ତିଆର ହଉ ଅବା ରାତିର
ସ୍ୱପ୍ନ ତ କେବଳ ସ୍ୱପ୍ନ ହିଁ ନା ।

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ,
ଜୟପୁର
ମୋ - ୭୬୮୧୮୦୭୧୬୪

## କୁହୁଡ଼ି କରିଛି ବନ୍ଦୀ

### ସୁଶାନ୍ତ ରଣା

ଓଃ,
କି ଚମତ୍କାର ତୁମ
ଆଇନ ବ୍ୟବସ୍ଥା
ବିନା ନୋଟିସ୍, ବିନା ଓ୍ୱାରେଣ୍ଟ
ବିନା ହ୍ୟାଣ୍ଡକପରେ
କାହା ନିର୍ଦ୍ଦେଶ ରେ
ବନ୍ଦି କରି ନେଉଛ
ସମଗ୍ର ପୁରା ପୃଥିବୀକୁ ।

ଶୁଣିଛି
ଦେଖିଛି ବି ଏଠି
ମାଟିଆ ପୋଷାକଧାରୀ ବାବୁମାନେ
ଦୋଷୀଙ୍କୁ ବନ୍ଦି କରନ୍ତି ତ
ଆଉ କେତେବେଳେ ମଣିଷ
ସଉକିରେ ନିରୀହ ପଶୁପକ୍ଷୀଙ୍କୁ
ବନ୍ଦିକରି ମଜା ନେଉଥାଏ ।

ଆଜି କିନ୍ତୁ,
ଅଶାନ୍ତ ସମୁଦ୍ର
ବଣ ପାହାଡ଼, ରାସ୍ତା ଘାଟ
ମନ୍ଦିର, ମସଜିଦ୍
ସମସ୍ତେ ବନ୍ଧା
ତୁମ ସେଇ ଶୀତୁଆ ସକାଳର
ଧୂସର ମିଞ୍ଜି ମିଞ୍ଜି
କାକର ବିନ୍ଦୁରେ ।

ହଁ,
ଡରେଇ ତ ଦିଅ
ରାସ୍ତା ଦିଶେ ନାହିଁ
ଯାତ୍ରୀ ଯାତ୍ରା ଅଟକେ
ପକ୍ଷୀ ବସାରେ, ଜୀବଜନ୍ତୁ ଗୁମ୍ଫାରେ
ସମସ୍ତେ ନିଜ ନିଜ କର୍ମ ପଥରେ
ଆଗେଇ ଯିବାରେ ବ୍ୟତିବ୍ୟସ୍ତ ।

ତୁମେ,
ପ୍ରତିବାଦ କଲେ ତୁନି ରୁହ
ଶୁଣ କି ନ ଶୁଣ
କେହି ଜାଣେନା
କିନ୍ତୁ, କେବେ କେହି
ଆଗକୁ ମାଡ଼ିଚାଲେ
ତୁମେ ସେମିତି ଦୂରେଇ ଯାଉଥାଅ
ଆଉ ସେତିକି ବେଳକୁ
ଘନ କୁହୁଡ଼ି ଭିତରୁ ମୁକୁଳି
ଆକାଶରେ ଯେବେ ସୂର୍ଯ୍ୟ ହସେ
ଆପେ ଆପେ ତୁମ
କୁହୁଡ଼ି ବନ୍ଦିରୁ
ମୁକ୍ତ ହୁଏ ପୁରା ପୃଥିବୀ ଲୁ ।

ସମ୍ପାଦକ
ରାଧାବଲ୍ଲଭ ନାଟ୍ୟ ସଂସଦ,
ତେରେସିଂହା, ଜି. କଳାହାଣ୍ଡି
ମୋ- ୭୮୯୪୬୫୮୨୭୪

## ପବନର ନୃତ୍ୟରେ

### ଓଟେରି ସେଲଭା କୁମାର



ବର୍ଷାର ନିଃଶ୍ୱାସରେ ସ୍ୱର ନିରବ
ହୋଇଗଲାଣି
ଆଉ ଗଛ ଗୁଡ଼ିକ ଝୁଲୁଛି
ରାସ୍ତାରେ ଲଢେଇ
ସେହି ଯୁଦ୍ଧରେ
ଆପଣ ଖୁସି ଦେଖାଯାଉଛନ୍ତି କି ?
ଲୋକେ ଚିନ୍ତାରେ ପଡ଼ିଛନ୍ତି
କ'ଣ କରିବେ
ଏହା ପ୍ରକୃତିର ଏକ ପ୍ରାକୃତିକ ଖେଳ
ତଥାପି...
ତା'ପରେ ଅସୁବିଧା ଆସିଥାଏ
ଯେତେବେଳେ ପବନ ଝଡ଼ରେ
ପରିଣତ ହୁଏ...
ସମସ୍ୟାରୁ
କେବଳ ଗୋଟିଏ ଜିନିଷ ଅଛି
ଆପଣଙ୍କୁ କ'ଣ ବୁଝିବା ଦରକାର
ପବନ ଶାନ୍ତ ରହିଲେ
ଏ ହେଉଛି ଜୀବନ...
ଯଦି ଏହା ଉଠି ଝଡ଼ରେ ପରିଣତ
ହୁଏ
ଏହା ହେଉଛି ଆକ୍ରୋଶ...
ଏହା ହେଉଛି ବିନାଶର ନିୟମ
ତେଣୁ ଆପଣ ମଧ ଶାନ୍ତ ରହିବା
ଉଚିତ୍
ଏବଂ ଆକ୍ରମଣାତ୍ମକ ହୁଅନ୍ତୁ ନାହିଁ
ଆପଣଙ୍କ ପାଇଁ ମଧ ଭଲ ନୁହେଁ
ଏହା ମଧ ଏହି ଦୁନିଆ ପାଇଁ ଭଲ
ନୁହେଁ ।

୨୫/୧୩, ସାନ୍ଥିଆପ୍ପା ରାସ୍ତା
ଚେନ୍ନାଇ
ମୋ:

# ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନକୁ ବ୍ୟାନ କରାଯାଉ


କାଳୀ ଦାସ


ଯେତେ ବେଳେ ମୋବାଇଲ ଫୋନ ଭାରତ ରେ ପ୍ରଥମ ଥର ପାଇଁ ବ୍ୟବହାର କରାଗଲା ତାହା ନିଶ୍ଚିତ ଭାବରେ ସମସ୍ତ ଭାରତୀୟଙ୍କ ପାଇଁ ଏକ ନୂତନ ଯୁଗ ନେଇ ଆସିଲା। ଧିରେ ଧିରେ ମୋବାଇଲ ଫୋନ ସହର ଠାରୁ ଗାଁ ଯାଏଁ ସବୁଠି ବ୍ୟାପିଗଲା । ଆଜି ମନେ ହେଉଛି ବିନା ମୋବାଇଲ ଫୋନରେ ଜୀବନ କଟିବ କେମିତି ? ମୋବାଇଲ ଫୋନ ଆମ ଜୀବନର ଅଭିନ୍ନ ଅଙ୍ଗ ହୋଇ ପଡ଼ିଲାଣି। ଗରିବଠାରୁ ଗରିବ ଲୋକ ମଧ୍ୟ ଆଜି ମୋବାଇଲ ଫୋନ କବଳରୁ ବର୍ଞ୍ଚି ପାରୁନାହାନ୍ତି।

ମୋବାଇଲ ଫୋନ ଦିନେ କେବଳ ପରସ୍ପର ସପର୍କର ସାଧନ ଥିଲା। ବର୍ତ୍ତମାନ ମୋବାଇଲ ଫୋନ ଫୋରଜି ଓ ଫାଇଭଜିର ନେଟୱର୍କ ସହିତ ମାର୍କେଟରେ ଆସିଗଲା ପରେ ଆମ ଦୈନଦିନ ଜୀବନ ରେ ଅନେକ କିଛି ସମସ୍ୟାର ସମାଧାନ ନେଇ ଆସିପାରିଛି। କିନ୍ତୁ ତା ସହିତ ଅନେକ ସମସ୍ୟାକୁ ମଧ୍ୟ ଜନ୍ମ ଦେଇଛି। ଅପରାଧୀ ତତ୍ତ୍ୱ ମୋବାଇଲକୁ ଆଧାର କରି ଆମର ବ୍ୟକ୍ତିଗତ ଜୀବନ ଭିତରେ ଦଖଲ ଦେଉଛନ୍ତି ଏବଂ ନିଜ ଘରେ ବସି ସାଧାରଣ ଜନତାଙ୍କୁ ଲୁଟୁଛନ୍ତି। କେବଳ ପଇସା ନୁହେ ବରଂ ତା ସହିତ ଶାନ୍ତି ଓ ବ୍ୟକ୍ତିଗତ ସମ୍ପର୍କକୁ ମଧ ଛିନ ଭିନ୍ନ କରିବାରେ ସମର୍ଥ ହୋଇଛନ୍ତି।

ବର୍ତ୍ତମାନ ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀଙ୍କ ହାତରେ ସବୁଠାରୁ ସୋଫେଷ୍ଟିକେଟେଡ ମୋବାଇଲ ଫୋନ ଦେଖିବାକୁ ମିଳୁଛି। ଶିକ୍ଷା ଅନୁଷ୍ଠାନରେ ଯେଉଁ ପବିତ୍ରତା ରହୁଥିଲା ତାହା ମୋବାଇଲ ଫୋନର ପ୍ରବେଶ ଦ୍ୱାରା ନିଶ୍ଚିତ ଭାବରେ ବ୍ୟାଘାତ ହେଉଛି । ଶିକ୍ଷ୍ୟାନୁଷ୍ଠାନ ଯେଉଁ ନାଇତିକତା ଓ ମୂଲ୍ୟବୋଧକୁ ନେଇ ଯୁଗ ଯୁଗ ଧରି ଠିଆ ହେଇଥିଲା ତାହା ଆଉ ରହିନାହିଁ। ଆଜିର ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଭିତରେ ପୁରୁଣା ଆଦର୍ଶ ଦେଖିବାକୁ ମିଳୁନି। ଛାତ୍ର ଓ ଚାତ୍ରୀଙ୍କ ଭିତରେ ମଧ ଗୁରୁ ଭକ୍ତି ଓ ଗୁରୁ ପାଇଁ ସମର୍ପଣର ଭାବ ଦୁର୍ଲଭ ହୋଇଯାଇଛି।

କବିର ଦାସ ଗୁରୁ ଶିଷ୍ୟଙ୍କ ସମ୍ପର୍କ ବିଷୟରେ କହିବାକୁ ଯାଇ କହିଥିଲେ ଯେ ' ଗୁରୁ କୁମ୍ଭାର ଶିଷ୍ୟ କୁମ୍ଭ ହେ, ଗଢି ଗାଢି କଢଇ ଖୋଟ। ଆନ୍ତର ହାତ ସାହାର ଦୈ ବାହୈଇ ଚୋଟ'। ଏହାର ଅର୍ଥ ହେଲା ସାଧାରଣ ଶିଷ୍ୟ ହେଉଛି ମାଟିର ଗୋଲା ଶିକ୍ଷକ ସେହି ମାଟି ଗୋଲାର ଭିତରେ ହାତ ଦେଇ ଓ ବାହାରେ ପିଟି ପିଟି ମାଟି ଭିତରୁ ଏକ ସୁନ୍ଦର ହାଣ୍ଡି ତିଆରି କରେ। ଶିଷ୍ୟ ଯେତେବେଳେ ଗୁରୁକୁଳ ପ୍ରବେଶ କରେ ସିଏ କଞ୍ଚା ମାଟି ପରିଥାଏ । ଶିଷ୍ୟ ଭିତରେ ଥିବା ସମସ୍ତ ଅବଗୁଣ ଦୂର କରି ଗୁରୁ ଶିଷ୍ୟ ଭିତରେ ଗୁଣ ଭରି ଏକ ଶ୍ରେଷ୍ଠ ନାଗରିକ ତିଆରି କରିଥାଏ।

ଗୁରୁକୁଳ ବିଦ୍ୟାଳୟ ଓ କଲେଜ ସବୁଗୁଡିକ ଅନୁଷ୍ଠାନ ଆମର ଆଗାମୀ ପିଢିଙ୍କୁ ଶ୍ରେଷ୍ଠ ନାଗରିକ ଓ ଶ୍ରେଷ୍ଠ ମଣିଷ ଗଡିବା ପାଇଁ ତିଆରି କରାଯାଇଅଛି । କିନ୍ତୁ ଆଜିର ଶିକ୍ଷା ଅନୁଷ୍ଠାନ ରେ ଏ ମହତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଯେଉଁଥି ପାଇଁ ଏକ ଉନ୍ନତ ସମାଜର କଳ୍ପନା ଆମେ କରିପାରୁନାହୁଁ ।

ବିଗତ ଦିନ ଉତ୍ତର ପ୍ରଦେଶରେ ଗୋଟିଏ ଦଶମ ଶ୍ରେଣୀର ଛାତ୍ର ଓ ଅନ୍ୟ ତିନି ଜଣ ମିଶି ଶିକ୍ଷୟତ୍ରୀଙ୍କ ଏକ ଭିଡ଼ିଓ ଉଠାଇଥିଲେ ଓ ଶିକ୍ଷୟତ୍ରୀଙ୍କୁ ବ୍ଲାକମେଲ କରିଥିଲେ। ସେହିପରି ଅନେକ ସ୍ଥାନରେ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଙ୍କ ଭିଡିଓ ଉଠାଇବା ଓ ବ୍ଲାକମେଲ କରିବା ଖବର ମିଳିଛି।ଶିକ୍ଷକ ଭିଡିଓ ଉଠାଇ ଓ ଫୋଟୋଗ୍ରାଫ ଦେଖାଇ ଛାତ୍ରୀଙ୍କୁ ବଳତ୍କାର କରିବା ଦୃଷ୍ଟାନ୍ତ ବି ମିଳିଲାଣି। ଶିକ୍ଷାନୁଷ୍ଠାନରେ ପ୍ରଶ୍ନ ପତ୍ର ଲିକ ହେବା ଖବର ବିଭିନ୍ନ ଗଣମାଧମରେ ଅନେକ ଥର ପ୍ରକାସ ପାଇଥାଏ।

ତେଣୁ ଏହି ଅଘଟଣ ଗୁଡିକୁ ଆଖିରେ ରଖି ଯଦି ମୋବାଇଲ ଫୋନକୁ ଶିକ୍ଷାନୁଷ୍ଠାନରେ ବ୍ୟାନ କରାଯାଏ ତାହେଲେ ଫୋନ ଜନିତ ଘଟୁଥିବା ଅଘଟଣ ରୋକିଦିଆଯାଇ ପାରିବ।

ବିଶ୍ୱରେ ଅନେକ ଦେଶର ସ୍କୁଲରେ ମୋବାଇଲ ଫୋନକୁ ବ୍ୟାନ କରାଯାଇଛି। ଆମେରିକା ପରି ଗୋଟିଏ ଡେଭଲେପଟେଡ ଦେଶରେ ଏବଂ ଅନ୍ୟ କିଛି ୟୁରୋପିଏନ ଦେଶରେ ମୋବାଇଲ ଫୋନକୁ ଶିକ୍ଷାନୁଷ୍ଠାନ ଭିତରେ ସ୍ଥାନ ଦିଆଯାଉ ନାହିଁ। ସେହିପରି ନାଇଜେରିଆ, ବ୍ରାଜିଲ କମ୍ବୋଡିଆ ଓ ସାଉଦକୋରିଆ ପ୍ରଭୃତି ଦେଶର ସ୍କୁଲକୁ ମୋବାଇଲ ନେବା ପାଇଁ ଅନୁମତି ଦିଆ ଯାଇନାହିଁ। କୌଣସି ଏକ ବଡ ଅଘଟଣ ଘଟିବା ପାଇଁ କଣ ଆମେ ପ୍ରତୀକ୍ଷା କରିବା। ଏବଂ ତାପରେ ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନର ବ୍ୟବହାର ଉପରେ ପ୍ରତିବନ୍ଧ ଲଗାଇବା। ଶିକ୍ଷାନୁଷ୍ଠାନରେ କେବଳ ଛାତ୍ର ଛାତ୍ରୀଙ୍କ ମୋବାଇଲ ଫୋନ୍ ବ୍ୟବହାରରେ କଟକଣା କଲେ ହେବନାହିଁ। ଶିକ୍ଷକ ଓ ଶିକ୍ଷୟତ୍ରୀ ମଧ ଏହି ନିୟମକୁ ମାନିବାକୁ ପଡ଼ିବ । ଯଦି ଶିକ୍ଷକ ଓ ଶିକ୍ଷୟତ୍ରୀ ସ୍କୁଲ କଲେଜକୁ ମୋବାଇଲ ଫୋନ ନେବେ ତାହେଲେ ଶିକ୍ଷକଙ୍କ ଦ୍ୱାରା ହେଉଥିବା ମୋବାଇଲ ଜନିତ ଅପରାଧ ଉପରେ ଆମେ କେମିତି କଟକଣା କରିପାରିବା।


+ବ୍ରହ୍ମପୁର, ଖୋଡାସିଂଗିଁ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯


# ପିତ୍ତ, ବାତ, କଫ ସବୁ ରୋଗକୁ ଭଲ କରେ ଏହି ଗୋଟାଏ ସାମଗ୍ରୀ



ଆମେ ପୂର୍ବରୁ ଅନେକ ଔଷଧୀୟ ଜିନିଷକୁ ନେଇ ଆଲୋଚନା କରିଛେ। ମେଥି ମଧ ସେହିପରି ଏକ ଔଷଧୀୟ ସାମଗ୍ରୀ। ମେଥିରେ ଅନେକ ନ୍ୟୁଟ୍ରିଏଣ୍ଟସ ରହିଛି। ଏହାକୁ ରାତିରେ ଭିଜାଇ ସକାଳୁ ଚୋବାଇ ଚୋବାଇ ଖାଇବା ଦ୍ୱାରା ଏବଂ ଏହାର ପାଣି ପିଇବା ଦ୍ୱାରା ବ୍ୟକ୍ତିର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇଥାଏ। ଏଥିସହିତ ଏହା ଆମକୁ ଗୁଡ଼ାଏ ରୋଗ କବଳରୁ ମଧ ବଞ୍ଚାଇଥାଏ। ଡାକ୍ତରୀ ପରୀକ୍ଷଣ କହେ ଏହାକୁ ପ୍ରତ୍ୟେକ ଦିନ ଖାଇବା ଦ୍ୱାରା ବ୍ୟକ୍ତିର ପିତ୍ତ,ବାତ, କଫ ଏବଂ ଥଣ୍ଡାଜନିତ ସମସ୍ୟା ଆଦି ଦୂର ହୋଇଥାଏ। ପ୍ରତ୍ୟେକ ଦିନ ମେଥି ଖାଇଲେ ଶରୀରରୁ ବିଷାକ୍ତ ଦ୍ରବ୍ୟ ନାଶ ହେବା ସହ କିଡନି ସୁସ୍ଥ ରହିଥାଏ। ମେଥି ଖାଇବା ଦ୍ୱାରା ବ୍ୟକ୍ତି ଗ୍ୟାସ୍ଟ୍ରିକ୍ ସମସ୍ୟାରୁ ମୁକୁଳିଥାଏ। ଯାହାକି ବ୍ୟକ୍ତିକୁ ଛାତି ପୋଡ଼ାଜଳା ଏବଂ ଏସିଡିଟି ଠାରୁ ମୁକ୍ତ କରିଥାଏ। ଏଥିସହିତ ମେଥି ଖାଇବା ଦ୍ୱାରା ବ୍ୟକ୍ତିର ରକ୍ତଚାପ ସ୍ତର ମଧ ନିୟନ୍ତ୍ରଣ ରଖିଥାଏ ଏବଂ ଏହା ହୃତ୍‌ଘାତ ହେବାରୁ ବଞ୍ଚାଇବାରେ ମଧ ସାହଯ୍ୟ କରେ। ତେବେ ଭିଜା ଯାଇଥିବା ମେଥିକୁ ଖାଇବା ଦ୍ୱାରା ବ୍ୟକ୍ତିର ହଜମ ପ୍ରକ୍ରିୟାଟି ସହଜ ହୋଇଥାଏ। ମେଥିଦାନା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହର କରି ତ୍ୱଚାକୁ ସୁସ୍ଥ ରଖିଥାଏ। ଯାହାଦ୍ୱାରା ବ୍ରଣ ଓ ଦାଗ ଇତ୍ୟାଦି ସମସ୍ୟା ଆଦିରୁ ବ୍ୟକ୍ତିକୁ ମୁକ୍ତି ମିଳିଥାଏ। ପ୍ରତ୍ୟେକ ଦିନ ଭିଜା ଯାଇଥିବା ମେଥିକୁ ଖାଇଲେ ବ୍ୟକ୍ତିର କେଶ ଶୀଘ୍ର ଧଳା ହୁଏନି ବରଂ ଘନ ଓ କଳା ହୋଇଥାଏ। ଏହାସହିତ କେଶ ଝଡ଼ିବା ମଧ ବନ୍ଦ ହୋଇଥାଏ। ମେଥି ବ୍ୟକ୍ତିର ହଜମ କ୍ରିୟାକୁ ସକ୍ରିୟ କରିବା ସଂଗେସଂଗେ ଏସିଡିଟି ସମସ୍ୟାକୁ ଦୂର କରିଥାଏ। ଏହା ପାଇଲ୍ସ ଜନିତ ସମସ୍ୟାଠାରୁ ଦୂରାଇଥାଏ। ମେଥିଦାନା ସେବନ କଲେ ବ୍ୟକ୍ତିକୁ ବହୁତ ଥର ପରିସ୍ରା ଲାଗିବା ବା ପରିସ୍ରା ସଂକ୍ରମଣ ଭଳି ସମସ୍ୟା ଠାରୁ ମଧ ମୁକ୍ତି ମିଳିଥାଏ।

# ରୁପି ସମସ୍ୟା : ଏହା ପଛର କାରଣ କ'ଣ ଓ ଏହାକୁ କିପରି ନିୟନ୍ତ୍ରଣରେ ରଖିହେବ ?

ଅନେକଙ୍କ କ୍ଷେତ୍ରରେ ଡ୍ୟାଡରଫ୍ ବା ରୁପି ସମସ୍ୟା ଦେଖାଦେଇଥାଏ । କେତେକଙ୍କ କ୍ଷେତ୍ରରେ ବର୍ଷସାରା ରୁପି ସମସ୍ୟା ଲାଗି ରହିଥାଏ । ବିଶେଷକରି ଶୀତଦିନରେ ଏହା ଅତ୍ୟଧିକ ପରିମାଣରେ ହୋଇଥାଏ । ହେଲେ ଏହା ପଛର କାରଣ କ'ଣ ଓ ଏହାକୁ କିପରି ନିୟନ୍ତ୍ରଣରେ ରଖିହେବ, ଜାଣି ରଖିବା ଜରୁରୀ ।

- ◆ରୁପି ହେବାର ବିଭିନ୍ନ କାରଣ ରହିଛି
- ◆ରୁପି ହେବା ଜେନେଟିକ୍ କାରଣରୁ ହୋଇପାରେ
- ◆ଏହାସହ କେଉଁ ପରିବେଶରେ ରହୁଛନ୍ତି, ତାହା ମଧ ଗୁରୁତ୍ୱପୂର୍ଣ୍ଣ
- ◆ଅତ୍ୟଧିକ ପ୍ରଦୂଷଣ ମଧ ରୁପିର କାରଣ ହୋଇପାରେ
- ◆ଶୀତଦିନେ ହିଁ ସବୁଠୁ ଅଧିକ ରୁପି ହୋଇଥାଏ
- ◆ବାୟୁମଣ୍ଡଳରେ ଶୁଷ୍କତା ରୁପି ସମ୍ୟା ବଢ଼ାଇଥାଏ
- ◆ରୁପିକୁ ସମ୍ପୂର୍ଣ୍ଣ ହଠାଇବା କଷ୍ଟକର ବ୍ୟାପାର
- ◆ରୁପିକୁ ନିୟନ୍ତ୍ରଣ କରିବା ପାଇଁ ଷ୍ଟିରଏଡ ଲୋସନ, ଆଂଟି ଡ୍ୟାଂଡରଫ୍ ସାମ୍ପୁ ବ୍ୟବହାର କରନ୍ତୁ
- ◆ଡାକ୍ତରଙ୍କ ପରାମର୍ଶ ପରେ ହିଁ ଲୋସନ କିମ୍ବା ସାମ୍ପୁ ବ୍ୟବହାର କରନ୍ତୁ
- ◆ରୁପି ନିୟନ୍ତ୍ରଣ ପାଇଁ ମୁଣ୍ଡରେ ଲେମ୍ବୁ ଲଗାଇପାରିବେ
- ◆ଅନ୍ୟ କିଛି ପ୍ରସଙ୍ଗ ଉପରେ ମଧ ଦୃଷ୍ଟି ଦେବାକୁ ପଡ଼ିବ
- ◆ବାହାରକୁ ଗଲେ ଚୁଟିକୁ ଘୋଡ଼ାଇ ରଖିବା ମଧ ଜରୁରୀ
- ◆ଏକ ସନ୍ତୁଳିତ ଖାଦ୍ୟ ଓ ଜୀବନ ଶୈଳୀ ମଧ ଗୁରୁତ୍ୱପୂର୍ଣ୍ଣ



# ଗାଜର, ବ୍ରୋକଲି ଏବଂ ବିଲାତି ବାଇଗଣ ଖାଇ ଏଡ଼େଇ ଦେଇ ହେବ ଏହି ରୋଗ

**ହୃଦ୍ ରୋଗ ଆଜିକାଲିକା ସମୟ ପାଇଁ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ପିଲାରୁ ନେଇ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ଏବେ ଏହି ରୋଗ ଦେଖିବାକୁ ମିଳୁଛି। ଦୂଷିତ ପରିବେଶ ଓ ବିଷାକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ। ଆମେ ସୁସ୍ଥକର ଖାଦ୍ୟ ଖାଇଲେ ଏହି ସମସ୍ୟାକୁ ଏଡ଼େଇ ଦେଇ ପାରିବା। ତେବେ, ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ ଆମେ ହୃଦ୍ ରୋଗରୁ ମୁକ୍ତି ପାଇପାରିବା।**

◆ଗାଜର ଖାଇବା ହୃତ୍‌ପିଣ୍ଡ ପାଇଁ ଖୁବ୍ ଭଲ ହୋଇଥାଏ। ଏଥିରେ ପ୍ରଚୁର ପରିମାଣର କ୍ୟାରୋଟିନଏଡ୍ସ୍ ଥାଏ। ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି ଅକ୍ସିଡାଣ୍ଟ୍ ହୃଦ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ହୋଇଥାଏ।

◆ବିଲାତି ବାଇଗଣ ଖାଇବା ମଧ ଖୁବ୍ ଉପକାରୀ। ଏଥିରେ ଥିବା ଲାଇକୋଫିନ୍ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। କଞ୍ଚା ବିଲାତି ବାଇଗଣ ଖାଇବା ବି ଖୁବ୍ ଭଲ।

◆ବ୍ରୋକୋଲି ଏକ ଖୁବ୍ ଭଲ ପରିବା। ଏଥିରେ ଥିବା ଭିଟାମିନ୍ ସି ହୃଦ୍ ରୋଗ ଦମନ କରିବା ପାଇଁ ଯଥେଷ୍ଟ।

◆ଯେତେ ପାରୁଛନ୍ତି ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ। ଏହା କେବଳ ହୃଦ୍ ରୋଗ ନୁହେଁ, ଆହୁରି ଅନେକ ପ୍ରକାର ରୋଗକୁ ଭଲ କରିଥାଏ।

◆ପିଆଜ ଓ ରସୁଣ ବି ହୃଦ୍ ରୋଗୀଙ୍କ ପାଇଁ ଭଲ ହୋଇଥାଏ। ଆପଣଙ୍କ ହୃଦ୍ ସମସ୍ୟା ଥିଲେ ଏହାକୁ ଭକ୍ଷଣ କରିପାରିବେ।

◆ଆଳୁରେ ପ୍ରଚୁର ପରିମାଣର ପଟାସିୟମ ଅଛି। ତେଣୁ ଆଳୁ ଖାଇବା ଦ୍ୱାରା ହୃଦ୍ ରୋଗ ସହ ରକ୍ତ ଚାପ ବି ନିୟନ୍ତ୍ରଣରେ ରହିଥାଏ।



# ଶୀତଦିନେ ଘରେ ତିଆରି କରନ୍ତୁ ଗରମାଗରମ ପନିର କବାବ

ଆବଶ୍ୟକ ସାମଗ୍ରୀ: ଆଳୁ, ପନିର, ଲୁଣ, ଜୁଆଣି, କଟା ପିଆଜ, ଅଦା, ରସୁଣ, କଟା କଞ୍ଚା ଲଙ୍କା, ସେଜୱାନ ସସ୍, କର୍ନଫ୍ଲୋର, ଧନିଆ ପତ୍ର, ଅଦା, ରସୁଣ,ଗାଜର, କ୍ୟାପସିକମ୍ ।

ପ୍ରସ୍ତୁତି ପ୍ରଣାଳୀ: ଆଳୁ ପନିର କବାବ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ପାତ୍ରରେ ପନିର ଓ ସିଝା ଆଳୁକୁ ନେଇ ଚକଟି ଦିଅନ୍ତୁ। ଏବେ ସେଥିରେ କଟା ହୋଇଥିବା ପିଆଜ, ଲୁଣ, କଟା କଞ୍ଚା ଲଙ୍କା, ଜୁଆଣି ଏବଂ ସେଜୱାନ ସସ୍, ଧନିଆ ପତ୍ର, ଛୋଟ ଛୋଟ କଟା ହୋଇଥିବା ଗାଜର, କ୍ୟାପସିକମ୍ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ସେଥିରେ କିଛି ଅଦା, ରସୁଣ ପକାଇ ମିଶାଇ ଦିଅନ୍ତୁ। ଏହାକୁ ଛୋଟ ଛୋଟ ଟିକ୍କି ପରି ଗୁଳା କରି ଦିଅନ୍ତୁ। ଏବେ କର୍ନ ଫ୍ଲୋର ଘୋଳରେ କବାବ୍‌କୁ ବୁଡାଇ ତେଲରେ ଛାଣିଦିଅନ୍ତୁ। ଦୁଇ ପାଖ ଲାଲ ହେବା ପରେ ବାହାରକୁ କାଢ଼ି ଦିଅନ୍ତୁ। ଏବେ ସସ୍ ସହିତ ଗରମାଗରମ ପରଷନ୍ତୁ ପନିର କବାବ।



# ନଖାଇକି ନୁହେଁ, ଖାଇକି କରନ୍ତୁ ଓଜନ ହ୍ରାସ: ରାତିରେ ପିଇବାକୁ ହେବ ଏହି ସବୁ ପରିବାରେ ତିଆରି ସୁପ୍



ଆଜିକାଲି ଓଜନ ହ୍ରାସ ନିଶା ସଭିଙ୍କୁ ଘାରିଛି। ସଭିଏଁ ଚାହାନ୍ତି ଫିଟ୍ ରହିବାକୁ। ମାତ୍ର ଖାଦ୍ୟକୁ ନିୟନ୍ତ୍ରଣରେ ରଖି ଫିଟ୍ ରହିବାକୁ କେହି ବି ଚାହାନ୍ତି ନାହିଁ। ସଭିଏଁ ଚାହାନ୍ତି ଆମେ ସବୁ ସ୍ୱାଦିଷ୍ଟ ଜିନିଷ ଖାଇବା ପରେ ଯେପରି ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରୁ। ତେବେ ଏପରି କିଛି ଖାଦ୍ୟ ଅଛି ଯାହାକୁ ଆପଣ ଖାଇବା ପୂର୍ବରୁ ଗ୍ରହଣ କରିବା ଦ୍ୱାରା ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ।

କିଛି ଲୋକଙ୍କ କହିବା ମୁତାବକ କିଛି ଖାଇବା ମାତ୍ରେ ତୁରନ୍ତ ସେମାନଙ୍କ ଓଜନ ବଢ଼ିଯାଏ। ଓଜନ କମାଇବା ଚକ୍କରରେ ଅନେକ ସମୟରେ ନିଜ ପ୍ରିୟ ଖାଦ୍ୟକୁ ବି ତ୍ୟାଗ କରିବାକୁ ବି ପଡ଼ିଥାଏ। ମାତ୍ର ଏପରି କେତେ ଦିନ ବା କରିହେବ, କେତେ ଦିନ ବା ଖାଇବା ଉପରେ ଆୟତ୍ତ ରଖିବେ ଆପଣ? ଏମିତି ବି ହୁଏ ଖାଦ୍ୟ କମାଇବା ଦ୍ୱାରା ଗ୍ୟାସ୍ ହେତୁ ମୋଟାପଣ ବଢ଼ିଥାଏ। ତେଣୁ, ଖାଇବା କମାଇ ଓଜନ କମାଇବା ଚିନ୍ତା କରିବା ନିହାତି ଭୁଲ୍ ନିଷ୍ପତ୍ତି। ଆପଣ ଯଦି ନିଜ ଓଜନ କମାଇବାକୁ ଚାହାନ୍ତି ତ ନିମ୍ନରେ ଯେଉଁ ସୁପ୍ ବିଷୟରେ ଲେଖାଯାଇଛି ତାହାକୁ ପ୍ରତିଦିନ ଖାଇବା ପୂର୍ବରୁ ପିଅନ୍ତୁ। ପ୍ରଥମେ ୩ଟି ବିଲାତି ବାଇଗଣ, ୩ଟି ଗାଜର, ଏକ ଫୁଲକୋବି, ୬ଟି ପିଆଜ ନିଅନ୍ତୁ। ତାହାକୁ ଖୁବ୍ ସାନ ସାନ କରି କାଟିଦିଅନ୍ତୁ। ଏହା ସହିତ ୩ ବିଡ଼ା ଧନିଆ ପତ୍ର ବି କାଟିକି ରଖନ୍ତୁ। ପାରୁଛନ୍ତି ଯଦି ଅଧା ଗିନା ବିନ୍ସ କଟା ବି ନିଅନ୍ତୁ। ସବୁକୁ ମିଶାଇ ପାଣି ଦେଇ ସିଝେଇ ଦିଅନ୍ତୁ। ସେଥିରେ ଆବଶ୍ୟକ ପରିମାଣର ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ ଦିଅନ୍ତୁ। ନିଜର ରୁଚି ଅନୁସାରେ ପାଣି ମାରିପାରନ୍ତି କିମ୍ବା ଅଧିକ ବି ଦେଇପାରନ୍ତି। ଏହି ସୁପ୍‌କୁ ଖାଦ୍ୟ ଖାଇବାର ୧୦ ମିନିଟ୍ ପୂର୍ବରୁ ପିଅନ୍ତୁ। ପାରୁଛନ୍ତି ଯଦି ରାତିରେ ଆଉ କିଛି ନଖାଇ ଏହାକୁ ପିଇକି ଶୋଇପାରନ୍ତି। ପ୍ରତିଦିନ ଏହାକୁ ପିଇବା ଦ୍ୱାରା ଆପଣଙ୍କ ଓଜନ ନିଶ୍ଚୟ ନିୟନ୍ତ୍ରଣରେ ରହିବ।

# ରାସ୍ତାକୁ ନଷ୍ଟ କରୁଛି ଓଭରଲୋଡ ଭାରିଯାନ ଚଳାଚଳ

ସମ୍ବଲପୁର, ୧୯/୧୧ (ନି.ପ୍ର): ଓଡିଶାର ଔଦ୍ୟୋଗିକ ଓ ଖଣିଅଂଚଳ, ଯେଉଁମାନଙ୍କ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ସାମିଲ ଅଛି ସେଠାକାର ଓଭରଲୋଡ ଟ୍ରକ୍ ମାନଙ୍କ ସମସ୍ୟା ଲଗାତାର ବୃଦ୍ଧି ପାଉଛି। ଏହି ଟ୍ରକ୍ କେବଳ ରାସ୍ତାକୁ ନଷ୍ଟ କରୁନାହିଁ ବରଂ ସାର୍ବଜନୀନ ସୁରକ୍ଷାକୁ ମଧ୍ୟ ବିପଦରେ ପକାଇ ଦେଉଛି। ବିଶେଷ କରି ଛତିଶଗଡ଼ ଦିଗରେ ଯାଉଥିବା ଏହି ଓଭରଲୋଡ ଟ୍ରକ ଗୁଡିକ ଦ୍ୱାରା ଦୁର୍ଘଟଣା ବଢୁଥିବା ସହ ସଡ଼କର ମଧ୍ୟ କ୍ଷତି ଦିନକୁ ଦିନ ବଢ଼ି ଚାଲିଛି । ଏହି ଯାଂଚ୍ ସମୟରେ ଜଣାପଡ଼ିଛି ଯେ, ଅନେକ ପ୍ରମୁଖ କମ୍ପାନୀର ଟ୍ରକ୍ ନିୟମିତ ଭାବରେ ଓଭରଲୋଡ କରିବାରେ ଜଡିତ ଅଛନ୍ତି। ଏହାର ଫଳରେ ସଂପୂର୍ଣ୍ଣ ଅଂଚଳର ସଡ଼କର ଅବସ୍ଥା ଦିନକୁ ଦିନ ଖରାପ ହୋଇଯାଉଛି। ଯାହା ସ୍ଥାନୀୟ ଅଂଚଳବାସୀ ଓ ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରଭାବିତ କରୁଛି। ଭ୍ରଷ୍ଟାଚାର ଓ ମିଳିଭଗତର ଅଭିଯୋଗ ଏକ ବିଶ୍ୱସ୍ତ ସୂତ୍ରଅନୁଯାୟୀ, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ଆର.ଟି.ଓ. (କ୍ଷେତ୍ରୀୟ ପରିବହନ କାର୍ଯ୍ୟାଳୟ) ଓ ଏମ.ଭି.ଆଇ. (ମୋଟର ଭେହିକଲ୍ ନିରୀକ୍ଷକ) କର୍ମଚାରୀମାନଙ୍କୁ କିଛି ଟ୍ରକ୍ ମାଲିକଙ୍କ ଠାରୁ ଲାଂଚ ନେଇ ଓଭରଲୋଡିଂକୁ ଅନୁମତି ଦେଉଥିବା ଅଭିଯୋଗ ହୋଇଛି। ଛତିଶଗଡ଼ରୁ ଆସୁଥିବା ଟ୍ରକ ମଧ୍ୟ ଏଥିରେ ଥିବା ଅଭିଯୋଗ ହୋଇଛି। ଯାହାକି ସମସ୍ୟାକୁ ଅଧିକ ଜଟିଳ କରୁଛି। ସାଧାରଣ ଲୋକମାନେ ଅଭିଯୋଗ କରୁଛନ୍ତି ଯେ ଭ୍ରଷ୍ଟ ଅଧିକାରୀ ଓ ଟ୍ରକ୍ ଅପରେଟରମାନଙ୍କର ମିଳିଭଗତ କାରଣରୁ ଏହି ସମସ୍ୟା ଦିନକୁ ଦିନ ଭୟଙ୍କର ରୂପ ଧାରଣ କରିଛି। ଏହି ସମସ୍ୟା ବଢୁଥିବା ଯୋଗୁଁ ପଶ୍ଚିମ ଓଡିଶାବାସୀ ପରିବହନ ବିଭାଗ, ପୋଲିସ ଓ ସମ୍ପୃକ୍ତ ବିଭାଗକୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଏପରିକି ଓଭରଲୋଡିଂ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇ ଏଥିରେ ଜଡିତ ସମସ୍ତ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଯଦି ଏହାର ତ୍ୱରିତ କାର୍ଯ୍ୟବାହୀ ପଦକ୍ଷେପ ଗ୍ରହଣ କରାନଯାଏ ତେବେ କେବଳ ରାଜ୍ୟର ସମୃଦ୍ଧି ଗଠନରେ ଭୟଙ୍କର କ୍ଷତି ହେବ ନାହିଁ ବରଂ ଅନ୍ୟପକ୍ଷରେ ସରକାରୀ ସ୍ୱାଧୀନତା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି।ଏହି ଓଭରଲୋଡିଂ ସମସ୍ୟାର ସମାଧାନ ନହେଲେ ରାସ୍ତା ଖରାପ ହେବା ସାଙ୍ଗକୁ ଜନଜୀବନ ମଧ୍ୟ ନଷ୍ଟ ହେବାର ବହୁମାତ୍ରାରେ ଆଶଙ୍କା ରହିଛି। ଏହି ବିଷୟରେ ଜଣାପଡିବା ପରେ ସମ୍ବଲପୁର ଆର.ଟି.ଓ. ଏହି ଶିଳ୍ପଗୁଡ଼ିକୁ ପତ୍ର ଲେଖି ଓଭରଲୋଡିଂ ଟ୍ରକ୍ ଯାନକୁ ବନ୍ଦ କରିବା ଓ ସାମଗ୍ରୀ ପଠାଇବା ବନ୍ଦ କରିବାକୁ ସମ୍ପୃକ୍ତ କମ୍ପାନୀ ମାନଙ୍କୁ ପୂର୍ବରୁ ଚିଠି ଲେଖି ତାଗିଦ୍ କରିଛନ୍ତି। କିନ୍ତୁ ଏହି କମ୍ପାନୀ ମାନଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଓଲଟା ସମ୍ବଲପୁରର ମୋତିଝରଣ, ସୁନାପାଲି, ଗୋଡ଼ଭାଗା, ବରଗଡ଼ର କିଛି ଟ୍ରକ୍ ମାଲିକଙ୍କ ସହିତ ରାୟପୁର ଓ ସରେଇପାଲି ଅଂଚଳର କେତେକ ଟ୍ରକ ମାଲିକ ନିଜର ଜୋର ଜବରଦସ୍ତି ଟ୍ରକ୍ ପରିବହନ କରୁଥିବା ଅଭିଯୋଗକୁ ଆଧାର କରି ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଯୁବ ଇଞ୍ଜିନିୟର ଓ ସହଯୋଗୀଙ୍କ ସହାୟତାରେ ୮ଟି ମୋବାଇଲ ଫୋନ: ଦୁଇଟି ବାଇକ ଜବତ, ଜଣେ ଅଟକ

କୋରାଇ, ୧୯/୧୧ (ନି.ପ୍ର): ଯାଜପୁର ଜିଲ୍ଲା ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥ ୧୬ ଓ ୨୦ ଏବେ ରାଜପଥ ଲୁଟେରାଙ୍କ ଅଭୟସ୍ଥଳୀ ପାଲଟିଛି। ଜିଲ୍ଲାର ଥାନାଗୁଡ଼ିକରେ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀଙ୍କ ଅଭାବ ଉକ୍ତ ଲୁଟେରାମାନଙ୍କୁ ଦିବାଲୋକରେ ଲୁଟ୍ କରିବା ଲାଗି ସୁହାଉଥିବାବେଳେ ପୁଲିସ ସେମାନଙ୍କର ଟେର ପାଉନାହିଁ। ତେବେ ଆଜିର ଅତ୍ୟାଧୁନିକ ଟେକ୍ନୋଲୋଜି ଫଳରେ ମୋବାଇଲ ଫୋନ କମ୍ପାନୀରେ କାର୍ଯ୍ୟରତ ଦୁଇ ଯୁବ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଫଳରେ ୮ଟି ମୋବାଇଲ ଫୋନ ଜବତ ହୋଇଥିବାବେଳେ ଲୁଟେରାମାନେ ବ୍ୟବହାର କରୁଥିବା ଦୁଇଟି ବାଇକ ଜବତ ହୋଇଛି ଓ ଏଥିସହିତ ଜଣେ ଲୁଟେରାକୁ ପୁଲିସ ଥାନାରେ ଅଟକ ରଖିଛି। ପ୍ରକାଶ ଯେ ଭୋଡ଼ାଫୋନ କମ୍ପାନୀରେ ପେଟ୍ରୋଲିଂ ଅଧିକାରୀ ଭାବେ କାର୍ଯ୍ୟରତ ବିଜୟ ମହାନ୍ତି ବାଇକ ଯୋଗେ ଭଦ୍ରକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବାବେଳେ ପାଣିକୋଇଲି ଥାନା ଅଧିନସ୍ଥ ସାହାପୁର ନିକଟରେ ଏକ ଧଳା ରଙ୍ଗର ପଲସର ବାଇକରେ ଦୁଇ ଲୁଟେରା ପଛପଟୁ ଆସି ତାଙ୍କ ମୋବାଇଲଟିକୁ ଝାମ୍ପି ନେଇଥିଲେ। ପରେ ସେ ଏ ସଂକ୍ରାନ୍ତରେ ବିଜୟ ଅନ୍ୟ ଏକ ଫୋନ୍ ମାଧ୍ୟମରେ ନିଜର ସହଯୋଗୀ କର୍ମଚାରୀ ଯୁବ ଇଞ୍ଜିନିୟର ସିଦ୍ଧାନ୍ତ ଧଳ ଓ ଭଦ୍ରକ ଜିଲ୍ଲାର ଜୋନ ମୁଖ୍ୟ ଅଚ୍ୟୁତାନନ୍ଦ ଦାଶଙ୍କୁ ଜଣାଇଥିଲେ। ଖବର ପାଇବା ପରେ ସିଦ୍ଧାନ୍ତ ସଙ୍ଗେ ସଙ୍ଗେ ପାଣିକୋଇଲି ଥାନା ଓ ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳଙ୍କୁ ଜଣାଇଥିଲେ। ଏହାପରେ ପୁଲିସ ପକ୍ଷରୁ ଉକ୍ତ ଦୁଇ ଯୁବକଙ୍କୁ ପିଛା କରାଯାଇଥିଲା। ପୁଲିସ ପିଛା କରୁଥିବାର ଜାଣିପାଣି ଦୁଇ ଲୁଟେରା ନେଉଳପୁର ଠାରୁ ପୁଣି ଭଦ୍ରକ ଅଭିମୁଖେ ଆସି ଛତାବର ଟୋଲଗେଟ ପୂର୍ବରୁ ଏକ ଗ୍ରାମ୍ୟ ରାସ୍ତା ଦେଇ ଯାଜପୁର ଯାଇ ସେଠାରୁ କୟାଁଗୋଲା ଦେଇ ଧାମନଗର ପଳାଇ ଯାଇଥିଲେ। ତେବେ ମୋବାଇଲ କମ୍ପାନୀର ଦୁଇ କର୍ମଚାରୀ ତାଙ୍କର ଫୋନ୍‌କୁ ଟ୍ରାକିଙ୍ଗ କରିବା ସହିତ ତାଙ୍କର ପିଛା କରି ଧାମନଗର ଠାରେ ପହଂଚିଥିଲେ। ତେବେ ପୁଲିସ ପିଛା କରୁଛି ଭାବି ଉକ୍ତ ଦୁଇ ଯୁବକ ମୋବାଇଲଗୁଡ଼ିକ ଫୋପାଡ଼ି ଦେଇ ଓ ବାଇକ୍ ଛାଡ଼ି ନିକଟସ୍ଥ ଏକ ନାଳକୁ ଡ଼େଇଁ ପଡ଼ିଥିଲେ। ତେବେ ଉକ୍ତ ଦୁଇଜଣ ଯୁବକଙ୍କ ମଧ୍ୟରୁ ଜଣକୁ ଦୁଇ କର୍ମଚାରୀ କାବୁ କରି ପୁଲିସ ଜିମା ଦେଇଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛି। ଉକ୍ତ ଯୁବକ ଜଣକ ଧାମନଗର ଥାନାରେ ଅଟକ ଅଛି। ପୁଲିସ ଉକ୍ତ ଲୁଟେରାମାନଙ୍କ ଦ୍ୱାରା ଚୋରୀ କରାଯାଇଥିବା ୮ଟି ମୋବଇଲକୁ ଜବତ କରିବା ସହିତ ଦୁଇଟି ଚୋରା ବାଇକ(ଓଡ଼ି୨୨ ଭି୫୦୩୨ ଓ ଓଡ଼ି୩୪ ୟୁ୪୬୩୧)କୁ ମଧ୍ୟ ଜବତ କରିଛି।

# ନାଟ୍ୟକଳା ଉତ୍ସବରେ ମନ ମୋହିଲା ନାଟକ ‘ଦିଗଦର୍ଶକ’ ଓ ‘କଥାନୀ ଢଳତି ବେଲାର’

ସମ୍ବଲପୁର, ୧୯/୧୧ (ନି.ପ୍ର): ନାଟକ ପ୍ରତି ଉତ୍ସର୍ଗୀକୃତ ଅବଦାନ ପାଇଁ ନାଟ୍ୟକଳା ସମ୍ମାନରେ ସମ୍ବର୍ଦ୍ଧିତ ହେଲେ ଡ଼. ଶିବ ନାରାୟଣ ଶତପଥି ସମ୍ବଲପୁରର ପୁରାତନ ନାଟ୍ୟାନୁଷ୍ଠାନ ସମ୍ବଲପୁର ନାଟ୍ୟକଳା ପରିଷଦ,ତାର ୫୫ ବର୍ଷ ପଦାର୍ପଣରେ ଆୟୋଜନ କରିଛି ନାଟ୍ୟକଳା ଉତ୍ସବ । ସମ୍ବଲପୁର ସହର ଝାଡୁଆପଡା ସ୍ଥିତ ଅରଣ୍ୟକ ମଂଚରେ ଅନୁଷ୍ଠିତ ନାଟ୍ୟକଳା ଉତ୍ସବରେ ବରିଷ୍ଠ କଳାକାର ନାଟକ ପ୍ରତି ତାଙ୍କର ଉତ୍ସର୍ଗୀକୃତ ଅବଦାନ ପାଇଁ ଡ଼. ଶିବ ନାରାୟଣ ଶତପଥିଙ୍କୁ ନାଟ୍ୟକଳା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ ସଭ୍ୟ ତଥା କଳା ସଂଗଠକ ମନୋରଞ୍ଜନ ପାଢ଼ୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଡ଼. ସିଦ୍ଧାର୍ଥ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଶିରୀଶ ଚନ୍ଦ୍ର ପୂଜାରୀ ମାନପତ୍ର ପାଠ କରିଥିବା ବେଳେ ଭବାନୀ ଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ସଭ୍ୟ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଓ ଗୋରେଖଲାଲ ଦାସ, ଯୋଗେଶ ନନ୍ଦ, ପୂର୍ଣ୍ଣଚନ୍ଦ୍ର ଦାସ, ଯୋଗେଶ ହୋତା, ବୋଧରାମ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ କ୍ଷ ନାଟ୍ୟକଳା ଉତ୍ସବରେ ପ୍ରିୟମ ଜାନିଙ୍କ ରଚିତ ତଥା ତାପସ ରଞ୍ଜନ ସାହୁଙ୍କ ଅନୁବାଦିତ ନାଟକ ’ଦିଗଦର୍ଶକ’ ଓ ବିରୁପାକ୍ଷ ପ୍ରଧାନଙ୍କ ରଚିତ ’କଥାନୀ ଢଳତି ବେଲାର’ ମଂଚସ୍ଥ ହୋଇଥିଲା । ନାଟୁଆ ତାର ସଙ୍କୋଚ ପଣିଆ, ତ୍ୟାଗୀ ମାନସିକତା ଓ ନିସ୍ୱାର୍ଥପର ଭାବନାକୁ ନେଇ ନାଟକ ପ୍ରତି ନିଜକୁ ସମର୍ପି ଦିଏ । ବେଳେ ବେଳେ ନିଜର ପାରିବାରିକ ସମସ୍ୟାକୁ ବି ଅଣଦେଖା କରିଯାଏ କ୍ଷ ତାର ବି ପରିବାର ଅଛି, ତାର ଭିତରେ ବି ଅଛି ଗୋଟେ ଜୀବନ ହେଲେ ବି ନାଟକ ହିଁ ତାର ଜୀବନର ମୁଖ୍ୟ ଅଙ୍ଗ ତାରି ଭିତରେ ଖୋଜେ ଗୋଟେ ସୁନ୍ଦର ଶୃଙ୍ଖଳିତ ଜୀବନକୁ ଆଜିର ସିନେମା ଟେଲିଭିଜନ ର ଚାକଚକ୍ୟ ରେ ଯୁବକ ମାନେ ନାଟକ ଅନେକ କିଛି ଶିଖନ୍ତି ହେଲେ ନାଟକ ଠୁ ବିମୁଖ ହୁଅନ୍ତି । ତଥାପି ବଂଚେ ନାଟକ... ଗୁରୁ ଶିଷ୍ୟ ଚରିତ୍ର କୁ ନେଇ ଗତିଶୀଳ ନାଟକ ଦିଗଦର୍ଶକ କ୍ଷ ମୂଳ ହିନ୍ଦୀ ରଚନା ପ୍ରିୟମ ଜାନି, ସମ୍ବଲପୁରୀ ଭାଷାନ୍ତର ତାପସ ରଞ୍ଜନ ସାହୁ, ଆଲୋକ ସମ୍ପାତ, ସଂଗୀତ ଓ ନିର୍ଦ୍ଦେଶନା : ପ୍ରଶାନ୍ତ ମହାରଣା, ମଂଚ ସଜ୍ଜା : କାର୍ତିକ ସାହୁ ଓ କୃଷ୍ଣ ଚନ୍ଦ୍ର ବିଶି, ଶବ୍ଦ : ଚନ୍ଦନ ପଣ୍ଡା, ରୂପସଜ୍ଜା : ଭଗବାନ ସାହୁ, ମଂଚ ପରିଚାଳନା : ଗୋରେଖ ଲାଲ ଦାଶ, ଅଭିନୟ ରେ : ସୂର୍ଯ୍ୟ ପାଣିଗ୍ରାହୀ ଓ ତାପସ ରଞ୍ଜନ ସାହୁ, ଦ୍ୱିତୀୟ ନାଟକ ଥିଲା ବିରୁପାକ୍ଷ ପ୍ରଧାନ ଓ ଦିଲିପ ଦେବ ଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ‘ କଥାନୀ... ଢଳତି ବେଲାର କ୍ଷକ୍ଷ ଜୀବନର ଅପରାହ୍ନ ରେ ଅନେକ କିଛି ପରିବର୍ତନ ଆସେ, ନିଜର ଅନାବିଳ ସ୍ନେହର ପରସରେ କୋଳେଇ କାଖେଇ ଛୋଟ ରୁ ବଡ଼ କରିଥିବା ନିଜର ପୁଅ ଝିଅ ବି ଜୀବନର ସାୟାନ୍ହ ରେ ବାପା ମାଆଙ୍କୁ ବି ବୋଝ ଭାବି ବସନ୍ତି । ଆପଣାର ବି ହୋଇଯାଆନ୍ତି ପର, ହେଲେ ବି ସେମାନେ ପ୍ରେମ ଓ ଅତ୍ମୀୟତା ର ଭାବ ରେ ଭୁଲି ଯାଆନ୍ତି ପୁଅ ଝିଅ ବୋହୂ ଙ୍କର ଅନାଦର ଭାବନାକୁ, ସେମିତି ଏକ କଥାବସ୍ତୁ କୁ ନେଇ ପର୍ଯ୍ୟବେଶିତ ନାଟକ ‘ କଥାନୀ.. ଢଳତି ବେଲାର... । ନାଟକରେ ସଂଗୀତ ଦେଇଥିଲେ ରବୀନ୍ଦ୍ର ପଣ୍ଡା, ବାହ୍ୟ ସଂଗୀତ : ବିଶ୍ୱନାଥ ଶତପଥି, ଆଲୋକ ସମ୍ପାତ : ଚନ୍ଦ୍ରକାନ୍ତ ମହାନ୍ତି, ମଂଚ ସଜ୍ଜା : ଶୁଭେନ୍ଦ୍ର ନନ୍ଦ ଓ ଭାବତୋଷ ବିଶି, ଅଭିନୟରେ ଥିଲେ : ସଂଯୁକ୍ତା ପଣ୍ଡା,ଦିଲିପ ଦେବ, ସନ୍ତୋଷ ମିଶ୍ର,ଶୁଭଶ୍ରୀ ଠାକୁର, ବିରୁପାକ୍ଷ ପ୍ରଧାନ, ଶ୍ୟାମଳୀ ପତି, ଜଗଦାନନ୍ଦ ପ୍ରଧାନ, ରବୀନ୍ଦ୍ର ପଣ୍ଡା ଓ ଜଗଦୀଶ ମହାପାତ୍ର ।

# ପଦ୍ମଗିରି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ବିଦ୍ୟାଳୟକୁ ଅଚାନକ ଗସ୍ତ

ମାଲକାନଗିରି, ୧୯/୧୧ (ନି.ପ୍ର): ଆଜି ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ପଦ୍ମଗିରି ସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ର ବିଦ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ । ଗସ୍ତ ସମୟରେ ସାଙ୍ଗରେ ଥିଲେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ,ମାଲକାନଗିରି ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର ଓ ବିଧାୟକ ପ୍ରତିନିଧି ସତ୍ୟ ସରଣ ପାଲ । ଅପରାହ୍ନ ୨ ଟାରେ ସ୍କୁଲ ପରିସର ମଧ୍ୟରେ ପହଁଚିଲା ବେଳକୁ ପ୍ରଥମେ ପ୍ରତିଟି ଶ୍ରେଣୀ ଗୃହ ବୁଲିବା ସହ ଶ୍ରେଣୀ ଉପସ୍ଥାନ ଦେଖିଥିଲେ । ଉପସ୍ଥାନ ଓ ଛାତ୍ରଛାତ୍ରୀଙ୍କ ମେଳ ଖାଉନଥିବା ବେଳେ ଷଷ୍ଠ ଓ ସପ୍ତମ ଶ୍ରେଣୀ ରେ ନିଜେ ବିଧାୟକ ପାଠ ପଢ଼ାଇଥିଲେ । ଉପସ୍ଥାନ ଓ ଛାତ୍ରଛାତ୍ରୀ ଙ୍କ କାହିଁକି ମେଳ ନାହିଁ ବୋଲି ସ୍ଥାନୀୟ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ପଟଶାଣୀ ଙ୍କୁ ତାଗିତ କରିଥିଲେ ବିଧାୟକ । ପରେ ବିଦ୍ୟାଳୟ ରେ ଥିବା ଛାତ୍ରାବାସ ବୁଲି ଦେଖିଥିଲେ । ଛାତ୍ରାବାସ ର କୌଣସି ଶୌଚାଳୟ ସଫା ହେଉନାହିଁ ଓ ଅପ୍ରୀତିକର ପରିବେଶ ରେ ଛାତ୍ରଛାତ୍ରୀଙ୍କ ଶରୀର ଅସୁସ୍ଥ ହେବ ଆଉ ଯଥାଶୀଘ୍ର ପରିସ୍ଥିତି ରେ ସୁଧାର ଆଣିବାକୁ କହିଥିଲେ । ପରେ ଛାତ୍ରଛାତ୍ରୀ ଙ୍କ ପାଇଁ ଭୋଜନ ବିଷୟରେ ତର୍ଜମା କରିଥିଲେ । ଛାତ୍ରଛାତ୍ରୀ ଙ୍କ ଭୋଜନ ପାଇଁ ଆସୁଥିବା ସାମଗ୍ରୀ,ଚାଉଳ, ପନିପରିବା ଓ ଅନ୍ୟାନ ଜିନିଷ ର ମାନ ଦେଖିଥିଲେ। ଛାତ୍ରଛାତ୍ରୀ ଙ୍କ ପାଇଁ ଆସୁଥିବା ଚାଉଳ ରେ ବ୍ୟାପକ ପରିମାଣର ଅନିୟମିତତା ହେଉଥିବା ପ୍ରମାଣ ପାଇଥିଲେ ଏବଂ ଗୋଦାମ ରେ ସଂଗୃହିତ ଚାଉଳ ଓ ରେକର୍ଡ ତାଳମେଳ ଖାଉନଥିବାରୁ ଖପ୍ପା ହୋଇଛନ୍ତି ବିଧାୟକ । ବର୍ତମାନ ବିଦ୍ୟାଳୟ ରୁ ୧୪୧ ବସ୍ତା ଚାଉଳ ଗାଏବ ହୋଇଥିବା ପ୍ରମାଣ ପାଇଥିଲେ। ପରିବେଶ ସୁଧାରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଭାଙ୍ଗିଯାଇଥିବା ସୁରକ୍ଷା ପାଚେରୀ ଓ ଅନ୍ୟାନ କୋଠରୀ ର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ କହିଛନ୍ତି । ଏହାସହ ଅତିରିକ୍ତ ଜିଲ୍ଲାପାଳ ଅବ୍ୟବସ୍ଥା କୁ ନେଇ ସ୍ଥାନୀୟ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ପଟଶାଣୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୧୯/୧୧ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଆଜି ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରିବା ସହ ଅଭିଯୋଗ କାରୀ ଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୧୮୧ ଗୋଟି ଅଭିଯୋଗ ମିଳିଥିଲା ।ତନ୍ମଧ୍ୟରୁ ୧୬୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ଓ ୨୦ ଗୋଟି ଗ୍ରାମ୍ୟ ସମ୍ପର୍କରେ ଆବେଦନ ମିଳିଥିଲା। ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା।

ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଅସ୍ତରଙ୍ଗ ବିଡ଼ିଓ, ତହସିଲଦାର,ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଜୟପୁର, ୧୯/୧୧ (ନି.ପ୍ର): ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟ ପରିସରରେ କୋରାପୁଟଜିଲା ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଡ଼ିଓ ସନ୍ଧ୍ୟା ସମରଥ ଙ୍କ ସଭାପତିତ୍ୱ ରେ ଆୟୋଜିତ ମିଳିତ ଅଭିଯୋଗ ଜନ ଶୁଣାଣୀ ରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତି ଭାସନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସପି ରୋହିତ ବର୍ମା ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ ନିକଟରେ ୪୦ ଟି ଅଭିଯୋଗ ପତ୍ର ଆସିଥିଲା।।ସେଥି ମଧ୍ୟରୁ ୧୩ ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ଅନ୍ୟ ୨୭ ଟି ସାମୁହିକ ଅଭିଯୋଗ ଆସିଥିଲା। କୁମୁଲି ଗ୍ରାମର ପ୍ରତାପ ହୋତା ବ୍ଲକ ର ପୂର୍ବତନ କନିଷ୍ଠ ଯନ୍ତ୍ରୀ ତୃପ୍ତି ଦାସ ନାଁ ରେ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଥିଲେ ।ଶ୍ରୀ ହୋତା ହର୍ଦ୍ଧଲି ବିଦ୍ୟାଳୟ ପରିସରରେ ବ୍ଲକ ତରଫରୁ ଏକ ଗୃହ ନିର୍ମାଣ କରିଥିଲେ। ଗୃହ ନିର୍ମାଣ ହେବାର ତିନି ବର୍ଷ ପରେ ବି ତାଙ୍କୁ କନିଷ୍ଠ ଯନ୍ତ୍ରୀ ତୃପ୍ତି ଦାସ ଟଙ୍କା ଦେଇ ନଥିବା ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି। ଏଥିସହ କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ ଦାସ ଭେଣ୍ଡର ଠାରୁ ତାଙ୍କ ଗୃହ ନିର୍ମାଣ ଅର୍ଥ ପ୍ରାୟ ୧୪ ଲକ୍ଷ ଟଙ୍କା ଉଠାଇ ଛୁ ମାରିଥିବା କହିଛନ୍ତି ।ଜିଲ୍ଲାପାଳ ଏହି ଅଭିଯୋଗ ର ଶୁଣାଣୀ କରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ତେଲେଙ୍ଗିରି ଡ୍ୟାମ ରୁ ପାଣି ଲିକ ଯୋଗୁଁ କିଛି ଦିନ ମଧ୍ୟରେ ଜଳ ଭଣ୍ଡାର ଖାଲି ହୋଇଯିବ। ପୋଡାପଦର ଗ୍ରାମର ଚାଷୀ ଚିତ୍ରସେନ ମିଶ୍ର ଙ୍କ ନେତୃତ୍ୱରେ କିଛି ଚାଷୀ ଆସି ଜିଲ୍ଲାପାଳ ଙ୍କୁ ପଦକ୍ଷେପ ନେବାକୁ କହିଛନ୍ତି। ପୂର୍ବ ସରକାର ସମୟରେ ବୋରିଗୁମ୍ମା ବ୍ଲକ ର ପ୍ରାୟ ୧୫୦ ଗୋଟି ମନ୍ଦିର, ମସଜିଦ ଓ ଚର୍ଚ୍ଚ ଉନ୍ନତି କରଣ ପାଇଁ ଅନୁଦାନ ପ୍ରଦାନ କରିଥିଲେ ।କିନ୍ତୁ ଏପର୍ଯ୍ୟନ୍ତ କୌଣସି ଧର୍ମାନୁଷ୍ଠାନ ର ଉନ୍ନତି କରଣ ହୋଇନାହିଁ ବୋଲି ଚିତ୍ରସେନ ମିଶ୍ର ଅଭିଯୋଗ କରିଥିଲେ। ପରେ ଜିଲ୍ଲାପାଳ ୧୬ ଟି ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ୫୮ ଲକ୍ଷ ଟଙ୍କା ଋଣ ପ୍ରଦାନ କରିବା ସହ ଦିବ୍ୟାଙ୍ଗ ଙ୍କୁ ହୁଇଲ ଚେୟାର ତିନୋଟି ଓ ଗୋଟିଏ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଜନ ଶୁଣାଣୀ ଶିବିରରେ ସମସ୍ତ ବିଭାଗ ର ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ବ୍ଲକ ସ୍ତରୀୟ ଅଧିକାରୀ ତଥା ଏବିଡ଼ିଓ ମାଧୁରୀ ଆଚାରୀ,ଏଇଇ ପ୍ରକାଶ ପ୍ରଧାନ, ଏଇ ସତ୍ୟନାରାୟଣ ସେଠୀ,ବିଇଓ ସଚିନ କୁମାର ମଲ୍ଲିକ, ସିଡିପିଓ ଗାୟତ୍ରୀ ବାହିନୀପତି ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଇଂରାଜୀ ବିଷୟ ଉପରେ ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ

ଜୟପୁର, ୧୯/୧୧ (ନି.ପ୍ର): ଜୟପୁର ନେହେରୁ ନଗର ସ୍ଥିତ ସିଟି ହାଇସ୍କୁଲରେ ଇଁରାଜି ବିଷୟ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଇଁରାଜି ଭାଷାକୁ ଅଧିକ ସମୃଦ୍ଧି କରଣ କରିବା ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ତାଲିମ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଆଜି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରି ଶଙ୍କର ମାଝୀ, ଜିଲା ଶିକ୍ଷାଧିକାରି ପ୍ରଶାନ୍ତ କୁମାର ମହାନ୍ତି, ପେଡାଗୋଜି କୋଡିନେଟର ଚନ୍ଦ୍ର କଳା ବଗର୍ତି, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ମନରଞ୍ଜନ ପ୍ରଧାନ, ସିଟି ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରୀ ବି. ସୁଜତା ପ୍ରମୁଖ ଉପସ୍ଥିତ ଥିଲେ । ଆଜି ଠାରୁ ଆସନ୍ତା ୨୨ ତାରିଖ ଯାଏ ଶିକ୍ଷକ ମାନଙ୍କୁ ତାଲିମ ଦିଆଯାଇଛି । ୯ ସପ୍ତାହ ବ୍ୟାପି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଠାରେ କୋରାପୁଟ, ରାୟଗଡା ଓ ଗଜପତି ଜିଲାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଇଁରାଜୀ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ତାଲିମ ଦିଆଯାଉଛି । ଇଁରାଜି ଆମେ ବୁଝିପାରୁଛେ କିନ୍ତୁ କହିବା ସମୟରେ କଷ୍ଟ ହୁଏ । ସେଥିପାଇଁ ଶିକ୍ଷକ ମାନଙ୍କୁ ଇଁରାଜିକୁ ବୁଝିବା ଓ କହିବାର ସହଜିକରଣ ନେଇ ତାଲିମ ଦିଆଯାଉଛି । ଏଠାରେ ଶିକ୍ଷକ ମାନେ ତାଲିମ ନେଇ ଛାତ୍ର ଛାତ୍ରୀ ମାନଙ୍କୁ ଇଁରାଜିରେ ସମୃଦ୍ଧି କରିବାକୁ ଗଣଶିକ୍ଷା ମନ୍ତ୍ରୀ ଗଣ୍ଡ ନିଜ ବକ୍ତବ୍ୟ ରଖିଥିଲେ । ୩ଟି ଜିଲାର ୫୧ ଜଣ ଶିକ୍ଷକ ଶିକ୍ଷୟତ୍ରୀ ତାଲିମ ନେଉଛନ୍ତି । କ୍ଷିରୋଦ କୁମାର ଭଞ୍ଜ ମିଶ୍ର, ପାର୍ଥ ସାରଥି ପଣ୍ଡ, ଦୁର୍ଯ୍ୟୋଧନ ମୁଦୁଲି, ସୌମ୍ୟ ପ୍ରସାଦ ନାୟକ, ଦେବେନ୍ଦ୍ର କୁମାର ଦୋରା, ରମେଶ ଚନ୍ଦ୍ର ସାହୁ, ଜୟ ପ୍ରକାଶ ମିଶ୍ର ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି ।

# ଜୟପୁର ବିମାନ ବନ୍ଦର ସୁରକ୍ଷା ନେଇ ମକଡ୍ରିଲ୍ ଜୟପୁର

ଜୟପୁର, ୧୯/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିମାନ ବନ୍ଦରର ସୁରକ୍ଷା ନେଇ କେନ୍ଦ୍ରୀୟ ଏବଂ ରାଜ୍ୟ ସୁରକ୍ଷାବିଭାଗ ପକ୍ଷରୁ ମିଳିତ ମକଡ୍ରିଲ ସୋମବାର ଅନୁଷ୍ଠିତ ହୋଇଥିଲା । ଏହି ମକଡ୍ରିଲରେ କେନ୍ଦ୍ରୀୟ ସୁରକ୍ଷା ବିଭାଗର ଇଂଟେଲିଜେନ୍ସ ବ୍ୟୁରୋ, ସିଆଏସଏଫ, ସ୍ୱତନ୍ତ୍ର ତଦକାରୀ ସଂସ୍ଥା ଏବଂ ରାଜ୍ୟ ସରକାରଙ୍କ ଏସଓଜି, ଜିଲ୍ଲା ପୁଲିସ ପକ୍ଷରୁ ମିଳିତ ମକଡ୍ରିଲ କରାଯାଇଥିଲା । ଏଥିରେ ସନ୍ଧାନକାରୀ କୁକୁର, ବୋମା ନିଷ୍କ୍ରିୟକାରୀ ସ୍କ୍ୱାର୍ଡ, ସାଇଂଟିଫିକ ଦଳ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବାହ୍ନରେ ବିମାନ ବନ୍ଦର ବାହାରେ ଏବଂ ଭିତରେ ବୋମା ସନ୍ଧାନକାରୀ ମେଟାଲ ଡିଟେକ୍ଟର, ଏବଂ ଅନ୍ୟାନ୍ୟ ଆଧୁନିକ ସାମଗ୍ରୀ ସହିତ ଯାଂଚ। କୌଣସି ଆତଙ୍କବାଦୀ ଆକ୍ରମଣ ବେଳେ ତୁରନ୍ତ ସ୍ୱତନ୍ତ୍ର ସୁରକ୍ଷାବଳଙ୍କ ଦ୍ୱାରା ପ୍ରତିରୋଧ ଓ ପ୍ରତିଆକ୍ରମଣକୁ ନେଇ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା ବୋଲି ଜୟପୁର ବିମାନ ବନ୍ଦର ମୁଖ୍ୟ ଅମିୟ ଦାଶ ପ୍ରକାଶ କରିଛନ୍ତି ।

# ଲାଲା ଲାଜପତ ରାୟଙ୍କ ମୃତ୍ୟୁ ଦିବସ ଉପଲକ୍ଷେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ଗଣ ବିକ୍ଷୋଭ

କେନ୍ଦୁଝର, ୧୯/୧୧ (ନି.ପ୍ର): ବ୍ରିଟିଶ ବିରୋଧି ଆନ୍ଦୋଳନରେ ଚାଷୀ ଅଭ୍ୟୁତଥାନର ମହାନ ଜନନେତା ଲାଲା ଲାଜପତରାୟଙ୍କ ମୃତ୍ୟୁ ଦିବସ ଉପଲକ୍ଷେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜୁର ସଂଗଠନ(ଏଆଇକେକେଏମ୍ଏସ୍) ପକ୍ଷରୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିକ୍ଷୋଭ ପୂର୍ବରୁ କେନ୍ଦୁଝରସ୍ଥ କରଞ୍ଜିଆ ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଚାଷୀ,ମହିଳା, ଯୁବକମାନେ ରାମ ବୃଦ୍ଧି ବନ୍ଦ କରିବା, ବେକାରଙ୍କୁ କାମ ଯୋଗାଇ ବୋ,ଏମ୍?ଏସ୍?ପି କୁ ଆଇନର ଗ୍ୟାରେଟିଂ ବୋ, ଚାଷ ଜମି ଅଧିଗ୍ରହଣ ବନ୍ଦ କରିବା ଆସି ସ୍ଲୋଗାନ ମାନ ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ କମ୍ରେଡ ଘନଶ୍ୟାମ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏଆଇକେକେଏମ୍ଏସ୍ ର ରାଜ୍ୟ ସଂପାଦକ କମ୍ରେଡ ରଘୁନାଥ ।ସ ଯୋଗେଇ ତାଙ୍କ ଭାଷଣ ପ୍ରସଙ୍ଗରେ ଆକାଶଛୁଆଁ ର ବୃଦ୍ଧି, ଚାଷୀମାନଙ୍କର ଧାନ କିଣା ସମସ୍ୟା, ଚାଷ ଜମିକୁ ବଳପୂର୍ବକ ଅଧିଗ୍ରହଣ ଭଳି କେତେକ ବିଷୟ ଉପରେ ଆଲୋକପାତ କରିବା ସହ ଜିଲ୍ଲାରେ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ରେଡ ପ୍ରକାଶ ମଲ୍ଲିକ, ବେଣୁଧର ସର୍ଦ୍ଦାର ପ୍ରମୁଖ ନେତୃବୃନ୍ଦ ସେମାନଙ୍କ ବକ୍ତବ୍ୟରେ ଜିଲ୍ଲାରେ ପ୍ରତ୍ୟେକ ଅଫିସ ସ୍ତରରେ ଦୁର୍ନୀତି କିଭଳି ହେଉଛି, ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ବ୍ୟାପକ ଚାଷୀ ଆନ୍ଦୋଳନ ଗଢି ତୋଳିବାକୁ ସେମାନେ ମଧ୍ୟ ଆହ୍ୱାନ କରିଥିଲେ। ରାମ ବୃଦ୍ଧି ନିୟନ୍ତ୍ରଣ ପାଇଁ ରାଷ୍ଟ୍ରୀୟ ବ୍ୟବସାୟ ବାଣିଜ୍ୟ ପ୍ରଚଳନ କରିବା, ଚାଷ ଜମିରେ କାରଖାନା ନିର୍ମାଣ ବନ୍ଦ କରିବା, ପତିତ ଜମିରେ ଖଣିଭିତିକ କଳକାରଖାନା ସରକାରୀ ଉଦ୍ୟୋଗରେ ନିର୍ମାଣ କରିବା, ଏମ୍ଏସ୍‌ପି କୁ ଆଇନ ର ଗ୍ୟାରେଟିଂ ବୋ, ସ୍ୱାମୀନାଥନ କମିଶନ ରିପୋର୍ଟ ଅନୁଯାୟୀ ସି-ଟୁ+୫୦% ଏମ୍ଏସ୍‌ପି ମୂଲ୍ୟ ନିର୍ଦ୍ଧାରଣ କରିବା, ବ୍ଯୁିତ ବିଲ୍ ୨୦୨୩ ପ୍ରତ୍ୟାହାର କରିବା, ସ୍ମାର୍ଟ ମିଟର ବସାଇବା ସଂପୂର୍ଣ୍ଣ ବନ୍ଦ କରିବା, ରାସନ କାର୍ଡଧାରୀଙ୍କୁ ଜଣ ପିଛା ମାସକୁ ୧୫ କିଲୋ ରାସନ ପ୍ରାନ କରିବା, ୫୫ ବର୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୧୦ ହଜାର ଟଙ୍କା ପେନସନ ଦେବାକୁ ଏହି ବିକ୍ଷୋଭରେ ।ବି କରାଯାଇଥିଲା। କମ୍ରେଡ ପ୍ରକାଶ ମଲ୍ଲିକଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ୧୩ ଫା ।ବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରାନ କରିଥିଲେ।

# ରାଜ୍ୟରେ ଜମଧର କୃଷି ସମବାୟ ସମିତି ପ୍ରଥମ ଓ ଭରତପୁର ଦ୍ୱିତୀୟ

କେନ୍ଦ୍ରାପଡ଼ା, ୧୯/୧୧ (ନି.ପ୍ର): ରାଜ୍ୟରେ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କରାଯାଉ ଥିବାବେଳେ ସମବାୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଜିଲ୍ଲାକୁ ଗୌରବାନିତ୍ୱ କରିଥିବା କେନ୍ଦ୍ରାପଡ଼ାର ଜମଧର ପ୍ରାଥମିକ କୃଷି ସମବାୟ ସମିତିକୁ ରାଜ୍ୟ ସ୍ତରରେ ଶ୍ରେଷ୍ଠ ସମବାୟ ସମିତି ଭାବେ ଘୋଷଣା ସହ ସମ୍ମାନିତ କରାଯାଇଛି। ସେହିଭଳି ଭରତପୁର ପଂଚାୟତରେ ଥିବା ଭରତପୁର ପ୍ରାଥମିକ କୃଷି ସମବାୟ ସମିତିକୁ ଦ୍ୱିତୀୟ ସ୍ଥାନ ମିଳିଥିବା ଜଣାପଡ଼ିଛି। ଏହି ୨ ସମିତିରେ ଚାଷୀ, ଭାଗଚାଷୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ, ସମିତି ର କମ୍ପ୍ୟୁଟରୀ କରଣ, ଚାଷୀମାନଙ୍କୁ ସାର, ବିହନ ଆଦି ଯୋଗଇବାରେ ପ୍ରମୁଖ ଭୂମିକା ଗ୍ରହଣ କରାଯାଇଛି । ଓଡିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏହି ଘୋଷଣା କରାଯାଇଥିବା ସୂଚନା ମିଳିଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଚସ୍ପତି ସୁରମା ପାଢୀ, ସମ୍ମାନିତ ଅତିଥି ସମବାୟ ମନ୍ତ୍ରୀ ପ୍ରଦିପ ବଳସାମନ୍ତ, ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ସମବାୟ ବିଭାଗର ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ସମୂହର ନିବନ୍ଧକ ଓ ମହା ସମୀକ୍ଷକ ପ୍ରଭୁ କଲ୍ୟାଣ ପଟ୍ଟନାୟକ ତଥା ରାଜ୍ୟ ସମବାୟ ୟୁନିୟନ ର ସଭାପତି ପ୍ରଭାସିନୀ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଜମଧର ସମବାୟ ସମିତିର ସଭାପତି ଧରଣୀଧର ଦାସ, ବୈରାଗୀ ଚରଣ ସାହୁ, ଭରତପୁର ସମବାୟ ସମିତିର ସଭାପତି ବସନ୍ତ କୁମାର ରାଉତ, ସଂପାଦକ ସୁବୋଧ କୁମାର ଲେଙ୍କା ପ୍ରମୁଖ ପୁରସ୍କାର ଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମରେ ସମିତିର ନିର୍ଦ୍ଦେଶକ ମାନେ ଉପସ୍ଥିତ ଥିଲେ ।

# ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୧୯/୧୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କେବିଡି ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଜିପଡିଓ ଭାଗିରଥି ନାୟକ, ବ୍ଲକ ସାମିଜିକ ସୁରକ୍ଷା ଅଧିକାରି କେ.ଏସ ନିଶା ସରପଂଚ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା ।

# ନୀଳଗିରିରେ ଇନ୍ଦିରା ଗାନ୍ଧୀଙ୍କ ୧୦୭ତମ ଜନ୍ମଜୟନ୍ତୀ ପାଳିତ

ନୀଳଗିରି, ୧୯/୧୧ (ନି.ପ୍ର): ଇନ୍ଦିରାଗାନ୍ଧୀ ସ୍ମୃତିକମିଟି ବାଲେଶ୍ୱର ପକ୍ଷରୁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ୧୦୭ ତମ ଜନ୍ମଜୟନ୍ତୀ ଦିବସ ପାଳିତ ହେଉଛି। ଏନେଇ ନୀଳଗିରି କଂଗ୍ରେସ ଭବନରେ ସ୍ମୃତି କମିଟିର ସଭାପତି ଯଶୋଦା ନନ୍ଦନ ସିଂହଙ୍କ ସଭାପତିତ୍ୱରେ ଏହି ଜନ୍ମଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା।ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଓ ଜନକଲ୍ୟାଣ ପାଇଁ ହୋଇଥିବା ନୀତି ଗୁଡିକ ଉପରେ ଉପସ୍ଥିତ ଅତିଥି ମାନେ ଆଲୋଚନା କରିଥିଲେ।ରାମଧ୍ୱନି ଦେବା ସହିତ ଇନ୍ଦିରା ଗାନ୍ଧୀଙ୍କ ନୀତି ଆଦର୍ଶରେ ଚାଲିବା ପାଇଁ ଉପସ୍ଥିତ ସମସ୍ତ ସଦସ୍ୟ ଶପଥପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପି ସି ସି ସଦସ୍ୟ ବିକାଶ ଦାସ,ମୁଖ୍ୟବକ୍ତା ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା,ସମ୍ମାନିତ ଅତିଥି ଭାବେ ମାଟିଆଳୀ ଲ୍ୟାମ୍ପସ ସଭାପତି ଯଶୋଦା ନାୟକ ,ଯୋଗେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ। କଂଗ୍ରେସ ମହିଳା ସଭାପତି ବାସନ୍ତୀ ସିଂ,ପୂର୍ବତନ ବ୍ଲକ ଛାତ୍ର ସଭାପତି ଅଶ୍ୱିନୀ କୁମାର ପାତ୍ର, ଉମାକାନ୍ତ ବୁଗୁଡାଇ, ପିତାମ୍ବର ସିଂ, ଅଶ୍ୱିନୀ ଦାସ, ବିକାଶ କୁମାର ଦାସ, ଜୟନାରାୟଣ ରାଉତ, ରତିକାନ୍ତ ବେହେରା, ସୁରେନ୍ଦ୍ର ଦାସ, ଚକ୍ରଧର ଦାସବାବୁ, ପ୍ରଫୁଲ୍ଲ ବେହେରା, ରାଧାଶ୍ୟାମ ଦାଶ, ପ୍ରମୁଖ ଉପସ୍ଥିତ ରହିଥିଲେ।


## ବାଣିଜ୍ୟ ବିଭାଗ ଅଧୀନରେ ଖଡ଼ଗପୁର ବିଭାଗ ଉପରେ କ୍ୟାଟରିଂ ଏବଂ ଏମପିଏସ୍ ୟୁନିଟ୍ ପାଇଁ ଇ-ଟେଣ୍ଡର ଏବଂ ଇ-ନିଲାମ ବିଜ୍ଞପ୍ତି

ଇ-ଟେଣ୍ଡର ଏବଂ ଇ-ନିଲାମ ବିଜ୍ଞପ୍ତି ନଂ: କେଜିପି / କ୍ୟାଟରିଂ-ଏମପିଏସ / ୨୦୨୪ ତାରିଖ-୧୮.୧୧.୨୦୨୪ ରାଷ୍ଟ୍ରପତିଙ୍କ ପାଇଁ ଏବଂ ୟୁନିଅନ ଅଫ୍ ଇଣ୍ଡିଆ, ସିନିୟର ଡିଭିଜନାଲ ବାଣିଜ୍ୟ ପରିଚାଳକ, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳବାଇ ପ୍ରକାଶିତ ●୦୫ (ପାଞ୍ଚ) ବର୍ଷ ପାଇଁ ଖଡ଼ଗପୁର (୨ ନଂ।) ଏବଂ ମିଡନାପୁର (୧ ନଂ) ରେଳ ଷ୍ଟେସନରେ ଜେନେରାଲ ମାଇନର ୟୁନିଟ୍ ଷ୍ଟଲରେ କ୍ୟାଟରିଂ ୟୁନିଟ୍ ଯୋଗାଣ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି । ଏନଆଇଟି ଖୋଲିବାର ତାରିଖ ଏବଂ ସମୟ ଯଥାକ୍ରମେ ୨୯.୧୧.୨୦୨୪, ୧୫:୦୦ ଘଣ୍ଟା ।● ହାଉର(୧ ନମ୍ବର), ଆଣ୍ଡୁଲ (୧ ନମ୍ବର), କୋଲାଘାଟ (୧ ନମ୍ବର), ଅବାଡା (୧ ନମ୍ବର), ବାଉରିଆ (୧ ନମ୍ବର), ଅମତା (୧ ନମ୍ବର) ରେ କ୍ୟାଟରିଂ ୟୁନିଟ୍ ଯୋଗାଣ ପାଇଁ ଇ-ନିଲାମ ତାଲିକା । ଏବଂ ମଉରିଗ୍ରାମ (୧ ନମ୍ବର) ରେଳ ଷ୍ଟେସନ ଖରାଗପୁର ବିଭାଗ ଉପରେ ୦୫ (ପାଞ୍ଚ) ବର୍ଷ ପାଇଁ ଭିଡିଓ କାଟାଲଗ୍ ନଂ: ସିଏଟିଜି-କେଜିପି-୨୪-୨୦, ନିଲାମ ତାରିଖ: ୨୭.୧୧.୨୦୨୪, ନିଲାମ ଆରମ୍ଭ / ବନ୍ଦ ସମୟ ୧୧:୩୦ ଏବଂ ୧୩: ୦୦ ଘଣ୍ଟା । ଯଥାକ୍ରମେ ●ହାଉର (ନମ୍ବର), ଆଣ୍ଡୁଲ (ନଂ ୧), କୋଲାଘାଟ (୧ନମ୍ବର), ଅବାଡା (୧ନମ୍ବର), ବାଉରିଆ (୧ନମ୍ବର), ଅମତା (୧ନମ୍ବର)ରେ କ୍ୟାଟରିଂ ୟୁନିଟ୍ ଯୋଗାଣ ପାଇଁ ଇ-ନିଲାମ ତାଲିକା । ଏବଂ ମୋରିଗ୍ରାମ (୧ ନମ୍ବର) ରେଳ ଷ୍ଟେସନ ଖଡ଼ଗପୁର ବିଭାଗ ଉପରେ ୦୫ (ପାଞ୍ଚ) ବର୍ଷ ପାଇଁ ଭିଡିଓ କ୍ୟାଟାଲଗ୍ ନଂ: **CATG-KGP-24-20**, ନିଲାମ ତାରିଖ: ୨୭.୧୧.୨୦୨୪, ନିଲାମ ଆରମ୍ଭ / ବନ୍ଦ ସମୟ ୧୧:୩୦ ଏବଂ ୧୩: ୦୦ ଘଣ୍ଟା ଯଥାକ୍ରମେ ଝାରଗ୍ରାମ (୧ନମ୍ବର), ଜଳେଶ୍ୱର) ଖଡ଼ଗପୁର ବିଭାଗ ଉପରେ ରେଳ ଷ୍ଟେସନ ୦୫ (ପାଞ୍ଚ) ବର୍ଷ ପାଇଁ ଭିଡିଓ କ୍ୟାଟାଲଗ୍ ନଂ: **KGP-MPS- 24-12**, ନିଲାମ ତାରିଖ: ୨୭.୧୧.୨୦୨୪, ନିଲାମ ଆରମ୍ଭ / ବନ୍ଦ ସମୟ ୧୧:୩୦ ଏବଂ ୧୩: ୨୦ ଘଣ୍ଟା ଯଥାକ୍ରମେ●ଝାରଗ୍ରାମ (**2Nos.**), ବାହାନାଗା ବଜାର (୧ନମ୍ବର), ଘଟସିଲା (**2Nos.**), ଗାଲୁଦି (୧ ନମ୍ବର), ରାମନଗର ବଙ୍ଗଳା (**2Nos.**), ଗଲୁଦି(୧ ନମ୍ବର) ରେ କ୍ୟାଟରିଂ ୟୁନିଟ୍ ଯୋଗାଣ ପାଇଁ ଇ-ନିଲାମ ତାଲିକା ନଂ ୧), ଧାଲଭୂଗଡ (୧ନମ୍ବର), ଦେଶପ୍ରାନ୍ (୧ ନମ୍ବର), ଚକୁଲିଆ (୧. ନମ୍ବର), ବେଲଦା (୧ ନମ୍ବର), ଜଳେଶ୍ୱର (୧ ନମ୍ବର) ଏବଂ ଖଡ଼ଗପୁର ବିଭାଗ ଉପରେ ରେଳ ଷ୍ଟେସନ ହଳଦିପଦା (୧ ନମ୍ବର)। ୫ (ପାଞ୍ଚ) ବର୍ଷ ପାଇଁ ଭିଡିଓ କ୍ୟାଟାଲଗ୍ ନଂ: **CATG-KGP-24-21**, ନିଲାମ ତାରିଖ: ୨୮.୧୧.୨୦୨୪, ନିଲାମ ଆରମ୍ଭ / ବନ୍ଦ ସମୟ ଯଥାକ୍ରମେ ୧୧:୦୦ ଏବଂ ୧୩:୫୦ ଘଣ୍ଟା । ବେଲଦା (୧ ନମ୍ବର), ଡାନ୍ତୁଣ (୧. ନମ୍ବର), ଜଳେଶ୍ୱର (୧ ନମ୍ବର), ଚକୁଲିଆ (୧ ନମ୍ବର), ମାର୍କୋଣା (୧ ନମ୍ବର), ଏବଂ ବସ୍ତା (୧ ନଂ) ରେ ଏମପିଏସ୍ ୟୁନିଟ୍ ପ୍ରଦାନ ପାଇଁ ଇ-ନିଲାମ ତାଲିକା । )●ବେଲଡା (୧. ନମ୍ବର), ଦାନ୍ତନ (୧ ନମ୍ବର), ଜଳେଶ୍ୱର (୨ ନମ୍ବର), ଚକୁଲିଆ (୧. ନମ୍ବର), ମାର୍କଣା (୧ ନମ୍ବର), ଏବଂ ବସ୍ତା (୧ ନଂ)ରେ ଏମପିଏସ ୟୁନିଟ୍ ଯୋଗାଣ ପାଇଁ ଇ-ନିଲାମ ତାଲିକା । ।) ୦୫ (ପାଞ୍ଚ) ବର୍ଷ ପାଇଁ ଖରାଗପୁର ବିଭାଗ ଉପରେ ରେଳ ଷ୍ଟେସନ ଭିଡିଓ କ୍ୟାଟାଲଗ୍ ନଂ: କେଜିପି-ଏମପିଏସ-୨୪-୧୩, ନିଲାମ ତାରିଖ: ୨୮.୧୧.୨୦୨୪, ନିଲାମ ଆରମ୍ଭ / ବନ୍ଦ ସମୟ ୧୧:୩୦ ଏବଂ ୧୩:୧୦ ଘଣ୍ଟା ଯଥାକ୍ରମେ ●ଠାକୁରତୋଳା (୧ ନମ୍ବର), ରାଜଲୁକା (୧ ନମ୍ବର), ନେକରସୁଣି (୧ ନମ୍ବର), ଡାନ୍ତୁନ୍ (୧ ନମ୍ବର), ନାଚିଣ୍ଡା (୧. ନମ୍ବର), ବାଙ୍ଗ୍ରିପୋସି (୧ ନମ୍ବର)ରେ ପ୍ରୋଭିଜନ୍ କ୍ୟାଟରିଂ ୟୁନିଟ୍ ପାଇଁ ଇ-ନିଲାମ ତାଲିକା । , ରୂପସା (**2Nos.**), ସହିଦ ମାତାଙ୍ଗିନି (୧ ନମ୍ବର), କନିମାହୁଲି (୧ ନମ୍ବର), ଆଶାପୁର୍ଣ୍ଣ ଦେବୀ (୧ ନମ୍ବର), ଲକ୍ଷ୍ମଣ ନାଥ ରୋଡ୍ (୧ନମ୍ବର) ଏବଂ ୦୫ (ପାଞ୍ଚ) ବର୍ଷ ପାଇଁ ଖଡ଼ଗପୁର ଡିଭିଜନ୍ ଉପରେ ବାନ୍ଦର (୧ ନମ୍ବର) ରେଳ ଷ୍ଟେସନ୍ ଭିଡିଓ କାଟାଲଗ୍ ନଂ: **CATG-KGP-24-22**, ନିଲାମ ତାରିଖ: ୨୯.୧୧.୨୦୨୪, ନିଲାମ ଆରମ୍ଭ / ବନ୍ଦ ସମୟ ୧୧:୦୦ ଏବଂ ୧୩: ୩୦ ଘଣ୍ଟା ଯଥାକ୍ରମେ ।●ଜୁଗପୁରା (୧ ନମ୍ବର), କୋକପାରା (୧ନମ୍ବର), ବାହାନା ବଜାର (୧ ନମ୍ବର), ରାଖାମାଇନ୍ସ (୧ ନମ୍ବର), ନାରାୟଣ ଗଡ଼ (୧ ନଂ), ସୋରୋ (୧ ନମ୍ବର), ବସ୍ତା (୧ ନମ୍ବର), ବେଣାପୁର (୧ ନମ୍ବର), ଖନ୍ତାପଡ଼ା(**2Nos.**), ରେନିତାଲ(**2Nos.**), ମାର୍କୋଣା (**2Nos.**), ବଖରାବାଦ (୧ ନମ୍ବର), ହେନ୍ରିଆ (୧ ନମ୍ବର), ଦେଶପ୍ରାନ୍ (୧ ନମ୍ବର), ନନ୍ଦକୁମାର (୧ ନମ୍ବର), ବରିପଡା (୧ନମ୍ବର), ଭଞ୍ଜପୁର (୧ ନମ୍ବର), କଣ୍ଟି (୧ ନମ୍ବର), ଜୋଗଲ୍ (୧ ନଂ), କୃଷ୍ଣଚନ୍ଦ୍ରପୁର (୧ନମ୍ବର), ଅମରର୍ଦା ରୋଡ୍ (୧ ନମ୍ବର) ଏବଂ ସୀତାଲପୁର ବଙ୍ଗଳା (୧ ନମ୍ବର) ରେଳ ଷ୍ଟେସନ ଖଡ଼ଗପୁର ବିଭାଗ ଉପରେ ୦୫ (ପାଞ୍ଚ) ବର୍ଷ ଭିଡିଓ କ୍ୟାଟାଲଗ୍ ନା: **CATG-KGP- 24-23**, ନିଲାମ ତାରିଖ: ୦୨.୧୨.୨୦୨୪, ନିଲାମ ଆରମ୍ଭ / ବନ୍ଦ ସମୟ ଯଥାକ୍ରମେ ୧୦:୩୦ ଏବଂ ୧୭:୧୦ ଘଣ୍ଟା । ଯାହାକି **https: /www.ireps.gov.in/ website** ରେ ସୂଚିତ କରାଯାଇଛି । ଏଜେନ୍ସି / କ୍ୟାଟରିଂ କଣ୍ଟ୍ରାକ୍ଟର ଏହା ଉପରେ ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧରେ ସବିଶେଷ ତଥ୍ୟ ଏବଂ ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ଓ୍ୱେବସାଇଟ ଦେଇ ଯିବା । ଅନୁସନ୍ଧାନ / ସ୍ପଷ୍ଟୀକରଣ ପାଇଁ ଯଦି ଅଛି, ଦୟାକରି ଅଣ୍ଡର ସାଇନ ହୋଇଥିବା କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।

ସିନିୟର ବିଭାଗୀୟ ବାଣିଜ୍ୟ ପରିଚାଳକ, ଖଡ଼ଗପୁର

(PR-801)

ଦକ୍ଷିଣ ପୂର୍ବ ରେଳପଥ
ଆମେ ହସିବା ସହିତ ସେବା କରୁ


# ସିଂଲାରେ ଆମରଣ ଅନଶନ ପ୍ରତ୍ୟାହୃତ

ବସ୍ତା, ୧୯/୧୧ (ନି.ପ୍ର): ସମୋବାର ୧୦ ଦଫା ଦାବିନେଇ ସିଂଲା ପଞ୍ଚାୟତ ଅଫିସ୍ ସମ୍ମୁଖରେ ଆମରଣ ଅନଶନ ରେ ବସିଥିଲେ ସିଂଲା ଗ୍ରାମର ରଘୁନାଥ ସାହୁ । ତେବେ ଆଜି ଉକ୍ତ ଧାରଣା ପ୍ରତ୍ୟାହୃତ ହୋଇଥିବା ଦେଖିବାକୁ ମିଳିଛି । ସୁଚନା ଅନୁଯାୟୀ ସିଂଲା ପଞ୍ଚାୟତ ରେ ପର୍ଯ୍ୟାପ୍ତ ସରକାରୀ ଜମି ରହିଛି। ତେବେ କିଛି ମୁଷ୍ଟିମେୟ ବ୍ୟକ୍ତି ଜବର ଦଖଲ କରି ବଡ଼ବଡ଼ କୋଠା କରିବା ସହିତ ରାସ୍ତା କୁ ଲାଗି ଦୋକାନ କରିଛନ୍ତି। ଯାହା ଫଳରେ ରାସ୍ତାରେ ଜାନ ବାହାନ ସମେତ ଜନ ସାଧାରଣ ରେ ଯାତାୟତ କରିବା ପାଇଁ ବହୁ



ଅସୁବିଧାର ସମ୍ମୁଖିନ ହେଉଥିଲେ । ଏହିଭଳି ସମସ୍ୟାର ସମାଧାନ ପାଇଁ ଧାରଣାରେ ବସିଥିବା ବୃଦ୍ଧ ଜଣଙ୍କ ଅସୁସ୍ଥ ହେବାରୁ ସ୍ଥାନୀୟ ବାସିନ୍ଦା ସିଂଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଖବର ଦେଇଥିଲେ । ବସ୍ତା ତହସିଲଦାର ରାଧା ରଞ୍ଜନ ଦାସ,ସିଂଲା ଥାନା ଅଧୀକାରୀ ଭୁବନ ମୋହନ ସେଠୀ, ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ରଘୁନାଥ ଓ ସାଥିରେଥିବା ଲୋକମାନଙ୍କୁ ବୁଝାଇବା ସହ ଆସନ୍ତା ଡିସେମ୍ବର ୧୫ସୁଦ୍ଧା ସମସ୍ତ ଜବର ଦଖଲ କାରୀଙ୍କୁ ଉଚ୍ଛେଦ କରିବେ ବୋଲି ପ୍ରତିଶୃତି ଦେବା ପରେ ଆଜି ଅପରାହ୍ନ ଗୋଟାଏ ସମୟରେ ଶ୍ରୀଯୁକ୍ତ ସାହୁ ଧାରଣା ରୁ ଓହରି ଥିଲେ।

# ପାହିଅସ୍ତିରେ ଜଗଧାତ୍ରୀ ମେଳା

ବସ୍ତା, ୧୯/୧୧ (ନି.ପ୍ର): ବସ୍ତା ବ୍ଲକ ଅର୍ନ୍ତଗତ କଇନଗରୀ ଗ୍ରାମପଞ୍ଚାୟତସ୍ଥ ପାଳିଅସ୍ତି ବୈଷ୍ଣବ ପଦାରେ ପାଞ୍ଚଦିନ ବ୍ୟାପି ଜଗଧାତ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମା' ଜଗଧାତ୍ରୀ ଓ ଭଗବତୀଙ୍କ ପୂଜା ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଚାରି ପ୍ରହରୀ ନାମ ସଂକୀର୍ତ୍ତନ ମଧ ଅନୁଷ୍ଠିତ ହୋଇଥଲା । ପୂଜକ ଅକ୍ଷୟ କୁମାର ସନ୍ଧିବିଗ୍ରହ ଓ ପଦ୍ମଲୋଚନ ବାରିକ ଭକ୍ତଙ୍କ ପାଇଁ ପୂଜାର୍ଚ୍ଚନା କରିଥିଲେ । ଭଲିବଲ ପ୍ରତିଯୋଗିତା ବି ଅନୁଷ୍ଠିତ ହୋଇଥିଲା । ପ୍ରତିଦିନ ସଂଧାରେ ମୃତ୍ୟୁଞ୍ଜୟ ଦାସ, ଅଜୟ ମହାନ୍ତି, ଅରୁଣ ଦାସ, ଜ୍ୟୋତିମୟୀ ମହାନ୍ତି, ନରେନ୍ଦ୍ର ଦାସ, ତରୁଣ ଦାସ ଓ ପ୍ରଭାକର ସାମଲ ପ୍ରମୁଖ ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ। ଅଦ୍ୱୈତ ଦାସ ଓ ତାଙ୍କ ସାଥୀ ବାଦୀପାଲା ପରିବେଷଣ କରିଥିଲେ । କମର୍ଦାସୁ ପୁରୁଷୋତ୍ତମ ଅପେରା ତରଫରୁ ନାଟକ "ସେହି ଗୋଟିଏ ଭୁଲ ପାଇଁ" ପରିବେଶିତ ହୋଇଥିଲା । ମେଳା କମିଟିର ସଭାପତି ବଳରାମ ମଣ୍ଡଳଙ୍କ ନେତୃତ୍ୱରେ ବରେନ୍ଦ୍ର ମଣ୍ଡଳ, ଆନନ୍ଦ ପାତ୍ର, ସାଧୁ ଚରଣ ମହାନ୍ତି, ମହେଶ୍ୱର ସାମନ୍ତ, ସୁରେଶ ନାୟକ, ରଘୁନାଥ ସାମନ୍ତ ଓ ସାଧୁଚରଣ ସାମନ୍ତ ପ୍ରମୁଖ ଏହି ସବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କମିଟି ତରଫରୁ ହଜାର ହଜାର ଭକ୍ତ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସମାଜସେବୀ ଗୋପୀକୃଷ୍ଣ ମହାନ୍ତି, ନାଟ୍ୟକାର ଅନିରୁଦ୍ଧ ମଣ୍ଡଳ ଓ କଇନଗରୀ ସମିତି ସଦସ୍ୟା ଅମିତା ମୈକାପ ମେଳାରେ ସାମିଲ ହୋଇ କମିଟିର ଏଭଳି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# କଳନଗରୀରେ ରାସ ଉତ୍ସବ

ବସ୍ତା, ୧୯/୧୧ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ କଳନଗରୀ ଗ୍ରାମପଞ୍ଚାୟତରୁ କଇନଗରୀ ଗ୍ରାମର ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ପାଞ୍ଚଦିନ ବ୍ୟାପି ରାସ ଉତ୍ସବ ପାଳିତ ହୋଇଯାଇଛି । ପୂର୍ଣିମା ଦିନ ଗ୍ରାମର ଶହ ଶହ ଶ୍ରଦ୍ଧାଳୁ ଶ୍ରୀ ଜଗନ୍ନାଥ, ରାଧାକୃଷ୍ଣ ଓ ଶିବ ପାର୍ବତୀଙ୍କ ପୂଜାର୍ଚ୍ଚନା କରିବା ସହ ପଳପଳା ନଦୀରେ ବୋଇତ ବନ୍ଦାଣ କରିବା ସଙ୍ଗେ ସଙ୍ଗେ ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରିଥିଲେ । ମନ୍ଦିରର ପୂଜକ ଅକ୍ଷୟ କୁମାର ସନ୍ଧିବିଗ୍ରହ ଓ ଜଗନ୍ନାଥ ସନ୍ଧିବିଗ୍ରହ ଶ୍ରଦ୍ଧାଳୁଙ୍କ ପାଇଁ ପୂଜାପାଠ କରାଇଥିଲେ। ମନ୍ଦିର କମିଟିର ସଂପାଦକ ରାଜେନ୍ଦ୍ର କୁମାର ମହାନ୍ତି, ସମାଜସେବୀ ଗୋପୀକୃଷ୍ଣ ମହାନ୍ତି ଓ କେଦାର ସାମନ୍ତଙ୍କ ସହଯୋଗରେ ଦୀପ୍ତିରାଣୀ ମାନ୍ନା, ସୌଦାମିନୀ ସାମନ୍ତ, ବିଷୟା ମଣ୍ଡଳ, ଅଞ୍ଜନାମଣି ସାମନ୍ତ, ସୁମିତ୍ରା ସାନ୍ତରା, ସବିତା ମାନ୍ନା, ଗୀତାଞ୍ଜଳୀ ମହାନ୍ତି, ସୁନୀତି ପାଳ ଓ ସତ୍ୟବତୀ ମାନ୍ନା ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ । ପରଦିନ ମନ୍ଦିର କମିଟି ତରଫରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସେହିଭଳି ତୁଳସୀଚଉରା ଛକ, ବାସନ୍ତି ଛକ, ରଜ ଛକ ଓ ହନୁମାନ ଛକରେ ମଧ ରାସପୂର୍ଣିମା ପାଳିତ ହୋଇଯାଇଛି ।

# ଶ୍ରମ ବିଭାଗୀୟ କର୍ତ୍ତୃପକ୍ଷଙ୍କର କ୍ଷେତ୍ର ପରିଦର୍ଶନ, ସଚେତନତା ସହ ପରିଚୟପତ୍ର ବଣ୍ଟନ

ଜଳେଶ୍ୱର , ୧୯/୧୧ (ନି.ପ୍ର): ବାଲେଶ୍ୱର ଶ୍ରମ ବିଭାଗ ଅଫିସ୍ ତରଫରୁ ବିଭାଗୀୟ କର୍ତ୍ତୁପକ୍ଷ ଆଜି ଜଳେଶ୍ୱର ବ୍ଲକ ଅଧିନସ୍ଥ ବିଭିନ୍ନ ସ୍ଥାନ ପରିଦର୍ଶନ ସହ ବିଶେଷକରି ବର୍ତ୍ତନା,ଓ ବାଣି ଦା ଗାଁରେ ହେଉଥିବା ନିର୍ମାଣଧିନ ମନ୍ଦିର, ସରକାରୀ କାମରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସଚେତନତା କରିବା ସହିତ ସରକାରୀ ବ୍ୟବସ୍ଥା ସଂପର୍କରେ ଅବଗତ କରି କ୍ଷେତ୍ରରେ ୨୫ ଜଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରିବାରେ ସାଧାରଣରେ ପ୍ରସଂଶା କରାଯିବା ସହିତ ଆଞ୍ଚଳିକ ସ୍ତରରେ ଥିବା ବିଭିନ୍ନ ଶ୍ରମିକ ସଂଗଠନ ତରଫରୁ ପ୍ରସଂଶା କରାଯାଇଛି। ବିଶେଷକରି ଶ୍ରମ ଅଧିକାରୀ ଶ୍ରୀଯୁକ୍ତ ଦିପ୍ତି



ରଞ୍ଜନ ସାହୁ ଓ ଜଳେଶ୍ୱର ବ୍ଲକ ଦାୟିତ୍ୱରେ ଥିବା ସେବାଙ୍ଗୀନି ହେମ୍ବରମ ଙ୍କସ୍ୱଚ୍ଛତା ଆଣିବାରେ କାର୍ଯ୍ୟ କରିବା ସ୍ୱରୋପ ପଦକ୍ଷେପକୁ ଉପସ୍ଥିତ ଶ୍ରମିକମାନେ କୃତଜ୍ଞତା ଜଣାଇଥିଲେ। ସିଟୁର ନେତୃତ୍ୱ ପଲଟୁ ଦାସ, ଦିପ୍ତିମାନ ଆଚାର୍ଯ୍ୟ, ସସ୍ମିତା ପ୍ରମାଣିକ, ଚନ୍ଦନକାମିଲା, ବିନୟ ମହାନ୍ତି ସହଯୋଗ କରିବା ସହିତ ଆଗାମୀ ଦିନରେଏହି ଅଞ୍ଚଳରେ କାର୍ଯ୍ୟକରୁଥିବା ଶ୍ରମିକମାନେ ପରିଚୟପତ୍ର ପାଇବା ସହ ସରକାରୀ ସହାୟତା ପାଇବା ନେଇ ବିଭାଗୀୟ କର୍ତ୍ତୁପକ୍ଷଙ୍କ ଉପରେ ଦୃଢ ବିଶ୍ୱାସ ରଖିଛନ୍ତି।

# ସଫ୍ଟବଲ୍ ଉଦ୍ଘାଟନ ଓ ବେସବଲ୍‌ର ପୁରସ୍କାର ବିତରଣ

ବାଲେଶ୍ୱର, ୧୯/୧୧ (ନି.ପ୍ର): ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ଗତ ଦୁଇ ଦିନ ଧରି ଚାଲିଥିବା ବେସବଲ୍ ପ୍ରତିଯୋଗିତାର ପୁରସ୍କାର ବିତରଣ ସହିତ ସଫ୍ଟବଲ୍ ପ୍ରତିଯୋଗିତାର ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ । ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଜିଲ୍ଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହନ୍ତ ସମ୍ମାନିତ ଅତିଥି




ଭାବରେ ଯୋଗ ଦେଇଥିଲେ । ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ବିବରଣୀ ପାଠ କରିଥିଲେ। ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷକ ଜୟନ୍ତୀମଣି ସାହୁ ସ୍ୱାଗତ ଭାଷଣ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଅଶୋକ କୁମାର ନାୟକ ଧନ୍ୟବାଦ ଦେଇଥିଲେ । ଜିଲ୍ଲାସ୍କୁଲର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଷଡ଼ଙ୍ଗୀ କହିଥିଲେ, କ୍ରୀଡ଼ା ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସେଥିପାଇଁ ଛାତ୍ରଛାତ୍ରୀଙ୍କୁ ସ୍ୱାତନ୍ତ୍ର୍ୟ ଦେବା ଉଚିତ । କ୍ରୀଡ଼ା ସୁନ୍ଦର ସ୍ୱାସ୍ଥ୍ୟ ସହିତ ମନକୁ ଆନନ୍ଦ ଦିଏ ଏବଂ ଖେଳୁଆଡ଼ ମନୋଭାବ ସୃଷ୍ଟି କରେ । ଜୀବନକୁ ଖେଳ ପରି ଅନୁଭବ କରିବାର ପ୍ରେରଣା କ୍ରୀଡ଼ାରୁ ମିଳିଥାଏ । ପିଲାମାନେ ନିଜପାଇଁ ନୁହେଁ ରାଜ୍ୟ ଓ ଦେଶପାଇଁ ଖେଳିବାର ମନୋଭାବ ରଖନ୍ତୁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମିସାଇଲ ମାଡ଼ ପରେ ...

ଜରିଆରେ ଲୋକଙ୍କୁ କେମିତି ସଙ୍କଟ ପରିସ୍ଥିତି ଓ ଜରୁରୀ ସମୟରେ ରହିବାକୁ ହୋଇଥାଏ, ସେକଥା କହିଛି। ଗତବର୍ଷ ଫିନଲ୍ୟାଣ୍ଡ ଆମେରିକା ନେତୃତ୍ୱାଧୀନ ନାଟଥ ମିଲିଟାରୀ ଗ୍ରୁପରେ ସାମିଲ ହୋଇଥିଲା। ସ୍ୱିଡେନ ଚଳିତ ବର୍ଷ ମାର୍ଚ୍ଚରେ ନାଟୋର ସଦସ୍ୟ ହୋଇଛି। ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ୟୁକ୍ରେନକୁ ରୁଷର ଆଭ୍ୟନ୍ତରୀଣ ଅଞ୍ଚଳରେ ଶକ୍ତିଶାଳୀ ଲଙ୍ଗ ରେଞ୍ଜ ମିସାଇଲ ମାଡ଼ କରିବାକୁ ଅନୁମତି ଦେଇଛନ୍ତି। ପ୍ରଥମଥର ପାଇଁ ଆମେରିକା ଏପରି ପଦକ୍ଷେପ ନେଇଥିବା ବେଳେ ରୁଷ ମଧ ପରମାଣୁ ହମଲାର ଧମକ ଦେଇଛି। ଏହାକୁ ନେଇ ୟୁରୋପୀୟ ଦେଶଗୁଡ଼ିକ ଛାତି ଧଡ଼ଧଡ଼ ହେବାରେ ଲାଗିଛି।

## ୨୫ରେ ସର୍ବଦଳୀୟ ...

ଶୀତ ଅଧିବେଶନ ସମ୍ପର୍କରେ କ୍ୟାବିନେଟ୍ ସହଯୋଗ ଓ ବିଜେପି ବିଧାୟକମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ବିଲ୍ ସମ୍ପର୍କରେ ମଧ ଆଲୋଚନା ହୋଇଛି । ବିଧାନସଭା ଅଧିବେଶନବେଳେ ବିରୋଧୀ ଦଳ ଯେକୌଣସି ପ୍ରସଙ୍ଗ ଉଠାଇବେ ତାହା ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ବିଧାନସଭାର ଶୀତ ଅଧିବେଶନ ୨୬ରୁ ଆରମ୍ଭ ହୋଇ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ ।

## ବାରବାଟୀ ଦିନିକିଆ ପାଇଁ ...

୨ ଓ ୪ ପାଇଁ ପୂର୍ବରୁ ୧୦୦୦ ଟଙ୍କା ଧାର୍ଯ୍ୟ ଟିକେଟ ମୂଲ୍ୟକୁ ୯୦୦ ଟଙ୍କାକୁ ହ୍ରାସ କରାଯାଇଛି। ସେହିଭଳି ପୂର୍ବରୁ ୮୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ଗ୍ୟାଲେରୀ ୭ ପାଇଁ ଟିକେଟ ମୂଲ୍ୟ ୭୦୦ ଟଙ୍କା ରଖାଯାଇଛି। ସେହିପରି ସ୍ପେଶାଲ୍ ଏନକ୍ଲୋଜର୍ ୭ ହଜାରରରୁ ହଜାରେ ଟଙ୍କା କମାଇ ଏହାକୁ ୬ ହଜାର ଟଙ୍କା କରାଯାଇଛି। ଏସି ଗ୍ୟାଲେରୀ ବକ୍ସ ଟିକେଟ ପୂର୍ବରୁ ୯ ହଜାର ଧାର୍ଯ୍ୟ କରାଯାଇଥିଲା, ଏହାକୁ ୮ ହଜାର ରଖାଯାଇଛି। ତେବେ କର୍ପୋରେଟ ବକ୍ସ ପାଇଁ ପୂର୍ବ ନିର୍ଦ୍ଧାରିତ ୨୦ ହଜାର ଟଙ୍କା ଓ ନ୍ୟୁ ପ୍ୟାଭିଲିୟନ ପାଇଁ ୧୦ ହଜାର ଟଙ୍କା ଟିକେଟ ଦରକୁ ଅପରିବର୍ତ୍ତିତ ରଖିଛି ଓସିଏ।

## ଜଗନ୍ନାଥଙ୍କ ଜମି ...

ନମ୍ବର ୩୮ରେ ୧୦୯ଟି ରେଭିନ୍ୟୁ ପ୍ଲଟ ବେଆଇନ ଭାବେ ଜବରଦଖଲ ସହ ହସ୍ତାନ୍ତର ହୋଇଥିବା ଜଣାପଡିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ନେଇ ବାସେଳି ସାହି ଥାନାରେ ଏତଲା ଦିଆଯାଇଛି। କେଉଁମାନେ ଜମି କିଣିଛନ୍ତି, କିଏ ଘର ନିର୍ମାଣ କରିଛନ୍ତି, ସେନେଇ ତଦନ୍ତ କରାଯାଉଛି। ନିର୍ମାଣ ହୋଇଥିବା ଘର ଉଚ୍ଛେଦ କରାଯିବ ବୋଲି ପୁରୀ ଜିଲ୍ଲାପାଳ କହିଛନ୍ତି। ପ୍ରକାଶ ଥାଉ, ଖୋଦ୍ ଶ୍ରୀମନ୍ଦିର ପ୍ରଶାସନ ନାକ ତଳେ ପୁରୀ ମାଟିତୋଟା ମୌଜାରେ ମହାପ୍ରଭୁଙ୍କ ଜମି ବେଆଇନ ଭାବେ ବିକ୍ରି ହୋଇଥିବା ଖବର ସାମ୍ନାକୁ ଆସିଥିଲା। ଯେଉଁଠି ମହାପ୍ରଭୁ ଜଗନ୍ନାଥଙ୍କ ନାମରେ ଥିବା ୧୦୯ଟି ପ୍ଲଟର ମୋଟ୍ ୬୪ ଏକର ଜବରଦଖଲ ଜମି ବେଆଇନ ଭାବେ ବିକ୍ରି ହୋଇଥିବା ଜାଣିବାକୁ ପାଇଥିଲା ଶ୍ରୀମନ୍ଦିର ପ୍ରଶାସନ। ଘଟଣା ସାମ୍ନାକୁ ଆସିବା ପରେ ସେବାୟତ ଏବଂ ପୁରୀବାସୀଙ୍କ ମଧରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଆସୁଛି ଆଉ ଏକ...

ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ଖସୁଛି ପାରଦ। ଧୀରେ ଧୀରେ ବଢୁଛି ଶୀତ। ରାଜ୍ୟରେ ବର୍ତ୍ତମାନ ଜାରି ରହିଛି ଶୀତ ଲହରି। ଘରୁ ବାହାରିଲେ କୋହଲା ପବନ ବୋହୁଛି। ରାତି ଯେତେ ଯେତେ ବଢୁଛି ତାପମାତ୍ରା ସେତେ ଖସିବାରେ ଲାଗିଛି। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ଅନୁଭୂତ ହେଉଛି। ଆଗାମୀ ୫ ଦିନ ପଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ରେ ବିଶେଷ ପରିବର୍ତ୍ତନ ନାହିଁ।

## ୭୦ ଲକ୍ଷ କରିନାହାଁନ୍ତି ...

ଏତିକିବେଳେ ଲକ୍ଷାଧିକ ହିତାଧିକାରୀ ବାଦ ପଡ଼ିବା ନେଇ ଆଶଙ୍କା ଉପୁଜିଛି । କାରଣ ଅନେକ ଲୋକ ଏ ବାବଦରେ ସଚେତନ ନଥିବା କହିଛନ୍ତି । ସେପଟେ ନେଟୱାର୍କ ସମସ୍ୟା ମଧ ଇ-କେୱାଇସ ଅପଡେଟ୍ କରିବାରେ ବଡ଼ ବାଧକ ସାଜିଛି । ଏବେ ବି ୬୯ ଲକ୍ଷ ୪୯ ହଜାର ୯୮୦ ଜଣ ଇ-କେୱାଇସି ଅପଡେଟ୍ କରିନାହାନ୍ତି । ରାଜ୍ୟରେ ୩ କୋଟି ୩୬ ଲକ୍ଷ ୩୫ ହଜାର ୯୧୮ ରାସନକାର୍ଡ ହିତାଧିକାରୀ ଅଛନ୍ତି । ବର୍ତ୍ତମାନ ସୁଦ୍ଧା ୨ କୋଟି ୬୬ ଲକ୍ଷ ୮୫ ହଜାର ୯୩୮ ଇ-କେୱାଇସି ଅପଡେଟ୍ କରିଛନ୍ତି । ରାଜ୍ୟର ଦାଦନପ୍ରବଣ ଜିଲ୍ଲା ଗଂଜାମରେ ଏଯାଏଁ ୫ ଲକ୍ଷ ୪୨ ହଜାର ୮୧ ଜଣ ଏହି ପ୍ରକ୍ରିୟାରେ ସାମିଲ ହୋଇ ନଥିବା ଜଣାପଡିଛି ।

## ରାଜ୍ୟରେ ଆଜିଠୁ ଆରମ୍ଭ...

ଏହାଛଡ଼ା ପ୍ରତି ୪ରୁ ୫ଟି ମଣ୍ଡିକୁ ନେଇ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ଦଲାଲଙ୍କ ଉପରେ ନଜର ରଖିବ ପୋଲିସ । ଦଲାଲ ଯେପରି ମଣ୍ଡିକୁ ନପଶିବେ ସେନେଇ ପୋଲିସ ପାଟ୍ରୋଲିଂ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଚାଷୀ ଯେପରି ଉପଯୁକ୍ତ ମୂଲ୍ୟ ପାଇବା ସହ ଅତିରିକ୍ତ ୮୦୦ ଟଙ୍କାର ସହାୟତା ପାଇପାରିବେ ସେଥିପ୍ରତି ସରକାର ଅଧିକ ଫୋକସ କରୁଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି । ଏପଟେ ନୂଆପଡ଼ା ଜିଲ୍ଲାରେ ଧାନକିଣା ପ୍ରସ୍ତୁତିର ସମୀକ୍ଷା କରି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି କଟନୀ ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରାଯିବ । ଯେଉଁମାନେ ଏଭଳି କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ଗତ କିଛିଦିନ ତଳେ ଏଥର ଧାନ ସଂଗ୍ରହକୁ ଉତ୍ସବ ଆକାରରେ ପାଳନ କରିବେ ରାଜ୍ୟ ସରକାର ବୋଲି କହିଛନ୍ତି । ପ୍ରତି ଜିଲ୍ଲାରେ କରାଯିବ ଚାଷୀ ସମାବେଶ । ଡିସେମ୍ବର ୮ ତାରିଖରେ ବରଗଡ଼ ସୋହେଲାରେ ରାଜ୍ୟସ୍ତରୀୟ କୃଷକ ସମାବେଶ ଆୟୋଜନ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଧାନର କୁଇଣ୍ଟାଲ ପିଛା ଅତିରିକ୍ତ ୮ଶହ ଟଙ୍କା ଲେଖାଏଁ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଚଳିତ ବର୍ଷ ୧୭ ଲକ୍ଷରୁ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି । ଆସନ୍ତା ୨୦ ତାରିଖରୁ ବରଗଡ଼ରୁ ଧାନକିଣା ଆରମ୍ଭ ହେବ । ୪୮ ଘଣ୍ଟାରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ । ସେହିପରି ଗତ କିଛିଦିନ ତଳେ ଏଥର ଧାନ ସଂଗ୍ରହକୁ ଉତ୍ସବ ଆକାରରେ ପାଳନ କରିବେ ରାଜ୍ୟ ସରକାର ବୋଲି କହିଛନ୍ତି । ପ୍ରତି ଜିଲ୍ଲାରେ କରାଯିବ ଚାଷୀ ସମାବେଶ । ଡିସେମ୍ବର ୮ ତାରିଖରେ ବରଗଡ଼ ସୋହେଲାରେ ରାଜ୍ୟସ୍ତରୀୟ କୃଷକ ସମାବେଶ ଆୟୋଜନ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଧାନର କୁଇଣ୍ଟାଲ ପିଛା ଅତିରିକ୍ତ ୮ଶହ ଟଙ୍କା ଲେଖାଏଁ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଆସନ୍ତା ୨୦ ତାରିଖରୁ ନଭେମ୍ବର ୮ ତାରିଖ ମଧ୍ୟରେ ଧାନ ବିକିଥିବା ଚାଷୀଙ୍କୁ ୮ ତାରିଖରେ ୮୦୦ ଟଙ୍କା ଲେଖାଏଁ ଇନପୁଟ ସବିସିଡି ପ୍ରଦାନ କରାଯିବ । କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ୨୩୦୦ ଟଙ୍କା ଯେଉଁ ଆକାଉଣ୍ଟକୁ ଯିବ ସେହି ଆକାଉଣ୍ଟକୁ ୮୦୦ ଟଙ୍କା ଯିବ ନାହିଁ । ଏହି ୮୦୦ ଟଙ୍କା ପାଇଁ ଅଲଗା ଆକାଉଣ୍ଟ ହେବ ବୋଲି ମନ୍ତ୍ରୀ କହିଛନ୍ତି । ଅନ୍ୟପଟେ ୧୫ ତାରିଖରୁ ପର୍ଯ୍ୟାୟ କ୍ରମେ ମିଳିବାକୁ ଥିବା ଟୋକନ ଅବଧି ଗୋଟେ ମାସ ରହିବ । ଏହାକୁ ଆଉ ୭ ଦିନ ବଢାଇବାକୁ ଜିଲ୍ଲାପାଳମାନଙ୍କୁ କ୍ଷମତା ଦିଆଯାଇଛି । କଟନୀ ଛଟନୀ ସଂପୂର୍ଣ୍ଣ ବନ୍ଦ ହେବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ ।

## ରାଜଧାନୀରେ ୧୧୬...

ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ରାଜଧାନୀରେ ଘର ମାଲିକ ହେବା ଅନେକଙ୍କ ପାଇଁ ସ୍ୱପ୍ନ। ବିଡିଏର ସୁଲଭ ଆବାସ ଯୋଜନା ମାଧମରେ ଆମେ ସହରାଞ୍ଚଳ ଗରିବଙ୍କୁ ଆଶ୍ରୟ ଦେବା ସହ କେବଳ ବାସଗୃହ ନୁହେଁ ବରଂ ଉନ୍ନତ ମାନର ଜୀବନ ଧାରଣକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ। ଅବଶିଷ୍ଟ ୧୮୬୩ ଗୃହ ପର୍ଯ୍ୟାୟ କ୍ରମେ ଆବଣ୍ଟନ କରାଯିବ। କେୟାର ହସ୍ପିଟାଲ ନିକଟସ୍ଥ ନୀଳମାଧବ ବସ୍ତିରେ ୮.୧୮ ଡେସିମିଲ୍ ଜାଗାରେ ୧୨୦୦ଟି ଗୃହ ନିର୍ମାଣ କରାଯିବ ପାଇଁ ଯୋଜନା ରଖାଯାଇଛି। ଏଥିରୁ ୯୬୦ଟି ଗୃହର କାର୍ଯ୍ୟ ଶେଷ ହୋଇଛି। ୫୦୭ଟି ଯୋଗ୍ୟ ପରିବାରକୁ ଗୃହ ଯୋଗାଇ ଦିଆଯାଇଛି। ଆଜି ଏଠାରେ ୩୬ଟି ଯୋଗ୍ୟ ପରିବାରକୁ ଗୃହ ଯୋଗାଇ ଦିଆଯାଇପାରିଛି। ଅବଶିଷ୍ଟ ୬୫୭ଟି ପରିବାରକୁ ପର୍ଯ୍ୟାୟ କ୍ରମେ ଘର ଯୋଗାଇ ଦିଆଯିବ। ସୁବୁଦ୍ଧିପୁରଠାରେ ବରୁଣେଇ ଏନକ୍ଲେଭ୍‌ରେ ମୋଟ ୩୪୨ଟି ଘର ନିର୍ମାଣ ପାଇଁ ଯୋଜନା କରାଯାଇଥିବା ବେଳେ ସମସ୍ତ ୩୪୨ଟି ଘରର ନିର୍ମାଣ ହୋଇସାରିଛି। ଏହି ପ୍ରକଳ୍ପଗୁଡ଼ିକ ଉନ୍ନତ ଜୀବନଯାପନ ପାଇଁ ଉପଯୁକ୍ତ ଭିତ୍ତିଭୂମି ଏବଂ ମୌଳିକ ସୁବିଧା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ, ଲଟେରୀ ବ୍ୟବସ୍ଥା ମାଧମରେ ସ୍ୱଚ୍ଛ ଭାବରେ ଗୃହ ଆବଣ୍ଟନ କରାଯାଇଥିଲା। ବିଡିଏ ଉପାଧକ୍ଷ ଡ. ଏନ୍ ଥିରୁମାଲା ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଡିଏର ବରିଷ୍ଠ ଅଧିକାରୀ ଓ ଓଏମ୍‌ସିର ଭିଜିଲାନ୍ସ ଅଧିକାରୀ ଉପସ୍ଥିତ ଥିଲେ। ଚନ୍ଦ୍ରଶେଖରପୁର ମୌଜାରେ ୨୦ ଏକର ପରିମିତ ଜାଗାରେ ୨୬୦୦ଟି ଗୃହ ନିର୍ମାଣ ପାଇଁ ଯୋଜନା ହୋଇଛି। ସେଥିରୁ ୮୨୦ଟି ଘରର ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିଛି। ଏଠାରେ ଅଦ୍ୟାବଧି ୬୯୦ଟି ଘରର ଆବଣ୍ଟନ ହୋଇସାରିଛି। ଆଜି ୪୭ଟି ଯୋଗ୍ୟ ହିତାଧିକାରୀ ପରିବାରକୁ ଘର ଆବଣ୍ଟନ କରାଯାଇଛି। ଅବଶିଷ୍ଟ ୧୮୬୩ ଗୃହ ପର୍ଯ୍ୟାୟ କ୍ରମେ ଆବଣ୍ଟନ କରାଯିବ। କେୟାର ହସ୍ପିଟାଲ ନିକଟସ୍ଥ ନୀଳମାଧବ ବସ୍ତିରେ ୮.୧୮ ଡେସିମିଲ୍ ଜାଗାରେ ୧୨୦୦ଟି ଗୃହ ନିର୍ମାଣ କରାଯିବ ପାଇଁ ଯୋଜନା ରଖାଯାଇଛି। ଏଥିରୁ ୯୬୦ଟି ଗୃହର କାର୍ଯ୍ୟ ଶେଷ ହୋଇଛି। ୫୦୭ଟି ଯୋଗ୍ୟ ପରିବାରକୁ ଗୃହ ଯୋଗାଇ ଦିଆଯାଇଛି। ଆଜି ଏଠାରେ ୩୬ଟି ଯୋଗ୍ୟ ପରିବାରକୁ ଗୃହ ଯୋଗାଇ ଦିଆଯାଇପାରିଛି। ଅବଶିଷ୍ଟ ୬୫୭ଟି ପରିବାରକୁ ପର୍ଯ୍ୟାୟ କ୍ରମେ ଘର ଯୋଗାଇ ଦିଆଯିବ। ସୁବୁଦ୍ଧିପୁରଠାରେ ବରୁଣେଇ ଏନକ୍ଲେଭ୍‌ରେ ମୋଟ ୩୪୨ଟି ଘର ନିର୍ମାଣ ପାଇଁ ଯୋଜନା କରାଯାଇଥିବା ବେଳେ ସମସ୍ତ ୩୪୨ଟି ଘରର ନିର୍ମାଣ ହୋଇସାରିଛି। ଆଜି ୨୮ଟି ଯୋଗ୍ୟ ପରିବାରକୁ ଏଠାରେ ଗୃହ ଯୋଗାଇ ଦିଆଯିବ। ବଳକା ୧୩୫ଟି ଗୃହକୁ ପର୍ଯ୍ୟାୟ କ୍ରମେ ଆବଣ୍ଟନ କରାଯିବ।

ବୁଧବାର, ୨୦ ନଭେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଜିଲ୍ଲାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଅଗ୍ରଗତି ନିମନ୍ତେ ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୯/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏଫ୍‌ଏଲ୍‌ଏନ୍ ଜିଲ୍ଲା ପରିଚାଳନା କମିଟି ତଥା ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ (ଏଫଏଲଏନ-ଡିଏସସି-କମ-ଡିପିଏମୟୁ) ସହିତ ଜିଲ୍ଲାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍) ର ଅଗ୍ରଗତି ନିମନ୍ତେ ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ଜିଲ୍ଲାରେ ପ୍ରାଥମିକ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଏହି ସମୀକ୍ଷାରେ ଏଫ୍‌ଏଲ୍‌ଏନ୍ କାର୍ଯ୍ୟକ୍ରମର ବର୍ତ୍ତମାନର ଅଗ୍ରଗତି, ଏପର୍ଯ୍ୟନ୍ତ ହାସଲ ହୋଇଥିବା ଶିକ୍ଷଣ ଫଳାଫଳ ଏବଂ ଭବିଷ୍ୟତର କାର୍ଯ୍ୟାନ୍ୱୟନ ପାଇଁ ରଣନୈତିକ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ସାରାଂଶ ପ୍ରସ୍ତୁତ କରାଯାଇ ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ଏହି ଯୋଜନାର ସୁଫଳ ମିଳି ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା ଓ ଉକ୍ତ ବୈଠକରେ ପିଲାମାନଙ୍କର ପ୍ରାରମ୍ଭିକ ବୟସରେ ଦୃଢ଼ ଶିକ୍ଷାଗତ ଭିତ୍ତି ସ୍ଥାପନ ନିମନ୍ତେ ପ୍ରତ୍ୟେକ ପ୍ରାରମ୍ଭିକ ଶ୍ରେଣୀ ଛାତ୍ରଛାତ୍ରୀ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନରେ ଆବଶ୍ୟକୀୟ ଭିତ୍ତିଭୂମି ହାସଲ କରିବା ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାପିତ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ମତପ୍ରକାଶ ପାଇଥିଲା ଓ ଏଫ୍‌ଏଲ୍‌ଏନ୍-ଡିଏସସି-କମ-ଡିପିଏମୟୁ ସମଗ୍ର ଜିଲ୍ଲାରେ ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତା ଉପରେ ନଜର ରଖିବା ସହ ମାର୍ଗଦର୍ଶନ ଜାରି କରି କୌଣସି ପିଲା ମୌଳିକ ଶିକ୍ଷଣ ଦକ୍ଷତା ହାସଲ କରିବାରେ ପଛୁଆ ରହିବେ ନାହିଁ ଏହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତି ପ୍ରାଚୀ ତନୟା ଗିରି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଜିଲ୍ଲା ଅନୁଷ୍ଠାନ ଶିକ୍ଷା ଏବଂ ପ୍ରଶିକ୍ଷଣ, ରେମୁଣାର ଅଧ୍ୟକ୍ଷା ଶ୍ରୀମତୀ ଜୟଶ୍ରୀ ବୋଷ ଓ ଏଫ୍‌ଏଲ୍‌ଏନ୍-ଡିଏସସି-କମ-ଡିପିଏମୟୁର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ ।

## କଳିଙ୍ଗ ବାଲିଯାତ୍ରା ଉପଲକ୍ଷେ ନୌଚାଳନା ପ୍ରତିଯୋଗିତା



ପାରାଦ୍ୱୀପ , ୧୯/୧୧ (ନି.ପ୍ର): ଆଜି ଜିଲ୍ଲା ପ୍ରଶାସନ ଓ କଳିଙ୍ଗ କର୍ଣ୍ଣଧାର ଷୋଳଭାଇ ସଂଘ ର ମିଳିତ ଆନୁକୂଲ୍ୟରେ ନୌ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ବାଲିପ୍ଲଟ ଠାରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜଗତସିଂହପୁର ଜିଲ୍ଲାର ସାଂସଦ ଶ୍ରୀ ବିଭୁପ୍ରସାଦ ତରାଇ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ଶ୍ରୀ ନିଲାଭ୍ର ଦାସଗୁପ୍ତା, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଓ ଶ୍ରୀ ବସନ୍ତ ବିଶ୍ୱାଳ, ଅଧ୍ୟକ୍ଷ ପାରାଦୀପ ପୌର ପରିଷଦ। ଏହି ପ୍ରତିଯୋଗିତା ପାରାଦୀପ ମାଛଧରା ବନ୍ଦର ରୁ ଆରମ୍ଭ ହୋଇ ଅଠରବାଙ୍କି ସ୍ଥିତ ବାଲି ପ୍ଲଟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୨୬ ଟି ବୋଟ ରେ ୮୦ ରୁ ଊର୍ଦ୍ଧ୍ୱ କୈବର୍ତ୍ତ ନାବିକ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ବଡ଼ ନୌକା ବର୍ଗରେ ୭ ନମ୍ବର ଟିମ୍ ପ୍ରଥମ ସ୍ଥାନ, ୧୧ ନମ୍ବର ଟିମ୍ ଦ୍ୱିତୀୟ ସ୍ଥାନ,୧ ନମ୍ବର ଟିମ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କ୍ଷୁଦ୍ର ନୌକା ବର୍ଗରେ ୧୭ ନମ୍ବର ଟିମ୍ ପ୍ରଥମ ସ୍ଥାନ,୧୬ ନମ୍ବର ଟିମ୍ ଦ୍ୱିତୀୟ ସ୍ଥାନ,୨୫ ନମ୍ବର ଟିମ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଶ୍ମା ରାଣୀ ସିଂ ସଭା ପରିଚାଳନା କରିଥିଲେ।

## ବୈକୁଣ୍ଠ ଧାମ ଜମିର ଚାଲିଛି ତଦନ୍ତ: ବିଭାଗୀୟ ମନ୍ତ୍ରୀ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ବୈକୁଣ୍ଠ ଧାମ ଜମି ସରକାରୀ ଜମି ସରକାରୀ ଜମିରେ ଅଛି କି ନାହିଁ, ତାହା ଅନୁଧାନ କରାଯାଉଛି । ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ସାଧୁ ସନ୍ଥ ଓ ବାବା ସମାଜକୁ ଦିଗ ଦର୍ଶନ ଦିଅନ୍ତି । କିନ୍ତୁ ସମାଜରେ ଭଣ୍ଡ ବାବାଙ୍କ ସଂଖ୍ୟା ବଢ଼ିଗଲାନି। ଯାହା ସମାଜ ପାଇଁ କ୍ଷତିକାରକ। ଖଣ୍ଡଗିରିରେ ଥିବା ବାବା ବୈକୁଣ୍ଠନାଥ ଧାମ ଆଶ୍ରମ ସରକାରୀ ଜମିରେ ଅଛି କି ନାହିଁ ତାହା ଅନୁଧାନ ଚାଲିଛି। ଦରକାର ପଡ଼ିଲେ କାର୍ଯ୍ୟନୁଷ୍ଠାନ ହେବ । ସେପଟେ ସମାନ କଥା କହିଛନ୍ତି ବିଡିଓ କର୍ତ୍ତୃପକ୍ଷ। ବୈକୁଣ୍ଠ ଧାମ ସରକାରୀ ଜମିରେ ନେଇ ଚର୍ଚ୍ଚା ହେଉଛି। ହେଲେ ଆମ ପାଖରେ ସେମିତି କିଛି ଖବର ନାହିଁ । ଆମେ ଅନୁଧାନ କରିବୁ। ଯଦି ସେମିତି କିଛି ହୋଇଥିବ ତେବେ କାର୍ଯ୍ୟନୁଷ୍ଠାନ ହେବ ବୋଲି ବିଡିଏ ଉପସଭାପତି ଏନ୍. ଥିରୁବାଲା ନାୟକ କହିଛନ୍ତି ।

## ଜିଲ୍ଲା ଜଳ ଓ ପରିମଳ ମିଶନ ବୈଠକ ଏବଂ ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳନ ସମାରୋହ




ଭଦ୍ରକ , ୧୯/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ଏବଂ ଭଦ୍ରକ ଜିଲ୍ଲା ଜଳ ଓ ପରିମଳ ମିଶନ ର ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ଶୌଚାଳୟ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଗ୍ରାମ୍ୟ, ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିନୟ କୁମାର ରାଉତ, ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଭଦ୍ରକ ପୌରପାଳିକାର ଅଧ୍ୟକ୍ଷା ଗୁଲମକ୍କୀ ଦଲଓ୍ୱାଜି ହବିବ୍, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ପି.ଡ଼ି. ତୁଡ଼ା ବ୍ରଜ ଗୋପାଳ ଆଚାର୍ଯ୍ୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦିବସ ପାଳନର ଆଭିମୁଖ୍ୟ ନେଇ ବକ୍ତବ୍ୟ ରଖିଥିଲେ। ବିଶେଷ କରି ବାହାରେ ମଳ ତ୍ୟାଗ ନ କରି ଭାରତ ସରକାର ଯୋଗାଉଥିବା ଶୌଚାଳୟ ସବୁକୁ ବ୍ୟବହାର କରିବା ନେଇ ସଚେତନ ହେବା, ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖିବା ସମ୍ବନ୍ଧରେ ପରାମର୍ଶ ପ୍ରଦାନ କରାଯାଇଥିଲା। ସୂଚନା ଯୋଗ୍ୟ କି ଭଦ୍ରକ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୨୧୮ ଗ୍ରାମପଞ୍ଚାୟତରେ ୨ ଲକ୍ଷ ୬୫ ହଜାର ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ଘରୋଇ ଶୌଚାଳୟ ଯୋଗାଇ ଦିଆଯିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫ ହଜାର ୬୩୨ ଜଣ ହିତାଧିକାରୀଙ୍କୁ ଶୌଚାଳୟ ଯୋଗାଇ ଦିଆଯାଇଛି। ଜିଲ୍ଲାର ୧ ହଜାର ୨୧୯ ଗ୍ରାମରୁ ଅଦ୍ୟାବଧି ୭୧୩ ଟି ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଛି। ଜିଲ୍ଲାର ସମୁଦାୟ ୨୧୮ ଟି ପଞ୍ଚାୟତରୁ ବର୍ତ୍ତମାନ ସୁଦ୍ଧା ୧୯୯ ଟି ପଞ୍ଚାୟତରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। ଆମ ଶୌଚାଳୟ ଆମ ସମ୍ମାନ ସ୍ଲୋଗାନ ଗ୍ରାମୀଣ ସ୍ତରରେ ସଚେତନତାର ବାର୍ତ୍ତା ପ୍ରଚାର ଓ ପ୍ରସାର ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଶୌଚାଳୟର ସୌନ୍ଦର୍ଯ୍ୟକରଣ, ପରିମଳ କର୍ମଚାରୀ ମାନଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲା ଜଳ ଓ ପରିମଳ ଗ୍ରାମାଞ୍ଚଳ ସଂଯୋଜିକା ରୀତାରାଣୀ ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଜିଲ୍ଲାର ସମସ୍ତ ବି.ଡ଼ି.ଓ., ଜିଲ୍ଲାପରିଷଦ ସଦସ୍ୟ, ସରପଞ୍ଚ, ସ୍ୱଚ୍ଛ ଭାରତ ମିଶନ୍‌ର ଜିଲ୍ଲା ସଂଯୋଜିକା ବ୍ଲକ୍‌ର ସମସ୍ତ ସଂଯୋଜକ / ସଂଯୋଜିକା, ଜିଲ୍ଲାର ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଭଂଜପୁର ଜଗଦ୍ଧାତ୍ରୀମେଳାର ସପ୍ତମ ସନ୍ଧ୍ୟା: ଆଦିବାସୀ ନୃତ୍ୟଗୀତରେ ଦୁଲୁକିଲା ପଡିଆ




ବାରିପଦା , ୧୯/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ସପ୍ତମ ସନ୍ଧ୍ୟାରେ ଟେପ ଦି ଫିଟ ଓ ଶାନ୍ତି ଡ୍ୟାନ୍ସ ଗ୍ରୁପର କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା । ବିଭିନ୍ନ ପ୍ରକାର ନୃତ୍ୟଗୀତରେ ଦର୍ଶକଙ୍କୁ ବିମୋହିତ କରିଥିଲେ କଳାକାର ମାନେ ଓ ଶେଷରେ ମାରିସାର ଆଦିବାସୀ ନୃତ୍ୟଗୀତରେ ମଞ୍ଚ ସହ ପଡିଆ ଦୁଲୁକୁଥିଲା ଓ ମାରିସା ଦଳରେ ଆସିଥିବା ଆଦିବାସୀ ଆଲବମ ଓ ସିନେମାର ତାରକା ମାନଙ୍କର କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ ଓ ସମସ୍ତ ସାଂସ୍କୃତିକ ଦଳକୁ ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା ଓ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଅଂଶ ଗ୍ରହଣ ପ୍ରମାଣ ପତ୍ର ଦେଇ ଉତ୍ସାହିତ କରିଥିଲେ । ସୋମନାଥ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ଆସନ୍ତା କାଲି ଜୀ କିରଣ ତେଜସ୍ୱିନୀ ପରିବେଷଣ କରିବେ ମ୍ୟୁଜିକାଲ ସନ୍ଧ୍ୟା ଓ ପରେ ପରେ ଅନଲି ଓ୍ୱାନ ଡ୍ୟାନ୍ସ ଗ୍ରୁପ ଓ ଶେଷରେ ପରମେଶ୍ୱର ଡ୍ୟାନ୍ସ ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି ।

## ଧର୍ମଘଟରେ ଟିପ୍ପର ଓ ଟ୍ରାକ୍ଟର ଓନର ଏସୋସିଏସନ, ଲଘୁ ଖଣିଜ ସାମଗ୍ରୀ ପରିବହନ ସମ୍ପୂର୍ଣ୍ଣ ବନ୍ଦ



ବେତନଟୀ, ୧୯/୧୧ (ନି.ପ୍ର): ପ୍ରଶାସନର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଏବଂ ରାଜ୍ୟ ସରକାରଙ୍କର ଅପରିଣାମଦର୍ଶୀ ନିଷ୍ପତ୍ତିକୁ ବିରୋଧ କରି ରାଜ୍ୟବ୍ୟାପି ଧର୍ମଘଟକୁ ଓହ୍ଲାଇଥିବା ଟିପ୍ପର ଓ ଟ୍ରାକ୍ଟର ଓନର ଏସୋସିଏସନର ଆନ୍ଦୋଳନ ୧୦ ମ ଦିନରେ ପହଞ୍ଚିଛି । ଏହାର ପ୍ରଭାବରେ ବେତନଟୀ ବ୍ଲକରେ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ଠପ ହୋଇଯାଇଛି । ରାଜ୍ୟ ସଂଘର ଆହ୍ୱାନ କ୍ରମେ ବେତନଟୀ ବ୍ଲକ ଟିପ୍ପର ଓ ଟ୍ରାକ୍ଟର ଓନର ଏସୋସିଏସନ ଧର୍ମଘଟକୁ ଓହ୍ଲାଇଲା ପରେ ଘର ସମେତ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ଇଟା, ବାଲି, ଚିପ୍ସ , ମେଟାଲ ଭଳି ଲଘୁ ଖଣିଜ ସାମଗ୍ରୀ ପରିବହନ ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ଫଳରେ ବିଭିନ୍ନ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ଠପ ହୋଇଯାଇଛି । ଏଭଳି ପରିସ୍ଥିତି ଆଗକୁ ଜାରି ରହିଲେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବା ସହିତ ନିର୍ମାଣ ଶ୍ରମିକ ମାନେ ମଧ୍ୟ କାମ ଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାର ଆଶଙ୍କା ସୃଷ୍ଟି ହୋଇଛି । ଯେତେ ପର୍ଯ୍ୟନ୍ତ ସଂଘର ଦାବି ପୂରଣ ନ ହୋଇଛି ସେତେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସଭାପତି ପ୍ରକାଶ ବେହେରା, ସମ୍ପାଦକ ତପନ ପାଲ, ସହସମ୍ପାଦକ ମାନସ କୁମାର ଜେନା, କୋଷାଧ୍ୟକ୍ଷ ସତ୍ୟକାମ ପଣ୍ଡା, ସଦସ୍ୟ ମନନ ଅଗ୍ରୱାଲ, ମାନସ ଜେନା, ତପନ ସାହୁ, ଆଲୋକ କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ସଦସ୍ୟ ମାନେ ପ୍ରକାଶ କରିଛନ୍ତି । ବେତନଟୀ ସମେତ ବୈଶିଙ୍ଗା, ମାଣତ୍ରୀ, ବଡସାହି, ଖୁଣ୍ଟା, ଦାନ୍ତିଆମୁହାଁ, ଚିତ୍ରଡା, ମୋରଡା, ରାସଗୋବିନ୍ଦପୁର ଓ ଡୁକୁରା ଅଞ୍ଚଳର ଗାଡି ମାଲିକ ସଂଘ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ନାସିକର ହୋଟେଲରେ ୨କୋଟି ଟଙ୍କା ଜବତ, ତଦନ୍ତ ଜାରି

ମୁମ୍ବାଇ, ୧୯/୧୧:ନାସିକ ଜିଲ୍ଲାରେ ଅବସ୍ଥିତ ହୋଟେଲ ରେଡିସନ ବ୍ଲୁର ଏକ ରୁମରୁ ପୋଲିସ ଚଢାଉ କରି ୧ କୋଟି ୯୮ ଲକ୍ଷ ଟଙ୍କା ଜବତ କରିଛି ।ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପୋଲିସ ଟିମ କରୁଛି। ପୋଲିସ ସୁଚନାନୁସାରେ ନାସିକର ହୋଟେଲ ରେଡିସନ ବ୍ଲୁର ଏକ କୋଠରୀରୁ କୋଟି କୋଟି ଟଙ୍କା ରଖାଯାଇଥିବା ନେଇ ସୁଚନା ନିର୍ବାଚନ ଆୟୋଗର ଟିମକୁ ମିଳିଥିଲା ।ଏହି ସୁଚନାକୁ ଆଧାର କରି ନିର୍ବାଚନ ଆୟୋଗର ଟିମ ପୋଲିସ ସହିତ ହୋଟେଲ ରୁମ ଉପରେ ଚଢାଉ କରିଥିଲେ ଏବଂ ଏଠାରେ ପାଂଚଶହ ଟଙ୍କିଆ ନୋଟର ଅନେକ ବଣ୍ଡଲ ଜବତ କରିଥିଲେ। ସୁତ୍ରରୁ ପ୍ରକାଶ ଯେ ହୋଟେଲର ଏହି ରୁମ ଶିବସେନା ସିନ୍ଦେ ଗୋଷ୍ଠୀ ନେତା ସଦାନନ୍ଦ ନଓ୍ୱିଲେଙ୍କ ନାମରେ ବୁକ କରାଯାଇଥିଲା। ବର୍ତ୍ତମାନ ଏହି ଘଟଣାର ଅନୁସନ୍ଧାନ କରାଯାଉଛି।

## ରାଜଧାନୀ ଉପକଣ୍ଠରେ ଗଢିଉଠିବ ନୂଆ ଭୁବନେଶ୍ୱର ବା ନିୟୁ ସିଟି

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ରାଜଧାନୀ ଉପକଣ୍ଠରେ ଗଢିଉଠିବ ନୂଆ ଭୁବନେଶ୍ୱର ବା ନିୟୁ ସିଟି । ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣା, ମଳିପଡା ଦାସପୁର, ଜାରେ ୮୩୬ ଏକରରେ ଗଢି ଉଠିବ ନ୍ୟୁ ସିଟି। ଏନେଇ ସର୍ଭେ କାମ କରାଯାଉଛି। କେନ୍ଦ୍ର ସରକାର ନିୟୁ ସିଟି ଗଠନ ଦିଗରେ ୧ ହଜାରେ କୋଟି ଯୋଗାଇ ଦେବାର ପ୍ରାବଧାନ ରହିଛି । ବିଡିଏ ପକ୍ଷରୁ ଏନେଇ ୧୫ ବର୍ଷୀୟା ପ୍ଲାନିଂ ମଧ୍ୟ ଚାଲିଛି। ଇଂଟରସିଟି ରିଙ୍ଗରୋଡ, ଡ୍ରେନ, ସୋଲାର , ବିଦ୍ୟୁତ ବ୍ୟବସ୍ଥା, ଇଲେକ୍ଟ୍ରି କ ବସ ଚଳାଚଳ ଭଳି ସୁବିଧା ଏହି ନିୟୁ ସିଟିରେ ରହିବ। ରାଜଧାନୀ ଉପକଣ୍ଠର ନୂଆ ଭୁବନେଶ୍ୱର ନ୍ୟୁ ସିଟି ଯୋଗୁ ସହରରେ ଟ୍ରାଫିକ ଗହଳି କମିବ।

## ବିଶିଷ୍ଟ ସାମ୍ୟବାଦୀ ନେତ୍ରୀ ପଦ୍ମାବତୀ ବେହେରାଙ୍କ ପରଲୋକ

ନୀଳଗିରି, ୧୯/୧୧ (ନି.ପ୍ର): ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ସାନପାଟପୁର ଗ୍ରାମର ପଦ୍ମାବତୀ ବେହେରା (୯୧)ଙ୍କ ମଙ୍ଗଳବାର ଦିବା ପ୍ରାୟ ୧୦ଘଟିକା ସମୟରେ ଦେହାନ୍ତ ଘଟିଛି ।ସେ ଜଣେ ଅତ୍ୟନ୍ତ ମିଷ୍ଟଭାଷୀ, ସମାଜସେବୀ, ପରୋପକାରୀ ଦରଦୀ ମଣିଷ ଥିଲେ । ତାଙ୍କର ସ୍ୱାମୀ ସ୍ୱର୍ଗତ ରତ୍ନାକର ବେହେରା ଛାତ୍ରଜୀବନ ରୁ ନୀଳଗିରି ପ୍ରଜାମେଳି ଆନ୍ଦୋଳନରେ ଅଂଶଗ୍ରହଣ କରି ବିଭିନ୍ନ ଗଣ ଆନ୍ଦୋଳନ ଓ ସମାଜସେବାରେ ନିଜକୁ ନିୟୋଜିତ କରିଥିବା ବେଳେ ତାଙ୍କର ପତ୍ନୀ ଭାବରେ ପଦ୍ମାବତୀ ଆଞ୍ଚଳିକ ସ୍ତର ରେ ନିଜକୁ ସେବାରେ ନିୟୋଜିତ କରିଥିଲେ । ତାଙ୍କର ଦେହାନ୍ତ ଖବର ପାଇ ଜ୍ୱାଇଁ, ଝିଅ ଓ ଡାକ୍ତର ନାତି ପହଁଞ୍ଚି ଥିବା ବେଳେ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଏବଂ ସୁକାନ୍ତ କୁମାର ନାୟକ ତାଙ୍କ ନିଧନରେ ଶୋକବ୍ୟକ୍ତ କରିଥିବାବେଳେ । ଶେଷ ଦର୍ଶନପାଇଁ କରୁଣାକର ପରିଡା, କୈଳାଶ ଚନ୍ଦ୍ର ପଣ୍ଡା, ବିଜୟ କୁମାର ସ ଙ୍କ ସମେତ ବହୁ ସାମ୍ୟବାଦୀ କମ୍ୟୁନିଷ୍ଟ ନେତା ବାସଭବନରେ ପହଁଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ବିଶ୍ୱ ଶୌଚାଳୟ ଦିବସ-୨୦୨୪ର ଉଦ୍ଘାଟନୀ ସଭା ଆୟୋଜିତ




ବାଲେଶ୍ୱର, ୧୯/୧୧ (ନି.ପ୍ର): ଜଳ ଜୀବନ ମିଶନ ଅନ୍ତର୍ଗତ ଜିଲ୍ଲା ଜଳ ଓ ପରିମଳ ମିଶନ (ଡିଡବ୍ଲ୍ୟୁଏସ୍‌ଏମ୍) ପକ୍ଷରୁ ଆଜି ପୂର୍ବାହ୍ନ ଘ. ୧୧.୩୦ ଟିକା ସମୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ ନୀଳଗିରି ଶ୍ରୀ ସନ୍ତୋଷ ଖଟୁଆ, ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ ଦତ୍ତ, ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲାପରିଷଦ ଶ୍ରୀ ନାରାୟଣ ପ୍ରଧାନ, ମାନ୍ୟବର ବିଧାୟକ ଜଳେଶ୍ୱରଙ୍କ ପ୍ରତିନିଧି, ମାନ୍ୟବର ବିଧାୟକ ଭୋଗରାଇଙ୍କ ପ୍ରତିନିଧି ଏବଂ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଉପସ୍ଥିତିରେ ବିଶ୍ୱ ଶୌଚାଳୟ ଦିବସ ୨୦୨୪ ର ଉଦଘାଟନୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱଚ୍ଛତା ହିଁ ସେବା ୨୦୨୪ ଅଭିଯାନ ଅନ୍ତର୍ଗତ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ପରିମଳ ମାନରେ ଉନ୍ନତି ଆଣିବା ପାଇଁ ଅସାଧାରଣ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିବା ବିଭିନ୍ନ ହିତାଧିକାରୀ, ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବ୍ଲକ ଏବଂ ସରପଞ୍ଚମାନଙ୍କୁ ସମ୍ମାନିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଏଠାରେ ସୂଚନା ଥାଉ କି କେନ୍ଦ୍ର ସରକାରଙ୍କ ପାନୀୟ ଜଳ ଓ ପରିମଳ ବିଭାଗ ନିର୍ଦ୍ଦେଶାନୁସାରେ ଆଜିଠାରୁ ଆରମ୍ଭ ହୋଇଥିବା ବିଶ୍ୱ ଶୌଚାଳୟ ଦିବସ-୨୦୨୪ ଆଗାମୀ ମାନବାଧିକାର ଦିବସ (ଡିସେମ୍ବର ତା ୧୦ ରିଖ) ରେ ସମାପ୍ତ ହେବ ଓ ଏ ବର୍ଷ ବିଶ୍ୱ ଶୌଚାଳୟ ଦିବସ ଅଭିଯାନର ଥିମ ରହିଛି 'ଆମର ଶୌଚାଳୟ: ଆମର ସମ୍ମାନ' । ଏହା ପରେ ଡିଡବ୍ଲ୍ୟୁଏସ୍‌ଏମ୍ ବୈଠକର ସଂଯୋଜନାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ଉଚ୍ଚସ୍ତରୀୟ ବୈଠକରେ ବ୍ୟାପକ କାର୍ଯ୍ୟାନ୍ୱୟନ ରଣନୀତି ମାଧ୍ୟମରେ ଜିଲ୍ଲାର ଜଳ ଏବଂ ପରିମଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ସମଗ୍ର ଜିଲ୍ଲାରେ ନଳ ଜଳର ସମ୍ପ୍ରସାରଣ ଏବଂ ପ୍ରମୁଖ ପରିମଳ ସମସ୍ୟାର ସ୍ଥାୟୀ ସମାଧାନ ହାସଲ କରିବା ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗର ବରିଷ୍ଠ ଅଧିକାରୀମାନେ ବାଲେଶ୍ୱର ଜିଲ୍ଲାରେ ସ୍ୱଚ୍ଛ ଜଳ ଏବଂ ଉନ୍ନତ ପରିମଳ ସୁବିଧା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟକାରୀ ହେଉଥିବା ସମସ୍ତ ପଦକ୍ଷେପ ଉପରେ ବିସ୍ତୃତ ଭାବରେ ସୂଚନା ଦେଇଥିଲେ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ।

## ସିପିଏସ ପ୍ରିମିୟମ ଲିଗ ଉଦ୍‌ଯାପିତ: ଫାଇଟର୍ସ ଦଳ ଚାମ୍ପିୟନ

ଲଙ୍ଗଳେଶ୍ୱର ୧୯/୧୧( ନିପ୍ର) ବାଲିଆପାଳ ବ୍ଲକ ପଞ୍ଚୁପାଲି ନିକଟ ଦ୍ୱାରିକା ପଡିଆରେ ଅନୁଷ୍ଠିତ ସି ପି ଏସ ପ୍ରିମିୟମ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇ ଯାଇଛି ।ଏଥିରେ ସାତ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳ ଦି ବେଗି ଗ୍ରୀନ ଦଳ ଓ ଏମ ଆର ଫାଇଟର୍ସ ମଧ୍ୟରେ ହୋଇ ଥିଲା। ଦି ବେଗି ଗ୍ରୀନ ଦଳ ଟସ ଜିଣି ବୋଲିଂ ନିଷ୍ପତି ନେଇଥିବା ବେଳେ ଏମ ଆର ଫାଇଟର୍ସ ଦଳ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭର ରେ ଫାଇଟର୍ସ ଦଳ ୨୫୬ ରନ ସଂଗ୍ରହ କରି ନେଇଥିଲା। ପ୍ରତିବଦଳରେ ଗ୍ରୀନ ଦଳ ୧୫୯ ରନ ନେଇଥିଲେ। ଫାଇଟର୍ସ ଦଳ ୯୭ ରନ ରେ ବିଜୟୀ ହୋଇଥିଲେ। ବିଜୟୀ ଦଳର କାହ୍ନୁ ଜେନା ମ୍ୟାନ ଅଫ ଦି ମ୍ୟାଚ, ଇଲେଭେନ ଟାଇଟଲ ନାରାୟଣ ହେମ୍ବ୍ରମ,ବାମନ ପଡ଼ିଆରୀ ବେଷ୍ଟ ବୋଲର ଘୋଷିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୋପାଳ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଫାଇଟର୍ସ ଦଳ କୁ ଟ୍ରଫି ଓ ନଗଦ ୨୨ ହଜାର ଟଙ୍କା ପ୍ରଦାନ କରିବା ସହିତ ରନର୍ସ ଅପ ଦଳ କୁ କପ ଓ ନଗଦ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ନଟବର ଆଚାର୍ଯ୍ୟ ଓ ବରୁଣ ହାଇତ ଖେଳ ପରିଚାଳନା କରିଥିଲେ ।ଟୁର୍ଣ୍ଣାମେଣ୍ଟର ସଭାପତି ଭଜହରି ସେନାପତି, ଉପ ସଭାପତି ଶୁଭମ ଜେନା, ସମ୍ପାଦକ ଅରୁଣ ମଲ୍ଲିକ, ମୁଖ୍ୟ ଉପଦେଷ୍ଟା ବାସୁଦେବ ଦାସ, ଜିତେନ୍ଦ୍ର ପଣ୍ଡିତ, ପ୍ରଶାନ୍ତ ମଣ୍ଡଳ, ସଂଜୀବ ମଣ୍ଡଳ, ସଞ୍ଜୟ ମାଝୀ, ମିଟୁ ନନା, ମାନସ ପ୍ରଧାନ, ହିମାଂଶୁ ଦାସ, ହରେକୃଷ୍ଣ ଗଙ୍ଗାଇ, ରାମ ବାସ୍କେ , ଗୋପାଳ ଜେନା, ଉତ୍ତମ ବାଗ, ଘନଶ୍ୟାମ ବାଗ, ସମାୟ ମାଝୀ, ପ୍ରକାଶ ବାଗ, ପ୍ରିୟରଞ୍ଜନ ପଟ୍ଟାୟତ, ସୁରଥ ପଟ୍ଟାୟତ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ହିନ୍ଦୁ ଜାଗରଣ ପାଇଁ ବୈଠକ

ବାଲିଆପାଳ, ୧୯/୧୧ (ନି.ପ୍ର): ଆଜି ବାଲିଆପାଳର ଡାକ ବଙ୍ଗଳା ଠାରେ ବ୍ଲକର ହିନ୍ଦୁ ମାନଙ୍କୁ ସଂଗଠିତ କରିବା ପାଇଁ ବାଲେଶ୍ୱର ଜିଲ୍ଲାର ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ରଶ୍ମିରଂଜନ ଦାସଙ୍କ ପୌରାହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଦିନକୁ ଦିନ ହିନ୍ଦୁ ମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଥିବା ବେଳେ ସେମାନେ କିଭଳି ଦିନକୁ ଦିନ ଅବହେଳିତ ହୋଇ ରହିଯାଉଛନ୍ତି ସେ ବିଷୟରେ ସ ବିଶେଷ ଆଲିଚନା ହୋଇଥିଲା ।ସାମ୍ପ୍ରତିକ ସମୟରେ ସମସ୍ତ ହିନ୍ଦୁ ପଂଚାୟତ ସ୍ତରରୁ ସଂଗଠିତ ହେବା ଆବଶ୍ୟକ ବୋଲି ସମସ୍ତେ ଅନୁଭବ କରିଥିଲେ। ଏହି ବୈଠକ ରେ ଶ୍ରୀହରି ମଣ୍ଡଳ, ଗଙ୍ଗାଧର ମହାନ୍ତି, ସନ୍ନ୍ୟାସୀ ବେହେରା, ବିଜୟ ପାତ୍ର ବିରମାଧବ ଦାସ, ଗୋବିନ୍ଦ ପାତ୍ର, ଜଗନ୍ନାଥ ଦେ, କ୍ଷିତିଶ କୁମାର ପାଠୀ,ମନ୍ମଥ ପାତ୍ର, ମନୋରଞ୍ଜନ ବେହେରା, ଗୌରହରୀ ଦେ, ରବୀନ୍ଦ୍ର ଦାସ ଯୋଗ ଦେଇଥିଲେ ।ବାଲିଆପାଳର ବିଜେପି ନେତା ଅରବିନ୍ଦ ବେହେରା ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo